

‘ପ୍ରଚଣ୍ଡ’ରେ ଉଡ଼ିଲେ ରାଷ୍ଟ୍ରପତି

ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

**ସହସମ୍ପାଦକ ଆବଶ୍ୟକ**

ଦୈନିକ ‘ସଂଚାର’ ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 336 ଭାଗ ୩୩ | ସଂଖ୍ୟା ୩୩୬ | Saturday 28 February 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୨୮ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଯୁଦ୍ଧକୁ ଓହ୍ଲାଇଲେ ପାକିସ୍ତାନ-ଆଫଗାନିସ୍ତାନ

- ପାକିସ୍ତାନ ସେନା ବେସ୍‌ରେ ତାଲିବାନର ଏୟାରଷ୍ଟ୍ରାଇକ୍
- ୧୩୦ ଆଫଗାନୀ ଓ ୫୫ ପାକିସ୍ତାନୀଙ୍କ ମୃତ୍ୟୁ ଦାବି
- ଚିନ୍ତା ପ୍ରକଟ କଲେ ଜାତିସଂଘ, ରୁଷିଆ ଓ ଚୀନ୍
- ଆଫଗାନିସ୍ତାନର ଡୁରାଣ୍ଡ ଲାଇନ୍ କବ୍‌ଜା ଦାବି



ନୂଆଦିଲ୍ଲୀ,୨୭।୨: ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଜିଠାରୁ ଆରମ୍ଭ ହୋଇଛି ଯୁଦ୍ଧ। ଉଭୟ ଦେଶ ଖୋଲାଖୋଲି ଭାବେ ଘୋଷଣା କରିବା ପରେ ପରସ୍ପର ବିରୋଧରେ ଚାଲିଛି ମିସାଇଲ୍ ମାଡ଼। ଏସିଆ ମହାଦେଶର ଏହି ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ଚିନ୍ତା ବଢ଼ାଇଛି। ତାଲିବାନ ଶାସିତ ଆଫଗାନିସ୍ତାନ ରକ୍ତମୁଖା ହୋଇଉଠିଛି। ପାକିସ୍ତାନ ପଟୁ ଯେକୌଣସି ଆକ୍ରମଣର କଡ଼ାଜବାବ ଦେଉଛି ତାଲିବାନ। ଏବେ ପାକିସ୍ତାନର ରାଜଧାନୀ ଇସଲାମାବାଦକୁ ଟାର୍ଗେଟ କରିଛି ତାଲିବାନ। ଇସଲାମାବାଦ ନିକଟସ୍ଥ ପାକିସ୍ତାନର ସେନା ବେସକୁ ଟାର୍ଗେଟ କରି ଏୟାରଷ୍ଟ୍ରଇକ୍ କରାଯାଇଛି ବୋଲି ଶୁକ୍ରବାର ତାଲିବାନ ପକ୍ଷରୁ ସୂଚନା ଦିଆଯାଇଛି। ପାକିସ୍ତାନର ଆଭ୍ୟନ୍ତରୀଣ ଅଞ୍ଚଳରେ ତାଲିବାନର ମିସାଇଲ୍ ମାଡ଼ ପରେ ଯୁଦ୍ଧର ତୀବ୍ରତା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି।

ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଆଜି ପ୍ରାୟ ପୂର୍ବାହ୍ନ ୧୧ଟା ସମୟରେ ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟର ବାୟୁସେନା ଇସଲାମାବାଦର ଫୈଜାବାଦ ନିକଟରେ ଏକ ସାମରିକ ଶିବିର ନୌଶେରାରେ ସମନ୍ୱିତ ବିମାନ ଆକ୍ରମଣ କରିଥିଲା। କାବୁଲ, କାନ୍ଦାହାର ଏବଂ ପାକଟିଆର କିଛି ଅଂଶରେ ପାକିସ୍ତାନ ପକ୍ଷରୁ ବିମାନ ଆକ୍ରମଣ କରାଯିବା ପରେ ଏହି ଆକ୍ରମଣ କରାଯାଇଛି।

ଏହା ପୂର୍ବରୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଘୋଷଣା କରିଥିଲେ ଯେ ପାକିସ୍ତାନ ଆଫଗାନିସ୍ତାନ ବିରୁଦ୍ଧରେ ‘ଖୋଲା ଯୁଦ୍ଧ’ କରୁଛି। ପୃଷ୍ଠା-୬

## ନୀତିନଙ୍କୁ ଭେଟିଲେ ମୋହନ



- ସାଙ୍ଗଠନିକ ସ୍ଥିତି ଓ ସମନ୍ୱୟ ନେଇ ଆଲୋଚନା
- ଗଡ଼ ରକ୍ଷା ପାଇଁ ଅଧ୍ୟକ୍ଷ ଟିପ୍ସ ଦେଇଥିବା ଚର୍ଚ୍ଚା

ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଆସନ୍ତା ୫ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସହ ଦଳୀୟ ନେତାଙ୍କୁ ଭେଟି ସଂଗଠନ ନେଇ ମଧ ଆଲୋଚନା କରିବେ। ତା’ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଭେଟିଛନ୍ତି। ବିଜେପି ମୁଖ୍ୟାଳୟରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭେଟି ରାଜ୍ୟରେ ଦଳର ସାଙ୍ଗଠନିକ ସ୍ଥିତି ଓ ସମନ୍ୱୟ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ସାଙ୍ଗଠନିକ ସମନ୍ୱୟକୁ ସୁଦୃଢ଼ କରିବା ଓ ବିକାଶ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସୁଶାସନ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଓ ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନର ମିଳିତ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରାଯାଇଥିବା ମୁଖ୍ୟମନ୍ତ୍ରୀ ପୃଷ୍ଠା-୬

● ଲାଞ୍ଚ ନେବାବେଳେ ଧରାପଡ଼ିଲେ ଆର୍‌ଆଇ

## ରିପୋର୍ଟ ଦେବାକୁ ମାଗିଥିଲେ ୫ ହଜାର



ରାଜନଗର,୨୭।୨ (ସଂଚାର ବ୍ୟୁରୋ): ଏକ ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ଦାଖଲ କରିବା ସକାଶେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)। କେରେଡ଼ାଗଡ଼ ଆର୍‌ଆଇ ପ୍ରଦ୍ୟୁମ୍ନ କେଶରୀ ବେହୁରା ଆଜି ଜନୈକ ଜମି ମାଲିକଙ୍କ ସପକ୍ଷରେ ଅନ୍‌ଲାଇନରେ ଆବେଦନ କରାଯାଇଥିବା ମ୍ୟୁଟେସନ୍ ମାମଲାରେ (ଉପ୍ତି ଅପଡେସନ୍ ପାଇଁ) ଅନୁକୂଳ ରିପୋର୍ଟ ଦାଖଲ କରିବା ସକାଶେ ୫ ହଜାର ଟଙ୍କା ମାଗିଥିଲେ। ଏନେଇ ଉକ୍ତ ଜମି ମାଲିକ ଜଣଙ୍କ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଭିଜିଲାନ୍ସର ଏକ ଟିମ୍ ରାଜନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ତହସିଲ ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ଼ ଥିବାରୁ ତହସିଲ ସମ୍ମୁଖରେ ଥିବା ମାଛ ଧରା ଜେଟି ପୃଷ୍ଠା-୬

## ସମବାୟ ମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ଝଡ଼

- ତ୍ରିଲୋଚନ ୫୧.୨୦ କ୍ୱିଣ୍ଟାଲ ଧାନ ବିକିଲେ
- ୩୮.୯୦ କ୍ୱିଣ୍ଟାଲ ଧାନର ପଇସା ପାଇଲେ
- ବିରୋଧୀଙ୍କ ଅଭିଯୋଗ, ଚାଷୀଙ୍କ ପ୍ରତି ନାହିଁ ସମବେଦନା



ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ରାଜନଗର ଚାଷୀ ତ୍ରିଲୋଚନ ମୃତ୍ୟୁକୁ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ବିବୃତ୍ତିକୁ ନେଇ ସୃଷ୍ଟି ହୋଇଛି ରାଜନୈତିକ ଝଡ଼। ଜଣେ ଚାଷୀ ୪୦ ଦିନ ମଣ୍ଡିରୁ ମିଲ୍‌କୁ ଦୌଡ଼ି ଦୌଡ଼ି ସବୁଠି ହତାଶ ହେଲା, ଲାଞ୍ଚ ବି ଦେଲା। ଯାହାକୁ ନେଇ ହୃଦ୍‌ଘାତରେ ତା’ର ମୃତ୍ୟୁ ହେଉଛି। ହେଲେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କୌଣସି ତଦନ୍ତ ରିପୋର୍ଟ ବିନା କହିଲେ ଚାଷୀ ଜଣକ ଅନ୍ୟ ଶାରିରୀକ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଛି। ସମବାୟ ମନ୍ତ୍ରୀଙ୍କ ଏଭଳି ବୟାନକୁ ନେଇ ବିରୋଧୀ କଂଗ୍ରେସ, ବିଜେଡି ସହ ଚାଷୀ ସଂଗଠନମାନେ ସରକାରଙ୍କୁ ସମାଲୋଚନା କରିଛନ୍ତି। ତ୍ରିଲୋଚନଙ୍କ ମୃତ୍ୟୁ ପାଇଁ ପ୍ରଥମ ଦିନରୁ ସମବାୟ ସମ୍ପାଦକ ଓ ମିଲରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ସମବାୟ ମନ୍ତ୍ରୀ କାହାକୁ କ୍ଲିନ୍‌ଚିଟ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ପ୍ରଶ୍ନ ଉଠୁଛି।

ମୃତ ଚାଷୀ ତ୍ରିଲୋଚନଙ୍କ ଟୋକନ୍ ଓ ମିଲର୍ ଧାନ ରିସିଭ୍ ଚିଠା ସବୁକିଛି ସୋସିଆଲ ମିଡିଆରେ ଘୂରିବୁଲୁଛି। ଆଖି ସ୍କାନ୍ ରିପୋର୍ଟ କହୁଛି, ଫେବ୍ରୁଆରୀ ୧୪ରେ ତ୍ରିଲୋଚନ ଡାଙ୍ଗମାଳ ସୋସାଇଟିରେ ୩୮ କୁଇଣ୍ଟାଲ ୯୦ କିଲୋ ଧାନ ଦେଇଛନ୍ତି। ଅନ୍ୟପଟେ ଫେବ୍ରୁଆରୀ ୨୫ରେ ରାମଚଣ୍ଡୀ ରାଇସ ମିଲ୍ ମାଲିକ ତାଙ୍କଠାରୁ ୫୧ କୁଇଣ୍ଟାଲ ୨୦ କେଜି ଧାନ ଗ୍ରହଣ କରିଥିବା ଚିଠା ଦେଇଛନ୍ତି। ଯଦି ତ୍ରିଲୋଚନ ୧୪ରେ ମଣ୍ଡିରେ ପୃଷ୍ଠା-୬

अବକାରୀ ନୀତି ଦୁର୍ନୀତି ମାମଲା

## କେଜରିୱାଲ ଓ ସିସୋଦିଆ ଦୋଷମୁକ୍ତ

- ସମସ୍ତ ୨୩ ଅଭିଯୁକ୍ତ ଖଲାସ
- ସିବିଆଇର ଅଭିଯୋଗପତ୍ରକୁ ଅଗ୍ରାହ୍ୟ
- ମାମଲା ପରିଚାଳନା ପାଇଁ ନାହିଁ ଯଥେଷ୍ଟ ପ୍ରମାଣ
- ଭାବପ୍ରବଣ ହେଲେ ଅରବିନ୍ଦ
- ଉପର କୋର୍ଟ ଯିବ ସିବିଆଇ




ନୂଆଦିଲ୍ଲୀ,୨୭।୨: ବହୁଚର୍ଚ୍ଚିତ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ସିଂହ ଏହି ରାୟ ଦେଇ ସିବିଆଇକୁ ତୀବ୍ର ଭର୍ତ୍ସନା କରି ତଦନ୍ତକାରୀ ସଂସ୍ଥା ଆଣିଥିବା ଅଭିଯୋଗ ବିରୋଧରେ ବିଶ୍ୱସନୀୟ ପ୍ରମାଣ ଉପସ୍ଥାପନ କରିପାରିନାହିଁ ବୋଲି କହିଛନ୍ତି। ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗପତ୍ରକୁ ଗ୍ରହଣ କରିବାକୁ କୋର୍ଟ ମନା କରିବା ସହ ମାମଲା ପରିଚାଳନା ପାଇଁ ସିବିଆଇ ପାଖରେ ଯଥେଷ୍ଟ ପ୍ରମାଣ ନାହିଁ ବୋଲି କହିଥିଲେ। ମାମଲାର ଶୁଣାଣି ବେଳେ କେଜ୍ରିୱାଲ ଓ ସିସୋଦିଆ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି କହିଥିଲେ ଯେ ଅବକାରୀ ନୀତିରେ କୌଣସି ବ୍ୟାପକ ଷଡ଼ଯନ୍ତ୍ର କିମ୍ବା ଅପରାଧିକ ଅଭିସନ୍ଧି ନଥିଲା। କୋର୍ଟ କେଜ୍ରିୱାଲଙ୍କ ସମେତ ସମସ୍ତ ୨୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ବନ୍ଦ କରିଦେଇଛନ୍ତି। ସିବିଆଇକୁ ପୃଷ୍ଠା-୬

ମହାନଦୀ ଜଳ ବିବାଦ

## ଦୁଇ ରାଜ୍ୟ ସହ ଟ୍ରିବ୍ୟୁନାଲଙ୍କ ଆଲୋଚନା

- ପାୱାର ହାଉସରେ ସ୍ଥିତିର କଲେ ଯାଞ୍ଚ
- ଗସ୍ତକୁ ମହାନଦୀ ବଞ୍ଚାଅ ସମିତିର ବିରୋଧ
- କାଦୁଅଫିଙ୍ଗା ରାଜନୀତିରେ ବିଜେପି-ବିଜେଡି



ସମ୍ବଲପୁର,୨୭।୨(ସଂଚାର ବ୍ୟୁରୋ): ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଟ୍ରିବ୍ୟୁନାଲ ଆଜିଠୁ ଦୁଇ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ନେଇ ଉଦ୍ୟମ ଆରମ୍ଭ କରିଛି। ହୀରାକୁଦ ଡ୍ୟାମ ଅଶୋକ ନିବାସରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟମାନେ ଛତିଶଗଡ ଓ ଓଡିଶା ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡ୍ୟାମ ଓ ମହାନଦୀର ସ୍ଥିତି ନେଇ ଉଭୟ ପକ୍ଷ ସହ ଆଲୋଚନା କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ ସମ୍ବଲପୁରରେ ଅଛନ୍ତି। ବୈଠକ ସରିବା ପରେ ପ୍ରଥମେ ହୀରାକୁଦ ଡ୍ୟାମ୍ ଯାଇ ସ୍ଥିତି ପରଖିଛନ୍ତି।

ପରେ ବୁର୍ଲା ପାୱାର ହାଉସ୍ ଓ ଚିପିଲିମା ପାୱାର ହାଉସ୍ ଯାଇ ମହାନଦୀର ସ୍ଥିତି ଆକଳନ କରିଛନ୍ତି। କାଲିଠୁ ୩ ଦିନ ଧରି ପୁରୀ, କୋଣାର୍କ, ସାତପଡ଼ା, ଚିଲିକା, ଲିଙ୍ଗରାଜ ମନ୍ଦିର ଭଳି ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନସ୍ଥଳୀ ବୁଲିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ଅନେକ ବର୍ଷ ହେଲା ରହିଛି। ଟ୍ରିବ୍ୟୁନାଲରେ ଝୁଲିରହିଛି ମହାନଦୀର ପୃଷ୍ଠା-୬

‘ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ’ରେ ଧର୍ମେନ୍ଦ୍ର

## ସ୍ୱାସ୍ଥ୍ୟ, ଶିକ୍ଷା ସହ ରୋଜଗାରକୁ ପ୍ରାଥମିକତା ଦେବାକୁ ଆହ୍ୱାନ

‘ଆଶା’ ଓ ‘ଗାଁ କଲ୍ୟାଣ ସମିତି’ ସଦସ୍ୟ ପ୍ରକୃତ ସୈନିକ

ଆଶାକର୍ମୀ ଯମୁନାମଣି ସିଂହଙ୍କୁ ମନେ ପକାଇଲେ



ସମ୍ବଲପୁର,୨୭।୨(ସଂଚାର ବ୍ୟୁରୋ): ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପାନୀୟ ଜଳ ଓ ରୋଜଗାରକୁ ପ୍ରାଥମିକତା ଦେବାକୁ ହେବ। ଏହା କେବଳ ସରକାରୀ ଯୋଜନା ନୁହେଁ, ବରଂ ଏକ ସାମାଜିକ ଜନଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାକାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ ‘ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ’ରେ ଯୋଗଦେଇ ଶ୍ରୀ ପ୍ରଧାନ ‘ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହାୟତା’ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେ ‘ଆଶା’ ଓ ସମିତିର ସଦସ୍ୟମାନଙ୍କ ସହ ସିଧାସଳଖ ଆଲୋଚନା କରି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଛନ୍ତି।

ସମ୍ବଲପୁରର ବିକାଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ‘ଆଶା’ ଓ ‘ଗାଁ କଲ୍ୟାଣ ସମିତି’ର ସଦସ୍ୟମାନେ ପ୍ରକୃତ ସୈନିକ ବୋଲି କହିବା ସହ କେନ୍ଦ୍ର ମନ୍ତ୍ରୀ ଆଶା କର୍ମୀମାନଙ୍କୁ ସମାଜର ‘ରାଣୀ ଝାନ୍ସି’ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ ଗର୍ଭବତୀ ମା’କୁ ସାହାଯ୍ୟ ଦରକାର ହୁଏ କିମ୍ବା ଶିଶୁର ଟୀକାକରଣର ସମୟ ଆସେ, ସେତେବେଳେ ପ୍ରଥମେ ଆଶା ଦିଦିଙ୍କ କଥା ମନକୁ ଆସେ। ମାତୃ ଓ ଶିଶୁ ପୃଷ୍ଠା-୬



### କାନ ଡେରିଥା

ବାଲି ମାଫିଆଙ୍କୁ
ସୁରକ୍ଷିତ ସେବା
ପୁଲିସ ଏଠି ଦିଅନ୍ତି
ଏହି ସେବା ପାଇଁ
ଲକ୍ଷଲକ୍ଷ ଟଙ୍କା
ମାସିକିଆ ନେଇଥାନ୍ତି
ପଚାରିଲେ ଉଚ୍ଛୁଳନ୍ତି...
ନାଲି ଆଖି ସିଏ
ଦେଖାଇ ଦେଖାଇ
ରାଜସ୍ୱ ଚଳୁ କରନ୍ତି।

■ ଦେବାଶିଷ

## ଡାକିକି କଥା ହେଲେନି ନବୀନ



- ଆଜିକୁ ରହିଲା ଆଲୋଚନା
- ସଂତୃପ୍ତ ପ୍ରାର୍ଥୀ ହେବା ଏକପ୍ରକାର ସ୍ଥିର

ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ନବୀନ ନିବାସରୁ ଆଜି ସବୁ ବିଧାୟକଙ୍କୁ ଡାକରା ଆସିଥିଲା। ସାଙ୍ଗଠନିକ ଆଲୋଚନା ସହ ରାଜ୍ୟସଭା ପ୍ରାର୍ଥୀ ନେଇ ଆଲୋଚନା ହେବ ବୋଲି ବିଧାୟକମାନେ ଯାଇ ପହଞ୍ଚିଥିଲେ। ହେଲେ ଚାରି ପାଞ୍ଚ ଜଣଙ୍କୁ ବାଦ୍ ଦେଇ ନବୀନ ଆଉ କାହା ସହ କଥା ହୋଇନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ନେତାମାନେ ଭିତରକୁ ଯାଇ ନବୀନଙ୍କୁ ଭେଟିବା ପରେ ଶନିବାର ପୁଣି ଆଲୋଚନାକୁ ଆସିବା ପାଇଁ ସୂଚନା ଦେଇଥିଲେ।

ଏହି ସୂଚନା ଅନୁଯାୟୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ପୁଣିଥରେ ବରିଷ୍ଠ ନେତାମାନେ ନବୀନ ନିବାସରେ ଏକାଠି ହେବା ସହ ଆଲୋଚନା କରିବେ। ତେବେ ସମସ୍ତଙ୍କ ନଜର ଦଳର ରାଜ୍ୟସଭା ପ୍ରାର୍ଥୀଙ୍କ ଉପରେ ଥିବା ବେଳେ ବିଜେଡି ନେଇଥିବା ୬ ସେଟ୍ ନାମାଙ୍କନପତ୍ର ମଧ୍ୟରୁ ୩ ସେଟ୍ ସଂତୃପ୍ତ ମିଶ୍ରଙ୍କ ନାମରେ କିଣାଯାଇଥିବାରୁ ଶ୍ରୀ ମିଶ୍ର ରାଜ୍ୟସଭା ଯିବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ହେଉଛି। ତେବେ ଦଳ ଭିତରେ ଗୋଟିଏ ଗୋଷ୍ଠୀ ତାଙ୍କୁ ସମର୍ଥନ କରୁନାହାନ୍ତି। ବିଜେଡି ରାଜନୀତିରେ ଶ୍ରୀ ମିଶ୍ର ନବାଗତ ହୋଇଥିବାରୁ ତାଙ୍କ ସ୍ଥାନରେ ଅନ୍ୟ କୌଣସି ପୁରୁଖା ନେତାଙ୍କୁ ପଠାଇବାକୁ ସେମାନେ ମତ ଦେଉଛନ୍ତି।

ଅନ୍ୟପକ୍ଷରେ ବିଜେଡି ଯେହେତୁ ଦୁଇ ଜଣ ପ୍ରାର୍ଥୀଙ୍କ ପାଇଁ ନାମାଙ୍କନପତ୍ର ନେଇଛି, ସେହି ଦ୍ୱିତୀୟ ପ୍ରାର୍ଥୀ ଜଣଙ୍କ କିଏ ବୋଲି ଏବେ ଘମାଘୋଟ ଆଲୋଚନା ଚାଲିଛି। ବିଜେଡି ଦ୍ୱିତୀୟ ପ୍ରାର୍ଥୀ ଦେଲେ ତାଙ୍କୁ କିଭଳି ଜିତାଇବ, ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। କାରଣ ବିଜେଡି ନିକଟରେ ୪୮ ଜଣ ବିଧାୟକ ଥିବା ବେଳେ ୩୦ ଜଣଙ୍କ ଭୋଟରେ ଜଣେ ରାଜ୍ୟସଭା ପ୍ରାର୍ଥୀ ବିଜୟୀ ହେବେ। ଦ୍ୱିତୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ହେଲେ ଅନ୍ୟ ଦଳର ସହଯୋଗ ଆବଶ୍ୟକ।

ଯେହେତୁ ବିଜେପି ତିନି ଜଣ ପ୍ରାର୍ଥୀଙ୍କୁ ଜିତାଇବ ଓ କଂଗ୍ରେସ ନିଜସ୍ୱ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି, ତେଣୁ ବିଜେଡି ପ୍ରାର୍ଥୀଙ୍କୁ କିଏ ଭୋଟ ଦେବ, ତାହା ଉପରେ ସମସ୍ତଙ୍କ ନଜର। ତେବେ ନବୀନ ସମସ୍ତଙ୍କ ଚକ୍‌ମା ଦେଇ ଜଣେ ସର୍ବସମ୍ମତ ପ୍ରାର୍ଥୀ ଦେବେ ବୋଲି ପୃଷ୍ଠା-୬

## କଂଗ୍ରେସ ନେଲା ନାମାଙ୍କନପତ୍ର

ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଆଜି ଆଉ ପାଦେ ଆଗକୁ ଯାଇ ବିଧାନସଭାରୁ ତିନି ସେଟ୍ ନାମାଙ୍କନପତ୍ର ନେଇଛି। କଂଗ୍ରେସ ବିଧାୟକ ସତ୍ୟଜିତ୍ ଗମାଙ୍ଗ ବିଧାନସଭାରୁ ଏହାକୁ ନେବା ପରେ ଏବେ କଂଗ୍ରେସ ରାଜନୀତି ଚଳଚଞ୍ଚଳ ହୋଇଛି। କଂଗ୍ରେସ ହାତରେ ଯଦିଓ ନିଜର ୧୪ ଜଣ ବିଧାୟକ ସହ ଜଣେ ସିପିଏମ୍ ବିଧାୟକଙ୍କ ସମର୍ଥନ ରହିଛି, ତେଣୁ ଦଳ ଜଣେ ସର୍ବସମ୍ମତ ପ୍ରାର୍ଥୀଙ୍କୁ ଛିଡ଼ା କରି ଉଭୟ ବିଜେଡି ଓ ବିଜେପିକୁ ଚକ୍‌ମା ଦେବା ପାଇଁ ଉଦ୍ୟମ କରୁଛି। ଏହି ତାଲିକାରେ ଏବେ ଲଳିତ ମାନସିଂହ, ଡାକ୍ତର ସୁବ୍ରତ ଆଚାର୍ଯ୍ୟ ଓ ପ୍ରଭାସ ପଟ୍ଟନାୟକଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁ ଥିବା ଚର୍ଚ୍ଚା ହେଉଛି। ଦଳର ପ୍ରଦେଶ କଂଗ୍ରେସ ମୁଖ୍ୟ ପ୍ରଥମେ ପ୍ରାର୍ଥୀ ଦିଆଯିବ ବୋଲି କହିବା ପରେ ଏବେ ଏହାର ନିଷ୍ପତ୍ତି କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଉପରେ ଛାଡ଼ିଛନ୍ତି। ଶ୍ରୀ ଦାସ ମଧ୍ୟ ୫ଜଣିଆ ସର୍ବସମ୍ମତ ପ୍ରାର୍ଥୀ ତାଲିକା ଧରି ଦିଲ୍ଲୀ ଯାଇଛନ୍ତି।

## ମୃତ ଚାଷୀ ପରିବାରକୁ ଭେଟିଲେ କଂଗ୍ରେସ ନେତା



ରାଜନଗର,୨୭।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ଜୁଣଗଡି ଗ୍ରାମର ମୃତ ଚାଷୀ ତ୍ରିଲୋଚନ ନାୟକଙ୍କ ପରିବାରକୁ ଭେଟିଛନ୍ତି କଂଗ୍ରେସ ନେତା। ଆଜି ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ବରିଷ୍ଠ ନେତା ନିରଞ୍ଜନ ବାରିକ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ବିଜୟ କୁମାର ରାଉଳ ପ୍ରମୁଖ ମୃତ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପ୍ରଶାସନର ଖାମ୍ ଖିଆଲ ନୀତି ଓ ଦାୟିତ୍ୱହୀନତା ପାଇଁ ତ୍ରିଲୋଚନ ମୃତ୍ୟୁ ଘଟିଛି ବୋଲି ଦାବି କରିଛନ୍ତି। ସମ୍ପୃକ୍ତ ମିଲର ଓ ସମବାୟ ସମିତିର ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ମୃତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରିଛନ୍ତି।

## ଜିଲ୍ଲା ସାରା ବୁଲିବ ବାଲ୍ୟବିବାହମୁକ୍ତ ରଥ



କେନ୍ଦ୍ରାପଡା,୨୭।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଦୁଇଗୋଟି ବାଲ୍ୟ ବିବାହ ମୁକ୍ତ ରଥକୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲା ପ୍ରଶାସନର ସହଯୋଗ କ୍ରମେ ଅଗ୍ରଣୀ ସମାଜସେବୀ ସଂଗଠନ ଉତ୍କଳ ସେବକ ସମାଜ ଦ୍ୱାରା ଏହି ରଥଟି ଜିଲ୍ଲାର ୮ଗୋଟି ବ୍ଲକର ସମସ୍ତ ପଂଚାୟତ ବୁଲି ଜନସାଧାରଣଙ୍କୁ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା କରାଇବ। ଉତ୍କଳ ସମାଜର ସମ୍ପାଦକ ଡକ୍ଟର ଅମୀୟ ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଶ୍ରମ ଅଧିକାରୀ ଏ.ପି ମହା ମାନସିଂହ ପ୍ରମୁଖ ଉପସ୍ଥିତ ରହି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦିଙ୍କର ୨୦୩୦ ସୁଦ୍ଧା ବାଲ୍ୟବିବାହ ମୁକ୍ତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ରଥ ଜନସାଧାରଣଙ୍କୁ ସଚେତନ କରିବ। ସେହିପରି ମହାକାଳପଡା ବ୍ଲକ ପାଇଁ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଏକ ସ୍ୱତନ୍ତ୍ର ରଥକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି । ଏହି ରଥଟି ମହାକାଳପଡା ବ୍ଲକର ପ୍ରତ୍ୟେକ ପଂଚାୟତ ଓ ଗ୍ରାମ ଗୁଡିକ ବୁଲି ବାଲ୍ୟ ବିବାହ ବନ୍ଦ ପାଇଁ ଜନସାଧାରଣଙ୍କୁ ସଚେତନ କରିବ ।

## ଦେପୁର ହାଇସ୍କୁଲରେ ଚାରାରୋପଣ ଓ ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କେନ୍ଦ୍ରାପଡା, ୨୭।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ ଦେପୁର ସରସ୍ୱତୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାଗ୍‌ଦେବୀ ମା ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡା ଓଷ୍ଟାର ସଭାପତି ଅଶୋକ କୁମାର ପରିଡା, ସଂପାଦକ ଭଗବାନ ସାହୁ, ରାଜ୍ୟ ସଂପାଦକ ପ୍ରଣବ କୁମାର ଜେନା, କେନ୍ଦ୍ରାପଡା ବ୍ଲକ ଓଷ୍ଟାର ସଭାପତି ତପନ କୁମାର ଦାସ, ସଂପାଦକ ନାରାୟଣ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ହତାରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନୋଜ କୁମାର ନାୟକ ମା'ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ କାର୍ଯ୍ୟ ସଂପାଦନ କରିଥିଲେ ।

## ଚଉଦକୁଲାଟ ପ୍ୟାକ୍ସରେ ସମ୍ପାଦକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡା,୨୭।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ କୃଷି ସମବାୟ ସମିତିରେ ଶୁକ୍ରବାର ସଭାପତିଙ୍କ ନୂତନ ଗୃହ ଉଦ୍‌ଘାଟନ, ପରିଚାଳନା ପରିଷଦ ବୈଠକ ଓ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ସମ୍ପାଦକ ହେମନ୍ତ କୁମାର ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏ ନେଇ ପ୍ୟାକ୍ସର ସଭାପତି ଦୁର୍ଗାଶୀଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସରପଂଚ ରମାକାନ୍ତ ମଲ୍ଲିକ, ପୂର୍ବତନ ସଭାପତି ରଞ୍ଜନ କୁମାର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ୟାକ୍ସରେ ଚାଷୀମାନେ ସୁରୁଖୁରୁରେ ଧାନ ଦେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ୟାକ୍ସର ସମସ୍ତ କର୍ମଚାରୀଙ୍କ ସମେତ ସ୍ଥାନୀୟ ବୁଦ୍ଧିଜିବୀମାନେ ସହଯୋଗ କରିଥିଲେ ।

## ମହାକାଳପଡ଼ାରେ ଭତ୍ତା କେଳେଙ୍କାରୀ

# ଅଗ୍ରୀମ ନେଇ ୪,୫୫,୨୧୮ ସ୍ୱାହା !

### ଭତ୍ତା ପାଇଁ ନେଇଥିଲେ ପଞ୍ଚାୟତ କର୍ତ୍ତୃପକ୍ଷ ଓ କର୍ମଚାରୀ

### ୧୩ ପଞ୍ଚାୟତର ତଥ୍ୟକୁ ନେଇ ସନ୍ଦେହ

### ସବୁ ଜାଣି ଚୁପ୍ ପ୍ରଶାସନ




ମହାକାଳପଡ଼ା,୨୭।୨(ସଂଚାର ବ୍ୟୁରୋ): ପଞ୍ଚାୟତର ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ପ୍ରଦାନ ପାଇଁ ସରପଞ୍ଚ, ପିଇଓ, ଜିଆରଏସ ଆଦି ବ୍ଲକ୍‌ରୁ ଯେଉଁ ଟଙ୍କା ନେଇଥିଲେ, ଭତ୍ତା ବାଣ୍ଟିବା ପରେ ବଳକା ଅର୍ଥ ନଫେରାଇ ନିଜ ନିଜ ପାଖରେ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜଣେ ସରକାରୀ ଅର୍ଥକୁ ବ୍ୟକ୍ତିଗତ ସମ୍ପତ୍ତି ଭାବି ଲକ୍ଷ ଲକ୍ଷ ଟଙ୍କା ନିଜ ପାଖରେ ରଖିଛନ୍ତି। ଏ ଘଟଣା ଲୋକଲୋଚନକୁ ଆସିବା ପରେ ଏବେ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ବ୍ଲକ୍‌ରେ ପଞ୍ଚାୟତର ପୂର୍ବତନ ସରପଞ୍ଚ, ପିଇଓ ଓ ଜିଆରଏସମାନେ ଭତ୍ତା ବାଣ୍ଟିବା ପାଇଁ ଉଠାଇଥିବା ଟଙ୍କା ହିତାଧିକାରୀଙ୍କୁ ବାଣ୍ଟିବା ପରେ ଅବଶିଷ୍ଟ ବଳକା ଟଙ୍କା ବ୍ଲକ୍‌ରେ ଦାଖଲ ନକରି ନିଜ ନିଜ ପାଖରେ ରଖିଛନ୍ତି। ସୂଚନା ଅଧିକାର କର୍ମୀ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ କୁମାର ସେଠୀ ଏମିତି ଏକ ଘଟଣାକୁ ଲୋକଲୋଚନକୁ ଆଣିବା ପରେ ମହାକାଳପଡ଼ା ବ୍ଲକରେ ପ୍ରଶାସନ କେତେ ଦକ୍ଷତାର ସହିତ କାର୍ଯ୍ୟ କରୁଛି ତାହାର ଚିତ୍ର ସାମ୍ନାକୁ ଆସିଛି। ପଞ୍ଚାୟତ ଅଧୀନରେ ଭତ୍ତା ଟଙ୍କାର କ୍ୟାସ ବୁକ୍ ଜନିତ ସୂଚନା ପାଇଁ ସୁବ୍ରତ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ହେଲେ ଯେଉଁ ୨୦ଟି ପଞ୍ଚାୟତର ତଥ୍ୟ ତାଙ୍କ ହାତରେ ଲାଗିଛି ତାହା ପୁରା ପ୍ରଶାସନର ଢିଲା ପଣକୁ ଏବେ ପଦାକୁ ଆଣିଛି। ସୁବ୍ରତଙ୍କୁ ମିଳିଥିବା ସୂଚନା ଅନୁସାରେ ମହାକାଳପଡ଼ା ବ୍ଲକର ସାତଟି ପଞ୍ଚାୟତକୁ ଛାଡ଼ିଲେ ଜୟଚନ୍ଦ୍ରପୁର, ବଡୀଘର ରାମନଗର, ମଙ୍ଗଳପୁର, ବରକନ୍ଦା,ବଡକୁଳ,କରଞ୍ଜ, ବିଜୟନଗର,ଟିକରପଙ୍ଗା,ବଢ଼ିହି, ମହାକାଳପଡ଼ା,ସୁନିତି ଓ ବାରଡାଙ୍ଗ ଆଦି ୧୩ ପଞ୍ଚାୟତର ହିସାବ କହୁଛି ଏବେସୁଦ୍ଧା ୪,୫୫,୨୧୮ ଟଙ୍କା ସରକାରୀ ଖାତାକୁ ନଆସି ପୂର୍ବତନ ସରପଞ୍ଚ,ପିଇଓ ଓ ଜରିଆରଏସଙ୍କ ନିକଟରେ ଗଚ୍ଛିତ ଅଛି। ବଡିଘର ପଞ୍ଚାୟତର ତତ୍କାଳୀନ ଜିଆରଏସ ନିତାଇ ମଣ୍ଡଳଙ୍କ ପାଖରେ ସର୍ବାଧିକ ୨,୧୨,୪୦୦ ଟଙ୍କା ରହିଥିବା ବେଳେ ମଙ୍ଗଳପୁର ପଞ୍ଚାୟତର ତତ୍କାଳୀନ ଜିଆରଏସ କାର୍ତ୍ତିକ ମହାନ୍ତିଙ୍କ ନିକଟରେ ୧,୨୪,୫୦୦ ଟଙ୍କା, ବରକନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଦଲ ସେନାପତିଙ୍କ ପାଖରେ ୧,୧୮,୯୦୦ ଟଙ୍କା, ବାରଡାଙ୍ଗ ପଞ୍ଚାୟତର ସେ ସମୟର ପିଇଓ ରାଜକିଶୋର ମାହାଳିଙ୍କ ନିକଟରେ ୧,୦୩,୪୦୦ ଆଦି ମୋଟା ଅଙ୍କର ସରକାରୀ ଟଙ୍କା ରହିଛି।

ସବୁଠାରୁ ବଡ଼ କଥା ହେଉଛି କି ଭତ୍ତା ପ୍ରଦାନ ପାଇଁ ଟଙ୍କା ଉଠାଇଥିବା ପଞ୍ଚାୟତ କର୍ମଚାରୀମାନଙ୍କର ଅନ୍ୟ ବ୍ଲକ୍‌କୁ ବଦଳି ହୋଇସାରିଥିଲା ବେଳେ ସରପଞ୍ଚ ମାନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ହେଲେ କାହିଁକି ସେମାନେ ଟଙ୍କା ପଇଠ ନକରି ନିଜ ହାତରେ ରଖିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି? ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟକ୍ତିଗତ ହାତରେ ରହିବା ଖବର ପ୍ରଶାସନ ଜାଣିଛି ନା ପ୍ରଶାସନର ନଜର ଆଢୁଆଳରେ ରହିଯାଇଛି ତାହାକୁ ନେଇ ସନ୍ଦେହ ବଢ଼ିଛି।

## ମସ୍‌ଜିଦ୍ ସମ୍ପିରେ ଆବାସ ଗୃହ ନିର୍ମାଣକୁ ବିରୋଧ



କେନ୍ଦ୍ରାପଡା,୨୭।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ୍ ଅନ୍ତର୍ଗତ ମିର୍ଜାପାଟଣା ଗ୍ରାମରେ ଥିବା ୱାର୍କଫ୍ ବୋର୍ଡର ସମ୍ପି ଜାମା ମସଜିଦ୍‌ର ସମ୍ପିରେ ସ୍ଥାନୀୟ ଦୁଇଜଣ ବ୍ୟକ୍ତି ସେଠାରେ ଆବାସ ଗୃହ ନିର୍ମାଣ କରୁଥିବାରୁ ଶତାଧିକ ଗ୍ରାମବାସୀ ଏହାକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଦାବୀ ମୁତାବକ ୧୬୧/୪୨ ନମ୍ବର ପ୍ଲଟ ଯାହାକି ମସ୍‌ଜିଦ୍‌ର ସମ୍ପି ଅଟେ । କିନ୍ତୁ ଏହି ପ୍ଲଟଟି ସ୍ଥାନୀୟ ୪ଜଣଙ୍କ ନାମରେ ପଟ୍ଟା ମିଳିଥିବାରୁ ଦୀର୍ଘଦିନ ହେଲା ମୋକଦ୍ଦମା ଚାଲୁ ରହିଛି । ଗ୍ରାମବାସୀମାନେ ସ୍ଥାନୀୟ ବିଡିଓଙ୍କୁ ବାରମ୍ବାର ଗୃହ କାର୍ଯ୍ୟ ବନ୍ଦ କରିବା ପାଇଁ ଦାବି କରୁଥିଲେ ମଧ୍ୟ କୋଣସି ଫଳ ନ ମିଳିବାରୁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ ବନ୍ଦ

# ଫେରିଲେ ପୁଲିସ ସହ ପ୍ରଶାସନିକ ଅଧିକାରୀ



ଡେରାବିଶ,୨୭।୨ (ସଂଚାର ବ୍ୟୁରୋ): ଡେରାବିଶ ତହସିଲ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁର ଗ୍ରାମରେ ଥିବା ଖାତା ନମ୍ବର ୧, ପ୍ଲଟ ନଂ: ୧୪ ଜାଗାକୁ ଜବରଦଖଲ କରି ରହିଥିବା ସରକାରୀ ଜାଗାକୁ ଉଚ୍ଛେଦ କରିବା ପାଇଁ ଗୁରୁବାର ତହସିଲଦାର ସରୋଜ କାନ୍ତ ନାୟକ, ଡେରାବିଶ ବିଡିଓ ନମିତା ବାରିକଙ୍କ ସହ ପୋଲିସ ସେଠାରେ ପହଞ୍ଚିଥିଲେ। ମାତ୍ର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ ସମ୍ଭବ ହୋଇନଥିଲା।

ଏ ସମ୍ପର୍କରେ ରଘୁଦେଇପୁର ଗ୍ରାମର ଲଲାଟେନ୍ଦୁ ସିଂହଙ୍କ କହିବା ଅନୁଯାଇ ୧୯୨୯ ମସିହାରୁ ଆଜି ଯାଏ ସମ୍ପୃକ୍ତ ସ୍ଥାନରେ ବାବନ ଯେନା, ଅକ୍ଷୟ ସିଂହ ଓ ଅଭୟ ସିଂହ ଏହି ଜାଗାକୁ ଲିଜ୍ ଆକାରରେ ନେଇ ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଡେରାବିଶ ବିଡିଓ ଉକ୍ତ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ କରିବା ପାଇଁ ମସୁଧା କରି ବିନା ନୋଟିସ୍‌ରେ ଡେରାବିଶ ତହସିଲଦାର ଜେସିବି ସହ ପୋଲିସ ସହାୟତାରେ ଏହାକୁ ଉଚ୍ଛେଦ କରିବା ପାଇଁ ଆସିଥିଲେ। ମାତ୍ର ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ଗ୍ରାମର ଶତାଧିକ ମହିଳା ପୁରୁଷ ଗ୍ରାମବାସୀ ଏକାଠି ହୋଇ ମେସିନ ଆଗରେ ବସିଥିଲେ । ଫଳରେ ପ୍ରଶାସନ ପଛକୁ ହଟି ଏହି ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରି ଫେରି ଆସିଥିଲେ ବୋଲି ଲଲାଟେନ୍ଦୁ କହିଛନ୍ତି।

ସମ୍ପୃକ୍ତ ଜମିଟି ଆଳି ରାଜାଙ୍କ ମାଲିକାନାରେ ଥିବାବେଳେ ଏହି ଜମିକୁ ରାଜା ବାବନ, ଅକ୍ଷୟ ଓ ଅଭୟଙ୍କୁ ୧୯୬୨ରେ ହାତପଟ୍ଟା କରିଦେଇଥିଲେ। ପରେ ୧୯୯୨ରେ କେନ୍ଦ୍ରାପଡା ତହସିଲଦାରଙ୍କ ଅଧୀନରେ ଥିବା ଏହି ଜମିକୁ ତହସିଲ ପ୍ରଶାସନ ଲିଜ ସୂତ୍ରରେ ଉକ୍ତ ତିନି ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ସେହି ଦିନଠାରୁ ଏଯାଏ ଉକ୍ତ ୩ ବ୍ୟକ୍ତି ଜମିର ପାଉତି କାଟି ଆସୁଛନ୍ତି ବୋଲି ଲଲାଟେନ୍ଦୁ କହିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସର ପ୍ରତିବାଦ

# ମୋଦି ଓ ଗୃହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ): ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ସାମ୍ନାରୁ ଶତାଧିକ ଯୁବ କଂଗ୍ରେସ ନେତା ଓ କର୍ମୀମାନେ ପ୍ରଧାନ ମନ୍ତ୍ରୀ ମୋଦି ଓ ରାଜ୍ୟ ବିଜେପି ସରକାର ବିରୁଦ୍ଧରେ ପ୍ରତିବାଦ କରିବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ର ଗୃହ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ବିଶ୍ୱସ୍ତରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଆଇ ସମ୍ମିଳନୀରେ ଚୀନ ଦ୍ୱାରା ନିର୍ମିତ ରୋବୋର୍ଟ କୁକୁରକୁ ପ୍ରଦର୍ଶିତ କରି ଭାରତକୁ ଲଜ୍ଜିତ କରିବା ଘଟଣା। ଅଗଣତାନ୍ତ୍ରିକ ଭାବେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ବିନା କାରଣରେ ଗିରଫ କରିବା ଏବଂ ଓଡ଼ିଶାରେ ନାରୀଙ୍କୁ ସୁରକ୍ଷା ଦେବାରେ ସରକାରର ବିଫଳତା ସ୍ୱରୂପ ଅନେକ ଗଣଦୁଷ୍କର୍ମ, ନାରୀ ନିର୍ଯାତନା ରାଜ୍ୟରେ ବୃଦ୍ଧି ପାଉଛି ଯାହାର ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ସହର ମୁଖ୍ୟ ଛକ ତିନିମୁହାଣୀ ଠାରେ ଓଡିଶାର ଆଇନ ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ଙ୍କ କୁଶ ପୁତ୍ତଳିକା ଦାହ ସହିତ ପ୍ରତିବାଦ କରାଯାଇଛି। କେନ୍ଦ୍ରାପଡ଼ା ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ ଓ ପୁର୍ବତନ ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନାଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର କଂଗ୍ରେସର ନେତୃବୃନ୍ଦମାନେ ଉପସ୍ଥିତ ହୋଇ ପ୍ରତିବାଦ ଜଣାଇଥିଲେ।

## ବେଲତଳ ଠାକୁରପାଟଣା ଗ୍ରାମରେ ଗୋ ମହୋତ୍ସବ

ପଟ୍ଟାମୁଣ୍ଡାଇ,୨୭।୨ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଠାକୁରପାଟଣା ଗ୍ରାମରେ ଗୋ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଧନ ପୀଠ ସନ୍ଥ ସଂରକ୍ଷକ ତଥା ପଟ୍ଟାମୁଣ୍ଡାଇ ରାଧା ରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ଉଦଘାଟନ କରିଥିଲେ। ଏଇ ଅବସରରେ ସ୍ଥାନୀୟ ଅଂଚଳର ଶତାଧିକ ଗୋ ମାତାଙ୍କୁ ପୂଜାର୍ଚ୍ଚନା ସହ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏଥିରେ ବାସୁଦେବ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ନୃସିଂହ ଚରଣ ପାଢ଼ୀ, ପ୍ରବଚକ ତ୍ରିଜୀବ ଦାଶ, ଅଧ୍ୟାପକ ମନୋଜ ପରିଡା, ମିଟୁ ମନୋଜ ନାୟକ ସୁଧାଂଶୁ ଶେଖର ଦାସ, ସରୋଜ ପାଢ଼ୀ ବିଭୁତି ଭୂଷଣ ଦାଶ, ପୂର୍ବତନ କାଉନସିଲର ଲକ୍ଷ୍ମୀପ୍ରିୟା ପାଢ଼ୀ, କାଳନ୍ଦୀ ବେହେରା ପ୍ରମୁଖ ବହୁ ଗୋସେବକ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ପାଢ଼ୀ,ଅଜୟ ବେହେରା, ତପନ ଦାସ, ସୁବାଷ ବେହେରା, ଶ୍ରୀବସ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

## କମେଣ୍ଟକୁ ବିରୋଧ କରିବାରୁ ସଂଘବଦ୍ଧ ଆକ୍ରମଣ



ଡେରାବିଶି,୨୭।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧିନସ୍ତ ଗଣେଶପୁର (ଲହଣ ଶାସନ) ଗ୍ରାମରେ ଗତକାଲି ରାତିରେ ଦୁଇ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଦୂର୍ବୃତଙ୍କୁ ବାରଣ କରିବାରୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଝିଅର ବାପାଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି । ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ଚାନ୍ଦୋଳ ଫାଣ୍ଡି ପୁଲିସ୍ ଘଟଣାଟିକୁ ଗୁରୁତର ସହ ନେଇ ଜଣେ ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିବା ବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ଖୋଜିବା ଆରମ୍ଭ କରିଛି । ଏ ସମ୍ପର୍କରେ ସଦର ଥାନାରେ ୧୩୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଗୁରୁତର ଆହତ ଜୟନ୍ତ ଶତପଥଙ୍କ ଅଭିଯୋଗ ଅନୁଯାୟୀ ୨୬ ତାରିଖ ରାତିରେ ତାଙ୍କ ଗ୍ରାମରେ ରାମଚରିତ ମାନସର ପୂର୍ଣ୍ଣାହୁତୀ ହେଉଥିଲା। ଏହି କାର୍ଯ୍ୟକ୍ରମରେ ସେ ଓ ଭାଙ୍କ ଦୁଇ ଝିଅ ଗ୍ରାମଚରିତ ମାନସରେ ଯୋଗଦେଇଥିଲେ । ଏହି ସମୟରେ ଗ୍ରାମର ବିଜୟ କୁମାର ଓଝା ତାଙ୍କ ଦୁଇ ଝିଅଙ୍କ ଅଶ୍ଳୀଳ ଇଙ୍ଗିତ କରି ଟଣା ଓଟରା କରିଥିଲେ । ଏହା ଦେଖି ଜୟନ୍ତ ପ୍ରତିବାଦ କରିବାରୁ ବିଜୟ, ବିଷନ ଶତପଥ ଓ ଦୁର୍ଗା ପ୍ରସାଦ ଶତପଥ ହଠାତ ମାଇରା ଲୁହା ଷ୍ଟାଣ ଓ କାଠଫାଳିଆ ଧରି ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିଲେ।

## ଗଡ଼ଜାତ ଲୋକ ମହୋତ୍ସବରେ ୧୨ ଜଣ ପାଇବେ ଗଡ଼ଜାତ ସମ୍ମାନ




ଆଠଗଡ,୨୭।୨ (ସଂଚାର ବ୍ୟୁରୋ): ଆଠଗଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗଡଜାତ ପରିକ୍ରମା ତରଫରୁ ଆସନ୍ତା ମାର୍ଚ୍ଚ ୧୩ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ପଡିଆରେ ୫ ଦିନ ବ୍ୟାପି ଗଡଜାତ ଲୋକ ମହୋତ୍ସବ ଏବଂ ଆଠଗଡ଼ ଗଡଜାତର ୮୪୯ତମ ପ୍ରତିଷ୍ଠା ଦିବସ ପାଳିତ ହେବାକୁ ଯାଉଅଛି । ଏହି ମହୋତ୍ସବରେ ଆଠଗଡ, ଢିଗିରିଆ, ବଜମ୍ବା, ନରସିଂହପୁର ୪ ଗଡଜାତର ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଗଡଜାତ ସମ୍ମାନ ପ୍ରଦାନ କରାଯିବା ସହିତ ୨ ଜଣଙ୍କୁ (ମରଣୋତର) ଗଡଜାତ ସମ୍ମାନ ପ୍ରଦାନ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗଡଜାତ ପରିକ୍ରମା ସମ୍ପାଦକ ଲଲାଟେନ୍ଦୁ ସେନାପତି ।

ଚଳିତବର୍ଷ ଗଡଜାତ (ମରଣୋତର) ସମ୍ମାନ ପାଇବାକୁ ଯାଉଛନ୍ତି ସମାଜର ପୂର୍ବତନ ସମ୍ପାଦକ ସମାଜସେବୀ ସ୍ୱର୍ଗତ ନିରଞ୍ଜନ ରଥ ଏବଂ ସମାଜସେବୀ ସ୍ୱର୍ଗତ ପ୍ରତାପରୁଦ୍ର ବେଉରା। ଏହା ବ୍ୟତିତ ଡାକ୍ତର ଭୁବନାନନ୍ଦ ଦାସ ପାଇବେ

### ୨ ଜଣ ପାଇବେ ମରଣୋତର ସମ୍ମାନ

ଗଡଜାତ ସ୍ୱାସ୍ଥ୍ୟ ସେବା ସମ୍ମାନ, ପଦ୍ମଶ୍ରୀ ଶ୍ରୀ ଶରତ କୁମାର ପାତ୍ର ପାଇବେ ଗଡଜାତ ବାନ୍ଧକଳା ସମ୍ମାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ରବି ନାରାୟଣ ମହାପାତ୍ର ପାଇବେ ଗଡଜାତ ପଟ୍ଟଚିତ୍ର ଶିଳ୍ପୀ ସମ୍ମାନ, ନରସିଂହପୁରର ଶୁଭ୍ରାଂଶୁ ଭୋଳ ପାଇବେ ଗଡଜାତ ସାହସିକତା ସମ୍ମାନ, ଫଣୀଭୂଷଣ ରଥ ପାଇବେ ଗଡଜାତ ଆଇନ ସେବା ସମ୍ମାନ, ଆଠଗଡର ଦିବ୍ୟାଙ୍ଗ ଅଲମ୍ପିୟାନ ସତ୍ୟଭାମା ସାହୁ ପାଇବେ ଗଡଜାତ କ୍ରୀଡା ସମ୍ମାନ, ପର୍ବତରୋହଣକାରୀ ରୂପଶ୍ରୀ ଶ୍ୱେତପଦ୍ମା ମହାନ୍ତି ପାଇବେ ଗଡଜାତ ପର୍ବତାରୋହିଣୀ ସମ୍ମାନ, ଆଠଗଡ ଉପ-ଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ପାଇବେ ଗଡଜାତ ପ୍ରଶାସକ ସମ୍ମାନ, ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ୍ ମହାନ୍ତି ପାଇବେ ଗଡଜାତ ଆରକ୍ଷୀ ସମ୍ମାନ, ବଡମ୍ବାର ଜଗନ୍ନାଥ ବାରିକ ପାଇବେ ଗଡଜାତ ସାହିତ୍ୟ ସମ୍ମାନ, ସ୍ୱାଧିନ ପଣ୍ଡା ପାଇବେ ଗଡଜାତ ସମ୍ମାନ, ପଠାଣୀ ବେହେରା ପାଇବେ ଗଡଜାତ ଶ୍ମଶାନ ରକ୍ଷକ ସମ୍ମାନ ।

ଏହା ବ୍ୟତିତ ଆଠଗଡ ଅଂଚଳର ୫ ଜଣ ପ୍ରତିଭାଙ୍କୁ ପ୍ରଦାନ କରାଯିବ ଗଡଜାତ ପ୍ରତିଭା ସମ୍ମାନ । ସେମାନେ ହେଲେ- ଗୁରୁଦତ ନାୟକ, ସୌଜନ୍ୟା ରଥ, ବିପ୍ଳବ ଦାସ, ମୋହିନୀ ସେଠୀ, ଜ୍ୟୋତିଶଙ୍କର ମହାପାତ୍ର।

ଏହି ସାମ୍ବାଦିକ ସମ୍ମିଳନୀରେ ଗଡଜାତ ପରିକ୍ରମା ସଭାପତି ପ୍ରାଣକୃଷ୍ଣ ଦାଶ, ଉପ-ସଭାପତି ସୁରେଶ ଚନ୍ଦ୍ର ପରିଡା, ସଦାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜସ୍ୱ ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ,୨୭।୨ (ସଂଚାର ବ୍ୟୁରୋ): ପ୍ରଶାସନ କୁ ଜନସାଧାରଣଙ୍କ ନିକଟତର କରିବା ସହିତ ବିଭିନ୍ନ ରାଜସ୍ୱ ମାମଲାର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତହସିଲ ଅଫିସରେ ରାଜସ୍ୱ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହକାରୀ ଉପଜିଲ୍ଲାପାଳ ସନ୍ଧ୍ୟା ଝଳୀ ମାଜି , ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ କୁମାର ପଣ୍ଡା ଯୋଗ ଦେଇ ୨୦ରୁ ଉର୍ଦ୍ଧ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିଥିଲେ। ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିବାରେ ପ୍ରଶାସନକୁ ସରକାରୀ ଓକିଲ ଶିଶିର କୁମାର ମଲ୍ଲିକ ସହାୟତା କରିଥିଲେ ।

## ଜମି ବିବାଦ ତୁଟିନି: ସୀମା ନିର୍ଦ୍ଧାରଣକୁ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ

### ପୁଲିସ-ଗ୍ରାମବାସୀ ମୁହାଁମୁହିଁ, ୫ରୁ ଉର୍ଦ୍ଧ୍ୱ ଆହତ



ଯାଜପୁର,୨୭।୨ (ସଂଚାର ବ୍ୟୁରୋ):ଯାଜପୁର ଜିଲ୍ଲା ଦାନଗଦି ତହସିଲ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ମନୋହରପୁର ମୌଜା ( ନୂଆସାହି)ରେ ଥିବା ପ୍ରାୟ ୫୧ ଏକର ଜମିକୁ ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଛି। କାରଣ ସ୍ଥାନୀୟ ଲୋକେ ଏହାକୁ ସିଲିଂ ଜମି କହୁଥିବା ବେଳେ ଏହା ବ୍ୟକ୍ତିଗତ ଜମି ବୋଲି ସମ୍ପୃକ୍ତ ବ୍ୟକ୍ତି ପ୍ରଶାସନ ଠାରେ ଦାବୀ କରିଛନ୍ତି। ତେବେ ବିବାଦ ତୁଟି ନ ଥିବା ବେଳେ ଶୁକ୍ରବାର ସକାଳ ସମୟରେ ପୁଲିସ ଉପସ୍ଥିତିରେ ପ୍ରଶାସନ ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ) ପାଇଁ ଜେସିବି ସହାୟତାରେ କାର୍ଯ୍ୟ ଆରମ୍ଭ କରିଥିଲା। ଖବର ପାଇ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଲୋକେ ଘଟଣାସ୍ଥଳରେ ପହଞ୍ଚି ଜମି ଚିହ୍ନଟ ବା ସୀମା ନିର୍ଧାରଣକୁ ତୀବ୍ର ବିରୋଧ କରିଥିଲେ। ଏଥି ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଏପରିକି ପୁଲିସ ଏବଂ ବିରୋଧକାରୀଙ୍କ ମଧ୍ୟରେ ସଂଘର୍ଷର ରୂପ ନେଇଥିଲା। ଏଥିରେ ପୁଲିସ ଓ ଗ୍ରାମବାସୀ ଉଭୟ ପକ୍ଷର ୫ରୁ ଉର୍ଦ୍ଧ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଖବର ମିଳିଛି। ମାପଚୂପକୁ ବିରୋଧ କରି ସ୍ଥାନୀୟ ଲୋକେ ବିଜୁ ପଟ୍ଟନାୟକ ମାର୍ଗରେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଉକ୍ତ ଜମି ଚଞ୍ଚକତା କରି ସମ୍ପୃକ୍ତ କମ୍ପାନୀ ପାଇଁ ନିରୀହ ଲୋକଙ୍କ ଠାରୁ ଶାଗ ମାଛ ଦରରେ ଜାଟେଇ ନେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ଗ୍ରାମବାସୀଙ୍କ ଅଭିଯୋଗ ଯେ, ପ୍ରଶାସନ ସ୍ଥାନୀୟ ଲୋକଙ୍କ ଦାବିପ୍ରତି ଅଣଦେଖା କରି ପୂର୍ବ ସୂଚନା ବିନା ଏବଂ ସମସ୍ୟାର ସମାଧାନ ନ କରି ଜମି ଅଧିଗ୍ରହଣ ପାଇଁ ମାପ ଆରମ୍ଭ କରିବା ଘଟଣା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି ।

## ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ବିଇଓ, ୬ ଦିନ ଧରି ପାଠପଢ଼ା ବନ୍ଦ



### ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଘଟଣା

ମାହାଙ୍ଗା,୨୭।୨(ସଂଚାର ବ୍ୟୁରୋ): ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ମଧ୍ୟାହ୍ନଭୋଜନ ବ୍ୟତିକ୍ରମକୁ ଆଳ କରି ନିଲମ୍ବନ କରିବା ଓ ଘଟଣାର ୬ ଦିନ ପରେ ବି ବିଦ୍ୟାଳୟରେ ପାଠପଢ଼ା ନ ହେବା ଏବଂ ବିଦ୍ୟାର୍ଥିମାନେ ବିଦ୍ୟାଳୟକୁ ନ ଆସିବା ଘଟଣା ସମଗ୍ର ମାହାଙ୍ଗାରେ ଆଲୋଚନାର ବିଷୟ ହୋଇଥିବା ବେଳେ ମାହାଙ୍ଗା ଶିକ୍ଷା ବିଭାଗ ଏହି ସମସ୍ୟା ସମାଧାନ ନ କରିବା ଯୋଗୁଁ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି।

ବିଦ୍ୟାର୍ଥିଙ୍କ ଅତି ପ୍ରିୟ ସାର ଉମେଶ ଦେହୁରୀ ବିଦ୍ୟାଳୟକୁ ଆସି ପାଠ ନ ପଢ଼ାଇବା ପର୍ଯ୍ୟନ୍ତ ସ୍କୁଲ ଓ ବାର୍ଷିକ ପରୀକ୍ଷା ବର୍ଜନ କରିବେ ବୋଲି ଛାତ୍ରଛାତ୍ରୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପରି ସ୍ଥଳେ ଏହି ବିଦ୍ୟାଳୟରେ ଯୋଗ ଦେଇଥିବା ନୂତନ ଶିକ୍ଷକ ବିଦ୍ୟାଳୟକୁ ଆସି ବସି ବସି ଘରକୁ ଫେରୁଥିବା ବେଳେ ମାହାଙ୍ଗା ବିଇଓ ମୋନାଲିସା ସରକାର ଏଭଳି ଘଟଣାକୁ ଅତି ହାଲକା ସହ ନେଇ ଏହାର ସ୍ଥାୟୀ ସମାଧାନ ନ କରିବା ଏବଂ ନିଜ ଜିଦରେ ଅଟଳ ରହିବା ଘଟଣା ପିଲାଙ୍କ ଭବିଷ୍ୟତ ସହ ଶିକ୍ଷା ବିଭାଗ ଖେଳ ଖେଳୁଥିବା ଅଭିଯୋଗ ହୋଇଛି।

ଏଥିନେଇ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟ ସଭ୍ୟା ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ, ବିଡିଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ସମସ୍ୟାର ସମାଧାନ ନିମନ୍ତେ ପତ୍ର ଲେଖି ଅଭିଯୋଗ କରିଛନ୍ତି। କଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ବିଇଓ ଏକ ସାଧାରଣ ଘଟଣାକୁ ବଡ ରୂପ ଦେଇ ପିଲାଙ୍କ ଭବିଷ୍ୟତକୁ ନଷ୍ଟ ଆଡକୁ ଠେଲି ଦେଉଛନ୍ତି ଏହାର ଏକ ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି।

ଦୀର୍ଘ ୬ ଦିନ ଧରି ଏହି ବିଦ୍ୟାଳୟରେ ପାଠପଢ଼ା ବନ୍ଦ ହେବା ଓ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ନ ଆସୁଥିଲେ ମଧ୍ୟ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହାକୁ ଦୃଷ୍ଟି ନ ଦେବା ଘଟଣାକୁ ବୁଦ୍ଧିଜିବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି।

## ଓଳାଭର ବଜାର ଜବରଦଖଲ ଉଚ୍ଛେଦ ସରୁନି

### ଦିନକୁ ଦିନ ଗୁମର ଫିଟିବାରେ ଲାଗିଛି



କେନ୍ଦ୍ରାପଡା,୨୭।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ୍ ଅନ୍ତର୍ଗତ ଓଳାଭର ବଜାର ତହସିଲ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦୋକାନୀ ଓ ସେଠାରେ ଘର କରିଥିବା ସର୍ବସାଧାରଣଙ୍କୁ ନୋଟିସ୍ ପରେ ମାପ କରାଯାଇ ଉଚ୍ଛେଦ ହେବାକୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ଜବରଦଖଲରେ ଥିବା ବ୍ୟବସାୟୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଥିବା ମାମଲାର ସମୟସୀମା ଏବଂ ଉପଜିଲ୍ଲାପାଳଙ୍କ କୋର୍ଟରେ ଥିବା ମାମଲାର ଆବଶ୍ୟକ କାଗଜପତ୍ର ଦାଖଲ କରିନପାରିବାରୁ ସମସ୍ତ ସମୟସୀମା ସରିଯାଇଛି। ବ୍ୟବସାୟୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାୟତ ହୋଇଥିବା କନିକା ତହସିଲଦାରଙ୍କର ଟାଳଟୁଳ ନୀତି ଯୋଗୁ ସ୍ଥାନୀୟ ବାସିନ୍ଦା ଓ ସର୍ବସାଧାରଣ ଅସୁବିଧାର ସମ୍ମୁଖୀନ ହେବାର ସହ ଜରୁରୀକାଳୀନ ଗାଡି ଯାତାୟତରେ ଅସୁବିଧା ହେଉଛି। ଏ ନେଇ ଉପଜିଲ୍ଲାପାଳ କନିକା ତହସିଲଦାରଙ୍କୁ ଜବରଦଖଲ ସମ୍ପର୍କରେ କଣ ପଦକ୍ଷେପ ନେଇଛନ୍ତି ୫ ଦିନ ଭିତରେ ଜବାବ୍ ଦେବାକୁ କଇଫତ ତଲବ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟ ଅଭିଯୋଗକାରୀ ସମାଜସେବୀ ନଳିନୀକାନ୍ତ ପୃଷ୍ଟି, ଅକ୍ଷୟ ଦାସ, ଘନଶ୍ୟାମ ମୁଦୁଲି, ଅନାଦି ସାହୁ, କୃତିବାସ ନାୟକ, ପୂର୍ବତନ ସରପଂଚ ପ୍ରଫୁଲ୍ଲ ପୃଷ୍ଟି ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି । ତେବେ ଉପଜିଲ୍ଲାପାଳ ଶୁକ୍ରବାର ଓଳାଭର ବଜାର ଜବରଦଖଲ ସ୍ଥାନ ପରିଦର୍ଶନ କରି ତୁରନ୍ତ ଗଛ କାଟିବା ସହ ମାପ ହୋଇଥିବା ଅନୁସାରେ ଜବରଦଖଲ ହଟାଇବା ପାଇଁ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୨୮ ଫେବୃଆରୀ ୨୦୨୬, ଭୁବନେଶ୍ୱର
Saturday 28 February 2026, Bhubaneswar


# ସରକାରୀ ବାବୁଙ୍କ ଦୁର୍ନୀତି ଏକ ଜାତୀୟ କଳଙ୍କ

ଏବେ ଦେଶରେ ଦୁର୍ନୀତି ଏକ ମହାମାରୀ ରୂପ ଧାରଣ କରିଛି। ବିଶେଷ କରି ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଏହା ଏତେ ବ୍ୟାପକ ହୋଇଛି ଯେ ସାଧାରଣ ନାଗରିକ ତାଙ୍କ ନ୍ୟାୟ ପାଇବା ପାଇଁ ଦୁଆରେ ଦୁଆର ଘୁରୁଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଉଭୟ ସ୍ତରରେ ଏହି ଦୁର୍ନୀତି ଏକ ଅନ୍ତହୀନ ଚକ୍ର ସୃଷ୍ଟି କରିଛି। ଫାଇଲ୍ ଅଟକାଇ ରଖିବା, ଲାଞ୍ଚ ନ ନେଲେ କାମ ନ କରିବା, ଟେଣ୍ଡର ହେରଫେର କରିବା ଏବଂ ବଜେଟ ଟଙ୍କା ଲୁଟିବା - ଏସବୁ ଏତେ ସାଧାରଣ ହୋଇଗଲାଣି ଯେ ଲୋକେ ଏହି ଦୁର୍ନୀତିକୁ ଏକ 'ନିୟମ' ଭାବେ ଗ୍ରହଣ କରୁଛନ୍ତି। ଏହା କେବଳ ଅର୍ଥନୈତିକ କ୍ଷତି ନୁହେଁ, ଏହା ଗଣତନ୍ତ୍ରର ମୂଳ ଆଧାରକୁ ପ୍ରତି ବିପଦ ସୃଷ୍ଟି କରିଛି।



ସରକାରୀ ଅଧିକାରୀଙ୍କ ଦୁର୍ନୀତିର ପ୍ରଭାବ ସବୁଠୁ ବେଶି ପଡୁଛି ଗରିବ ଓ ମଧ୍ୟବିତ୍ତ ବର୍ଗ ଉପରେ। ପଞ୍ଚାୟତ ସ୍ତରରେ ଯୋଜନା ଟଙ୍କା ଲୁଟ ହେଉଛି, ସ୍ୱାସ୍ଥ୍ୟ ବିଭାଗରେ ଔଷଧ କିଣା ନାମରେ କୋଟି କୋଟି ଟଙ୍କା ଗାଏବ ହେଉଛି, ଶିକ୍ଷା ବିଭାଗରେ ନିଯୁକ୍ତି ପାଇଁ ଲାଞ୍ଚ ନେଇ ଅଯୋଗ୍ୟ ଲୋକ ନିଯୁକ୍ତ ହେଉଛନ୍ତି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ଗ୍ରାମାଞ୍ଚଳର ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଦୁର୍ନୀତିର କଳା ଚାଦର ବିସ୍ତାରିତ ହୋଇଛି। ସିବିଆଇ ଓ ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ଉନ୍ମୋଚିତ ହେଉଛି, କିନ୍ତୁ ଦଣ୍ଡ ପ୍ରକ୍ରିୟା ଏତେ ଧୀର ଯେ ଅଧିକାଂଶ ଦୋଷୀ ସହଜରେ ରକ୍ଷା ପାଇଯାଆନ୍ତି। ଏହା ଫଳରେ ସାଧାରଣ ଲୋକଙ୍କ ମନରେ ସରକାର ପ୍ରତି ଆସ୍ଥା କ୍ରମଶଃ କମିଯାଉଛି।

ଏହି ଦୁର୍ନୀତିର ମୂଳ କାରଣ କ'ଣ? ପ୍ରଥମତଃ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱତାର ଅଭାବ। କେହି କାହାକୁ ପଚାରୁ ନାହାଁନ୍ତି। ଦ୍ୱିତୀୟତଃ ରାଜନୈତିକ ଆଶ୍ରୟ। ଅନେକ ଅଧିକାରୀ ରାଜନୈତିକ ନେତାଙ୍କ ସହ ମିଳିମିଶି ଦୁର୍ନୀତି କରୁଛନ୍ତି ଏବଂ ସେମାନଙ୍କ ସୁରକ୍ଷା ପାଇଥାଆନ୍ତି। ତୃତୀୟତଃ ପ୍ରକ୍ରିୟାର ଜଟିଳତା। ଏକ ସାଧାରଣ ପାସ୍ପୋର୍ଟ ପାଇଁ ମଧ୍ୟ ଦଶ ଦଶଟା ଫାଇଲ ଘୁରାଇବାକୁ ପଡ଼େ - ଏହା ଲାଞ୍ଚ ନେବାର ସୁଯୋଗ ସୃଷ୍ଟି କରେ। ଡିଜିଟାଲ ଇଣ୍ଡିଆ ଯୋଜନା ସତ୍ତ୍ୱେ ଅନେକ ବିଭାଗରେ ଏହି ସ୍ୱଚ୍ଛତା ଆସିନାହିଁ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ପିଡ଼ିଏଫ ଟେଣ୍ଡର ଓ ଲ୍ୟାଣ୍ଡ ରେକର୍ଡ ଡିଜିଟାଲ ହେବା ସତ୍ତ୍ୱେ ଦୁର୍ନୀତି କମି ନାହିଁ।

ଏହି ଦୁର୍ନୀତି ଦେଶର ଆର୍ଥିକ ବିକାଶକୁ ପଛକୁ ଟାଣୁଛି। ବିଦେଶୀ ନିବେଶକ ଆସିବା ପୂର୍ବରୁ ଭାବନ୍ତି ଏଠାରେ କାମ ହେବ ତ କି? ଫଳରେ ରୋଜଗାର କମେ, ଗରିବୀ ବଢ଼େ। ଯୁବକମାନେ ହତାଶ ହୋଇ ବେଆଇନ ରାସ୍ତା ବାଛନ୍ତି। ଏହା ସମାଜରେ ଅସମାନତା ବଢ଼ାଉଛି। ଯେଉଁମାନେ ଲାଞ୍ଚ ଦେଇପାରନ୍ତି ସେମାନେ ଆଗକୁ ବଢ଼ନ୍ତି, ଯେଉଁମାନେ ପାରନ୍ତି ନାହିଁ ସେମାନେ ପଛରେ ପଡ଼ି ଯାଆନ୍ତି। ଏହା ଗଣତନ୍ତ୍ରର ମୂଳ ନୀତି 'ସମାନତା'କୁ ଚ୍ୟାଲେଞ୍ଜ କରୁଛି।

ତେବେ ଏହି ଦୁର୍ନୀତିର ବିରୋଧରେ କ'ଣ କରିବା? ପ୍ରଥମେ ସବୁ ସରକାରୀ କାର୍ଯ୍ୟକୁ ଶହେ ପ୍ରତିଶତ ଡିଜିଟାଲ୍ କରିବା ଆବଶ୍ୟକ। ଫାଇଲ ଟ୍ରାକିଙ୍ଗ ସିଷ୍ଟମ ଓ ରିଅଲ ଟାଇମ ମନିଟରିଙ୍ଗ ଜରୁରୀ। ଦ୍ୱିତୀୟତଃ ଭିଜିଲାନ୍ସ ଓ ସିବିଆଇକୁ ସ୍ୱାଧୀନ କରି ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା। ତୃତୀୟତଃ ଅଧିକାରୀଙ୍କ ସମ୍ପତ୍ତି ବାର୍ଷିକ ଡିକ୍ଲେୟାର କରାଇ ଅଡିଟ କରିବା ଏବଂ ଅବୈଧ ସମ୍ପତ୍ତି ପାଇଁ ତୁରନ୍ତ ବନ୍ଧନ ଲଗାଇବା। ଚତୁର୍ଥତଃ ସାଧାରଣ ନାଗରିକଙ୍କୁ ସଶକ୍ତ କରିବା — ଆର୍ଟିଆଇ ଆଇନକୁ ଆହୁରି ମଜବୁତ କରି ଓ ହଟ୍‌ଲାଇନ୍ ମାଧ୍ୟମରେ ଅଭିଯୋଗ କରିବାର ସୁବିଧା ଦେବା। ଓଡ଼ିଶା ସରକାର ଯଦି '୫ ଟି' ଯୋଜନାରେ ଏହି ଦୁର୍ନୀତି ବିରୋଧୀ ପଦକ୍ଷେପ ନେବେ, ତେବେ ଏହା ଏକ ଆଦର୍ଶ ରାଜ୍ୟ ହୋଇପାରିବ।

ଶେଷରେ କହିବାକୁ ଚାହୁଁଛି ଯେ, ଦୁର୍ନୀତି କେବଳ ଟଙ୍କା ଲୁଟିବା ନୁହେଁ— ଏହା ଆମର ଭବିଷ୍ୟତ ଲୁଟିବା। ଯଦି ଆମେ ଆଜି ଏହା ବିରୋଧରେ ନ ଉଠିଲୁ, ତେବେ ଆଗାମୀ ପିଢ଼ି ଆମକୁ କ୍ଷମା କରିବ ନାହିଁ। ସରକାରୀ ଅଧିକାରୀମାନେ ଜନସେବକ, ଜନଶୋଷକ ନୁହନ୍ତି। ଏହି ସତ୍ୟକୁ ଯଦି ଆମେ ଭୁଲି ଯାଉ, ତେବେ ଗଣତନ୍ତ୍ର କେବଳ ଏକ ଶବ୍ଦ ରହିଯିବ। ଏବେ ସମୟ ଆସିଛି — ସ୍ୱଚ୍ଛ ପ୍ରଶାସନ, ସଶକ୍ତ ନାଗରିକ ଓ କଠୋର ଆଇନ୍ ମାଧ୍ୟମରେ ଏହି ଦୁର୍ନୀତିର ବିରୋଧରେ ଲଢ଼ିବାର। ନହେଲେ ଆମର ସ୍ୱାଧୀନତାର ସ୍ୱପ୍ନ କେବଳ ଏକ ସ୍ୱପ୍ନ ହିଁ ରହିଯିବ।

# ପୋକ୍ସୋ ଆଇନର ଅପବ୍ୟବହାର


ଯୁଧିଷ୍ଠିର ମହାରଣା




ମାନ୍ୟବର ସୁପ୍ରିମକୋର୍ଟ ଯୌନ ଅପରାଧିଙ୍କୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଆଇନର ଅପବ୍ୟବହାର ନେଇ ଉଦବେଗ ପ୍ରକାଶ କରିଥିବାରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି। ମାନ୍ୟବର କୋର୍ଟ ବିଦ୍ୟାଳୟରେ ଦୁଷ୍କର୍ମ ବିରୋଧୀ ଆଇନ ଓ ବାଧ୍ୟତାମୂଳକ ଯୌନ ଶିକ୍ଷା ଦେବା ନିମିତ୍ତ ଏକ ଆବେଦନ ଶୁଣାଣୀ କଲାବେଳେ ଏହା ସ୍ପଷ୍ଟ କରିଥିଲେ ଯେ କିଶୋର କିଶୋରୀଙ୍କ ମଧ୍ୟରେ ସମ୍ମତିଯୁକ୍ତ ସମ୍ପର୍କ କେସ ଗୁଡ଼ିକରେ ଏହି ଆଇନର ଅପବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଦେଶରେ ପୋକ୍ସୋ ଆଇନ ଓ ଏହାର ଅପବ୍ୟବହାର ମାମଲା ଏକ ବଡ଼ ବିତର୍କ ମଧ୍ୟ ସୃଷ୍ଟି କରିଛି।

ପୋକ୍ସୋ ଆଇନର ମୂଳ ଉଦ୍ଦେଶ୍ୟ ମହତ ଥିଲା। ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ଲାଗି ଏହା ପ୍ରଣୟନ କରାଯାଇଥିଲା। କାରଣ ଏହି ସ୍ୱତନ୍ତ୍ର ଆଇନ ଆବଶ୍ୟକ ବୋଲି ଅନୁଭବ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଅନେକାଂଶରେ ସାଧିତ ହୋଇଛି। ଅନେକ ଅପରାଧୀଙ୍କ ବିରୋଧରେ ଏଥିଯୋଗୁଁ କାର୍ଯ୍ୟାନୁଷ୍ଠାନ ହୋଇଛି। କିନ୍ତୁ ସୁରକ୍ଷା ପାଇଁ ଏକ ଅତ୍ୟାବଶ୍ୟକ ପଦକ୍ଷେପ ବୋଲି ଆଇନ କାର୍ଯ୍ୟକାରିତା ସ୍ତରରେ ଅନେକ ସମସ୍ୟା ସୃଷ୍ଟି କରିଛି। ଏହାକୁ ବେଳେ ବେଳେ ଆୟୁଧ ଭାବେ ବ୍ୟବହାର କରାଯାଇ ସ୍ୱାଭାବିକ ସମ୍ପର୍କକୁ ବି ଦଣ୍ଡିତ କରିବା ପାଇଁ ପୋକ୍ସୋ ଆଇନର ଅପପ୍ରୟୋଗ ହେଉଛି। ଆଇନ ଅନୁସାରେ ୧୮ବର୍ଷ ବୟସରୁ କମ ଜଣେ ବାଳିକା କୌଣସି ପରିସ୍ଥିତିରେ ଯୌନ ସମ୍ପର୍କ ପାଇଁ ସମ୍ମତି ଦେଇପାରିବ ନାହିଁ। ସୁତରାଂ ସେହି ବୟସ ଭିତରେ ଥିବା କୌଣସି ବାଳିକା ସହ ଯୌନ ସମ୍ପର୍କକୁ ଅପରାଧ ବୋଲି ଧରାଯିବ। ଗତ କିଛି ବର୍ଷ ଭିତରେ ସାମାଜିକ ରୀତି-ରିୱାଜ ବା ଆଚାର ବିଚାର ଏବଂ ଯୁବଶ୍ରେଣୀରେ ସମ୍ପର୍କର ପ୍ରକୃତି ଯଥେଷ୍ଟ ବଦଳି ଯାଇଛି। ଯୁବକଯୁବତୀ ପ୍ରେମରେ ପଡୁଛନ୍ତି ଓ ସେମାନଙ୍କ ସମ୍ପର୍କର ସୀମାକୁ ଖୋଜୁଛନ୍ତି ଏବଂ ବେଳେ ବେଳେ ଘର ଛାଡ଼ି ପଳାଉଛନ୍ତି। କିନ୍ତୁ ସମ୍ମତି ଯୁକ୍ତ ପ୍ରେମ ବ୍ୟାପାର ବେଳେ ବେଳେ ବାଳକକୁ ଆଇନର ଜାଲରେ ପକାଇ ଦେଉଛି ଓ ସେ ଗିରଫ ହୋଇ ଜେଲରେ ଭର୍ତ୍ତି ହେଉଛି। ଏଭଳି କେସ ଗୁଡ଼ିକରେ କିଶୋର ପ୍ରେମ ବିଧିଗତ ଦୁଷ୍କର୍ମ ବ୍ୟାଖ୍ୟା ପାଉଛି। ବେଳେ ବେଳେ କିଶୋର ମାନଙ୍କର ସବୁଠାରୁ ଭଲ ସମୟ କୋର୍ଟ କଚେରୀ ମାମଲାରେ ନଷ୍ଟ ହୋଇଯାଉଛି।

ଆମ ଭାରତୀୟ ପାରିବାରିକ ସମାଜର ଚିତ୍ର ଯାହା ପ୍ରାୟତଃ ପୁଅଝିଅଙ୍କ ପ୍ରେମ ମାମଲାରେ ପିତାମାତାଙ୍କ ଅସମ୍ମତି ପ୍ରାୟତଃ ରହିଥାଏ। କେହି କେହି ଏହାକୁ ପୁରୁଣା ଚଳଣୀ ବା ରକ୍ଷଣଶୀଳତା କହିପାରନ୍ତି। ଦିନ ଥିଲା ପୁଅଝିଅ ବିବାହ ଯୋଗ୍ୟ ହେବା ପରେ ପିତାମାତା ସେମାନଙ୍କ ପାଇଁ ଉପଯୁକ୍ତ ପାତ୍ର ବା ପାତ୍ରୀ ବାଛୁଥିଲେ। ଏବେ ପ୍ରାୟତଃ ଅଧିକାଂଶ ପ୍ରେମ ବିବାହକୁ ପାରିବାରିକ ଆପୋଷ ବୁଝାମଣାର ବିବାହ ଭାବେ କୁହାଯାଉଛି। ଉତ୍ତର ଭାରତରେ ତଥା ଭାରତର ଅନେକ ଜାଗାରେ ଗୋଟିଏ ଗୋତ୍ରରେ କିମ୍ବା ରକ୍ତଜ ହୋଇଥିଲେ ପ୍ରେମ ବିବାହ ମାମଲା ଏତେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛି ଯେ ଅନରକିଲ୍ଲିଂ ପରି ଘଟଣା ସଂଘଟିତ ହେଉଛି। ପାଠପଢ଼ା ବୟସରେ ପ୍ରାୟତଃ ବାପା-ମାଆଙ୍କ ସ୍ୱାଭାବିକ ଆଶା ରହିଥାଏ ଯେ ପିଲାଟି ପ୍ରଥମେ ପାଠଶାଠ ପଢ଼ି ଏକ କର୍ମସଂସ୍ଥାନର ଯୋଗ୍ୟ ହେଉ କିନ୍ତୁ ବର୍ତ୍ତମାନର ସମୟ ଅନେକ କିଛି ବଦଳାଇ ଦେଇଛି। ସମୟ ବଦଳିବା ସହ ସମ୍ପର୍କର ବ୍ୟାପକତା ଏବଂ ପ୍ରେମ ସମ୍ପର୍କ ସମୟ ଭିତରେ ପୋକ୍ସୋ ସମ୍ବନ୍ଧୀୟ ମାମଲା କେବଳ ପୁଅଟିକୁ ନୁହେଁ ବାପା-ମାଆ ବି ଆଇନଗତ ଲଢ଼େଇ ଓ ସାମାଜିକ ଅପନିନ୍ଦାର ଶିକାର ହେଉଛନ୍ତି। ଅନେକ ଗରିବ ଓ ଅଶିକ୍ଷିତ ପରିବାରରେ ପରିସ୍ଥିତି ଏପରି ଅପମାନଜନକ କରିଦେଉଛି ଯେ ଗୋଟିଏ ଗୋଟିଏ କ୍ଷେତ୍ରରେ ବାପା-ମାଆ ଆତ୍ମହତ୍ୟା ମଧ୍ୟ କରିଦେଉଛନ୍ତି। ଆଇନଗତ ମାମଲା ପରିଚାଳନା ସମୟରେ ଆମେ ଅନେକ ସମୟରେ ଦେଖିଛୁ ଯେ ଅନ୍ୟ କୌଣସି କଳହ, ଜମିବାଡ଼ି ମାମଲା ବା ପାରିବାରିକ ମତଭେଦ ଭିତରେ ପୋକ୍ସୋକୁ ଏକ ବଡ଼ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଅପରପକ୍ଷ ନାମରେ ମିଥ୍ୟା କେସ ରୁଜୁ କରାଯାଉଛି। ତେଣୁ ପୋକ୍ସୋ ଆଇନ ବାସ୍ତବରେ ଯେପରି ଅପବ୍ୟବହାର ନ ହୁଏ ଏ ପ୍ରସଙ୍ଗରେ କେବଳ ଦାୟିତ୍ୱ ମାନ୍ୟବର ଅଦାଲତଙ୍କର ନୁହଁ ଏ ନେଇ ଆମ ସମସ୍ତଙ୍କ ଭିତରେ ସଚେତନତା ମଧ୍ୟ ଜରୁରୀ। ସେହିପରି ଆଇନର ଅପବ୍ୟବହାରକୁ ଆଇନଗତ ଭାବେ ରୋକିବାର ପନ୍ଥା ମାନ୍ୟବର କୋର୍ଟ ମଧ୍ୟ ନିରୂପିତ କରନ୍ତୁ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋବାଇଲ୍: ୯୪୩୭୧୬୩୫୨୮


# ଅପ୍ରକାଶିତ ପୁସ୍ତକ: ଦ ଫୋର ଷ୍ଟାର୍ସ ଅଫ ଡେଷ୍ଟିନି!




ଅସିତ ମହାନ୍ତି


ସାମ୍ପ୍ରତିକ ସମୟରେ ଜେନେରାଲ ଏମ୍. ଏମ୍. ନାରଭାଣେଙ୍କ ଅପ୍ରକାଶିତ ସ୍ମୃତିଚାରଣ ' ଦ ଫୋର ଷ୍ଟାର୍ସ ଅଫ ଡେଷ୍ଟିନି ' ସମ୍ବନ୍ଧୀୟ ବିବାଦ ସାମରିକ ଇତିହାସ, ରାଜନୀତି ଏବଂ ସାଧାରଣ ଦାୟିତ୍ୱର ସବୁଠାରୁ ଆକର୍ଷଣୀୟ ସନ୍ଧିସ୍ଥଳ ପାଲଟିଛି। ଏହାର ମୂଳରେ କେବଳ ଏକ ପୁସ୍ତକ ନୁହେଁ, ବରଂ ସ୍ୱଚ୍ଛତାର ପ୍ରଶ୍ନ ଅଛି, ସରକାରଗୁଡ଼ିକ କିପରି ସମ୍ବେଦନଶୀଳ ସତ୍ୟକୁ ପରିଚାଳନା କରନ୍ତି ଏବଂ ଜାତୀୟ ସଙ୍କଟକୁ ପରିଭାଷିତ କରୁଥିବା ଲୋକଙ୍କ ସ୍ୱର ଶୁଣିବାକୁ ଅନୁମତି ଦିଆଯାଇଛି କି ନାହିଁ। ଏହି ପ୍ରସଙ୍ଗ ସଂସଦୀୟ ଝଡ଼ରେ ପରିଣତ ହୋଇଛି, ବିରୋଧୀ ନେତାମାନେ ପାଣ୍ଡୁଲିପିରୁ କିଛି ଅଂଶ ଉଦ୍ଧୃତ କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଶାସକ ବେଞ୍ଚ ଦ୍ୱାରା ସେମାନଙ୍କୁ ନୀରବ କରାଯାଇଛି କାରଣ ଗୃହରେ ଏକ ଅପ୍ରକାଶିତ ପୁସ୍ତକ ଉଲ୍ଲେଖ କରାଯାଇପାରିବ ନାହିଁ। ତଥାପି ଏହି ପାଣ୍ଡୁଲିପି ଅପ୍ରକାଶିତ ରହିଛି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଡଜନ ଡଜନ ଅନ୍ୟାନ୍ୟ ସାମରିକ ସ୍ମୃତିଚାରଣ ସଫା ହେବା ସତ୍ତ୍ୱେ, ସରକାର କ'ଣ ଭୟ କରୁଛନ୍ତି ଏବଂ କ'ଣ ଲୁଚାଇବାକୁ ଚାହୁଁଛନ୍ତି ସେ ବିଷୟରେ ପ୍ରଶ୍ନ ଉଠାଇଥାଏ।

ଭାରତୀୟ ଏବଂ ଚୀନ୍ ସୈନ୍ୟଙ୍କ ମଧ୍ୟରେ ୨୦୨୦ ଗାଲୱାନ୍ ସଂଘର୍ଷ ସମୟରେ ସେନା ମୁଖ୍ୟ ଭାବରେ କାର୍ଯ୍ୟ କରିଥିବା ଜେନେରାଲ ନାରଭାଣେ ଜଣେ ସାଧାରଣ ସୈନିକ ନୁହଁନ୍ତି ଯିଏ ତାଙ୍କ ଜୀବନ ବର୍ଣ୍ଣନା କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ଭାରତର ଆଧୁନିକ ସାମରିକ ଇତିହାସର ସବୁଠାରୁ ଉତ୍ତେଜନାପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଘଟଣା ମଧ୍ୟରୁ ଗୋଟିଏ ସହିତ ସମନ୍ୱିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ତାଙ୍କ ସ୍ମୃତିକଥାରେ ସେହି ବର୍ଷଗୁଡ଼ିକର ପ୍ରତିଫଳନ ରହିଛି, ଯେଉଁଥିରେ ସରକାରଙ୍କ ସୀମା ସଙ୍କଟ ପରିଚାଳନା ମଧ୍ୟ ଅନ୍ତର୍ଭୁକ୍ତ। କେବଳ ଏହା ପୁସ୍ତକକୁ ରାଜନୈତିକ ଭାବରେ ସମ୍ବେଦନଶୀଳ କରିଥାଏ। ଯେତେବେଳେ ରାହୁଲ ଗାନ୍ଧୀ ସଂସଦରେ ଏଥିରୁ ଉଦ୍ଧୃତି ଦେବାକୁ ଚେଷ୍ଟା କରିଥିଲେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହସ୍ତକ୍ଷେପ କରିଥିଲେ, ଜୋର ଦେଇ କହିଥିଲେ ଯେ ଅପ୍ରକାଶିତ ସାମଗ୍ରୀକୁ ବିତର୍କରେ ବ୍ୟବହାର କରାଯାଇପାରିବ ନାହିଁ। ତଥାପି, ବିରୋଧୀ ଯୁକ୍ତି ଦେଇଥିଲେ ଯେ ସରକାର ଜାଣିଶୁଣି ପୁସ୍ତକର ପ୍ରକାଶନକୁ ଅବରୋଧ କରୁଛନ୍ତି ଯାହା ଦ୍ୱାରା ଏହାର ଚୀନ୍ ନୀତି ବିଷୟରେ ଅସ୍ୱସ୍ତିକର ସତ୍ୟକୁ ସାଧାରଣ କ୍ଷେତ୍ରରେ ପ୍ରବେଶ କରିବାରୁ ରୋକିବା ସମ୍ଭବ ନୁହେଁ।

ପ୍ରତିରକ୍ଷା ମନ୍ତ୍ରଣାଳୟର ରେକର୍ଡ ଏହି ସନ୍ଦେହକୁ ଅଧିକ ଗୁରୁତ୍ୱ ଦିଏ। ୨୦୨୦ ରୁ ୨୦୨୪ ମଧ୍ୟରେ, ଅବସରପ୍ରାପ୍ତ ସାମରିକ ଅଧିକାରୀଙ୍କ ଦ୍ୱାରା ୩୫ଟି ପୁସ୍ତକ ପ୍ରକାଶନ ପାଇଁ ମଞ୍ଜୁର କରାଯାଇଥିଲା। ନାରଭାଣେଙ୍କ ପାଣ୍ଡୁଲିପି ହେଉଛି ଏକମାତ୍ର ପୁସ୍ତକ ଯାହା ଏପର୍ଯ୍ୟନ୍ତ ଅନୁମୋଦନ ପାଇଁ ଅପେକ୍ଷାରେ ଅଛି। ଏହି ଅସଙ୍ଗତି ଆଶ୍ଚର୍ଯ୍ୟଜନକ। ଗାଲୱାନ ସଙ୍କଟକୁ ତଦାରଖ କରିଥିବା ସେନା ମୁଖ୍ୟଙ୍କ ସ୍ମୃତିକଥାକୁ କାହିଁକି ବିଳମ୍ବ ପାଇଁ ବାଛିବା ଉଚିତ? ସରକାରୀ ବ୍ୟାଖ୍ୟା ଅମଲାତାନ୍ତ୍ରିକ: ମଞ୍ଜୁରୀ ପ୍ରକ୍ରିୟା ସମୟ ନେଇଥାଏ, ଏବଂ ପୁସ୍ତକଟି ଏପର୍ଯ୍ୟନ୍ତ ସମୀକ୍ଷାଧୀନ ଅଛି। କିନ୍ତୁ ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଏହା ଏକ ସୁବିଧାଜନକ ବାହାନା। ସରକାର ଯେତେବେଳେ ଇଚ୍ଛା ସେତେବେଳେ କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବାରେ ନିଜକୁ ସକ୍ଷମ ଦେଖାଇଛନ୍ତି। ଫୋର୍ ଷ୍ଟାର ଅଫ୍ ଡେଷ୍ଟିନିର ଦୀର୍ଘକାଳୀନ ଅସ୍ଥିରତା ଜାଣିଶୁଣି ବାଧା ସୃଷ୍ଟି କରିବାର ସୂଚାଇଥାଏ।

ବିବାଦ କେବଳ ଏକ ପୁସ୍ତକ ବିଷୟରେ ନୁହେଁ; ଏହା ନାଗରିକମାନଙ୍କର ଜାଣିବାର ଅଧିକାର ବିଷୟରେ ଯେ ସେମାନଙ୍କ ସରକାର କିପରି ଏକ ଜାତୀୟ ସୁରକ୍ଷା ସଙ୍କଟକୁ ପରିଚାଳନା କରିଥିଲେ। ଗଣତନ୍ତ୍ରରେ, ସାମରିକ ସ୍ମରଣିକା ପ୍ରାୟତଃ ଐତିହାସିକ ସତ୍ୟର ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ କାର୍ଯ୍ୟ କରେ, ଯାହା ଦୃଷ୍ଟିକୋଣ ପ୍ରଦାନ କରେ ଯାହା ସରକାରୀ ବିଜ୍ଞପ୍ତି ଏବଂ ରାଜନୈତିକ ଭାଷଣଗୁଡ଼ିକୁ ଅସ୍ପଷ୍ଟ କରିଥାଏ। ବର୍ତ୍ତମାନର ବିତର୍କରେ ନାରଭାଣେଙ୍କ ନୀରବତା - ସେ କହିଛନ୍ତି ଯେ ସେ ଲେଖି ତାଙ୍କର କାମ କରିଛନ୍ତି, ଏବଂ ବର୍ତ୍ତମାନ ଏହା ପ୍ରକାଶକ ଏବଂ ମନ୍ତ୍ରଣାଳୟ ଉପରେ ନିର୍ଭର କରେ - କେବଳ ଉତ୍ତେଜନାକୁ ସ୍ପଷ୍ଟ କରେ। ତାଙ୍କର ସଂଯମତା ଜଣେ ସୈନିକର ବୈଶିଷ୍ଟ୍ୟ ଯିଏ ସଂସ୍ଥାଗତ ସୀମାକୁ ସମ୍ମାନ କରେ। କିନ୍ତୁ ତାଙ୍କ ପାଣ୍ଡୁଲିପିର ଅସ୍ତିତ୍ୱ, ଏବଂ ଏହାକୁ ଦିନର ଆଲୋକ ଦେଖିବାକୁ ଦେବାରେ ସରକାରଙ୍କ ଅନିଚ୍ଛା, ଏହାକୁ ଦବିଯାଇଥିବା ସତ୍ୟର ପ୍ରତୀକରେ ପରିଣତ କରିଛି।

ସରକାର ସଂସଦରେ ଏହି ବିଷୟ ଉପରେ ଆଲୋଚନା କରିବାକୁ କାହିଁକି ଭୟ କରୁଛନ୍ତି? ଏହାର ଉତ୍ତର ଏହାର ଚୀନ୍ ନୀତିର ରାଜନୈତିକ ଦୁର୍ବଳତାରେ ରହିଛି। ଗାଲୱାନ୍ ସଂଘର୍ଷ ଜାତୀୟ ଆଘାତର ଏକ ମୁହୂର୍ତ୍ତ ଥିଲା, ଯେଉଁଥିରେ ସୈନିକମାନେ ନିଷ୍ଠୁର ହାତ-ହାତ ଯୁଦ୍ଧରେ ପ୍ରାଣ ହରାଇଥିଲେ। ସେବେଠାରୁ ସରକାରଙ୍କ କଥାବାର୍ତ୍ତା ଶକ୍ତି ଏବଂ ସ୍ଥିରତାର। ତଥାପି ପ୍ରଶ୍ନଗୁଡ଼ିକ ରହିଛି: ଭାରତ କ'ଣ ଅଞ୍ଚଳ ହରାଇଲା? ଚୀନ୍ ସହିତ ଆଲୋଚନା କ'ଣ ଦୁର୍ବଳତାର ସ୍ଥିତିରୁ କରାଯାଇଥିଲା? ସରକାର କ'ଣ ନିଜର ଭାବମୂର୍ତ୍ତିକୁ ରକ୍ଷା କରିବା ପାଇଁ ସଙ୍କଟର ଗମ୍ଭୀରତାକୁ କମ୍ କରି ଦେଖାଇଥିଲେ? ଯଦି ନାରଭାଣେଙ୍କ ସ୍ମୃତିକଥାରେ ସରକାରୀ କଥାବାର୍ତ୍ତାର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ ମୂଲ୍ୟାଙ୍କନ ଥାଏ, ତେବେ ଏହାର ପ୍ରକାଶନ ଶାସକ ଦଳକୁ ଲଜ୍ଜିତ କରିପାରେ ଏବଂ ବିରୋଧୀଙ୍କୁ ଗୁଳି ଯୋଗାଇପାରେ। ସେଥିପାଇଁ ସରକାର ନୀରବତାକୁ ପସନ୍ଦ କରନ୍ତି, ବାସ୍ତବ ବିତର୍କକୁ ଏଡାଇବା ପାଇଁ ପ୍ରକ୍ରିୟାଗତ ବୈଷୟିକତା ଉପରେ ଜୋର ଦିଅନ୍ତି।


ଏଠାରେ ଗୁପ୍ତ ରଖିବା ସାମରିକ ଗୁପ୍ତ କଥା ନୁହେଁ। ଏହା ରାଜନୈତିକ ଦାୟିତ୍ୱ ବିଷୟରେ। ସରକାରମାନେ ପ୍ରାୟତଃ ନିଜକୁ ଯାଞ୍ଚରୁ ରକ୍ଷା କରିବା ପାଇଁ ଜାତୀୟ ସୁରକ୍ଷାକୁ ଆହ୍ୱାନ କରନ୍ତି, କିନ୍ତୁ ଏହି କ୍ଷେତ୍ରରେ, ଗୁପ୍ତତା ଜାତିକୁ ସୁରକ୍ଷା ଦେବା ପରିବର୍ତ୍ତେ ପ୍ରତିଷ୍ଠାକୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପରି ମନେହୁଏ। ଅନ୍ୟ ଜେନେରାଲଙ୍କ ପୁସ୍ତକଗୁଡ଼ିକୁ ବିନା ଇସ୍ୟୁରେ କ୍ଲିଅର୍ କରାଯାଇଛି ତାହା ଦର୍ଶାଏ ଯେ ପ୍ରତିରକ୍ଷା ମନ୍ତ୍ରଣାଳୟ ନୀତିଗତ ଭାବରେ ସାମରିକ ସ୍ମରଣିକାକୁ ବିରୋଧ କରେ ନାହିଁ। ଏହା ବିଶେଷ ଭାବରେ ଏହାକୁ ବିରୋଧ କରେ, କାରଣ ଚୀନ୍ ପ୍ରତି ସରକାରଙ୍କ ପରିଚାଳନାରେ ବିରୋଧାଭାସ ପ୍ରକାଶ କରିବାର ଏହାର ସମ୍ଭାବନା ଅଛି।

ଏହି ବିବାଦ ଭାରତରେ ବେସାମରିକ-ସାମନ୍ତ୍ୟ ସମ୍ପର୍କ ବିଷୟରେ ମଧ୍ୟ ବ୍ୟାପକ ପ୍ରଶ୍ନ ଉଠାଇଥାଏ। ଅବସରପ୍ରାପ୍ତ ଜେନେରାଲମାନେ ସରକାରୀ ଅନୁମତି ବିନା ସେମାନଙ୍କର ଆକାଉଣ୍ଟ ପ୍ରକାଶ କରିବାକୁ ମୁକ୍ତ ହେବା ଉଚିତ କି? ବର୍ତ୍ତମାନର ବ୍ୟବସ୍ଥା ସେମାନଙ୍କୁ ଯାଞ୍ଚ ପାଇଁ ପାଣ୍ଡୁଲିପି ଦାଖଲ କରିବାକୁ ବାଧ୍ୟ କରେ, ଯାହା ସ୍ପଷ୍ଟ ଭାବରେ ସମ୍ବେଦନଶୀଳ ସୂଚନା ପ୍ରକାଶକୁ ରୋକିବା ପାଇଁ। କିନ୍ତୁ ଯେତେବେଳେ କ୍ଲିଅର୍ନ୍ସ ସେନ୍ସରସିପର ଏକ ଉପକରଣ ହୋଇଯାଏ, ସେତେବେଳେ ବ୍ୟବସ୍ଥା ସ୍ମରଣିକାର ଉଦ୍ଦେଶ୍ୟକୁ ଦୁର୍ବଳ କରିଦିଏ, ଯାହା ସଚ୍ଚୋଟ ସାକ୍ଷ୍ୟ ପ୍ରଦାନ କରିବା। ନାରଭାଣେଙ୍କ ମାମଲା ଦର୍ଶାଏ ଯେ ବୈଧ ସୁରକ୍ଷା ଚିନ୍ତା ଏବଂ ରାଜନୈତିକ ସୁବିଧା ମଧ୍ୟରେ ରେଖା କିପରି ଝାପ୍ସା ହୋଇପାରେ। ପୁସ୍ତକର ସଂସଦୀୟ ଆଲୋଚନାକୁ ଅନୁମତି ଦେବାକୁ ସରକାରଙ୍କ ମନା କରିବା ସୂଚାଇ ଦିଏ ଯେ ସୁବିଧା ବିଜୟୀ ହୋଇଛି।

ଗଭୀର ସ୍ତରରେ, ଏହି ଏପିସୋଡ୍ ରାଜନୈତିକ କ୍ଷେତ୍ରରେ ସତ୍ୟର ଭଙ୍ଗୁରତାକୁ ପ୍ରତିଫଳିତ କରେ। ପ୍ରକାଶିତ ହୋଇନଥିବା ଏକ ପୁସ୍ତକ ସଂସଦୀୟ ଲଢ଼େଇରେ ଏକ ଅସ୍ତ୍ର ପାଲଟିଛି। ଏହାର ଅନୁପସ୍ଥିତି ଏହାର ଉପସ୍ଥିତି ଅପେକ୍ଷା ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରେ। ସରକାରଙ୍କ ନୀରବତା, ବିରୋଧୀଙ୍କ ଜିଦ୍ ଏବଂ ଜନସାଧାରଣଙ୍କ କୌତୁହଳ ମିଳିତ ଭାବରେ ଚାରି ତାରା ଭାଗ୍ୟକୁ ଏକ ଲୁକ୍କାୟିତ ଇତିହାସର ପ୍ରତୀକରେ ପରିଣତ କରିଛି। ପୁସ୍ତକଟି ଶେଷରେ ଆଲୋକ ଦେଖିବ କି ନାହିଁ, ବିବାଦ ପୂର୍ବରୁ ବହୁତ କିଛି ପ୍ରକାଶ କରିଛି: ସରକାର ଏହାର ଚୀନ୍ ନୀତିର ଯାଞ୍ଚକୁ ଭୟ କରନ୍ତି, ଏହା ନିଜର ବର୍ଣ୍ଣନାକୁ ରକ୍ଷା କରିବା ପାଇଁ ଜଣେ ସୈନିକଙ୍କ ସ୍ୱରକୁ ଦମନ କରିବାକୁ ଇଚ୍ଛୁକ, ଏବଂ ସତ୍ୟ ଏବଂ ଶକ୍ତି ମଧ୍ୟରେ ସଂଘର୍ଷରେ, ଅପ୍ରକାଶିତ ଶବ୍ଦ ମଧ୍ୟ ବିପଜ୍ଜନକ ହୋଇପାରେ।

ଶେଷରେ, ମାମଲା କେବଳ ନାରଭାଣେଙ୍କ ବିଷୟରେ ନୁହେଁ। ଏହା ରାଜ୍ୟ ଏବଂ ଏହାର ନାଗରିକଙ୍କ ମଧ୍ୟରେ, ସେନା ଏବଂ ଜନସାଧାରଣଙ୍କ ମଧ୍ୟରେ, ସତ୍ୟ ଏବଂ ରାଜନୀତି ମଧ୍ୟରେ ସମ୍ପର୍କ ବିଷୟରେ। ସରକାର ପୁସ୍ତକକୁ ବିଳମ୍ବ କରିବାରେ ସଫଳ ହୋଇପାରନ୍ତି, କିନ୍ତୁ ଏହା ଉଠାଉଥିବା ପ୍ରଶ୍ନଗୁଡ଼ିକୁ ଲିଭାଇ ପାରିବେ ନାହିଁ। ସେନା ମୁଖ୍ୟଙ୍କ ଆକାଉଣ୍ଟକୁ କାହିଁକି ଏକକ ଭାବରେ ପ୍ରକାଶ କରାଯାଇଥିଲା? ଏଥିରେ କେଉଁ ସତ୍ୟ ରହିଛି ଯାହା ସରକାର ଭୟ କରନ୍ତି? ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଲୁଚାଇବା ଭାରତର ଗଣତନ୍ତ୍ରର ସ୍ୱାସ୍ଥ୍ୟ ବିଷୟରେ କ'ଣ କୁହେ? ଏଗୁଡ଼ିକ ହେଉଛି ସେହି ପ୍ରଶ୍ନ ଯାହା ଏକ ଅପ୍ରକାଶିତ ପାଣ୍ଡୁଲିପିର ନୀରବତାରେ ଉତ୍ତରହୀନ ଭାବରେ ଝୁଲି ରହିଛି।


ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୦୨୮


# ଗଙ୍ଗାରେ ସ୍ନାନ ପରେ ମଧ୍ୟ ପାପ କାହିଁକି ଧୋଇ ହୁଏ ନାହିଁ ?




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ସାରା ବିଶ୍ୱର ନଦୀଗୁଡ଼ିକ ସହିତ ମଣିଷର ଏକ ଭାବପ୍ରବଣ ସମ୍ପର୍କ ରହିଛି। ତଥାପି, ଭାରତର ନଦୀଗୁଡ଼ିକ ସହିତ ମଣିଷର ସମ୍ପର୍କ - ବିଶେଷକରି ପ୍ରମୁଖ ନଦୀ ଗଙ୍ଗା, ଯମୁନା, ନର୍ମଦା, ଗୋଦାବରୀ ଏବଂ ଅନ୍ୟାନ୍ୟ- ଅନ୍ୟ କୌଣସି ସଭ୍ୟତାରେ ବହୁତ କମ୍ ଦେଖାଯାଏ। ଏଗୁଡ଼ିକ ମଧ୍ୟରେ, ଗଙ୍ଗା ସହିତ ଭାରତୀୟମାନଙ୍କର ସମ୍ପର୍କ ଭାବପ୍ରବଣ ଅପେକ୍ଷା ଆଧ୍ୟାତ୍ମିକ। ଭାରତୀୟମାନେ ଗଙ୍ଗାକୁ ଦେବୀଙ୍କ ମାନ୍ୟତାରେ ଉନ୍ନୀତ କରିଛନ୍ତି। ଏହି ଜୀବନଦାୟୀ ନଦୀ ହିନ୍ଦୁ ଶାସ୍ତ୍ର ଏବଂ ପୌରାଣିକ କାହାଣୀରେ ପୂଜିତ। ସନ୍ଥ କବିମାନେ ଗଙ୍ଗାର ପ୍ରଶଂସା ଗାନ କରିଛନ୍ତି, ଯେତେବେଳେ ଆଧୁନିକ କବି, ଚିତ୍ରଶିଳ୍ପୀ, ଚଳଚ୍ଚିତ୍ର ନିର୍ମାତା ଏବଂ ସଂଗୀତଜ୍ଞମାନେ ମଧ୍ୟ ସୃଜନଶୀଳ ଭାବରେ ଏହାର କୂଳରେ ଜୀବନର ସୌନ୍ଦର୍ଯ୍ୟ ଏବଂ ପ୍ରତିଛବି ଅନୁସନ୍ଧାନ କରିଛନ୍ତି। ଏହି ମହାନ ନଦୀ ବିଷୟରେ ନିଶ୍ଚିତ ଭାବରେ କିଛି ମନୋରମ ଅଛି। ପୁରାଣରେ ଗଙ୍ଗାର ଅପାର ମହିମା ବର୍ଣ୍ଣନା କରାଯାଇଛି। ଉଦାହରଣ ସ୍ୱରୂପ, ଗଙ୍ଗା ଏକ ସିଡ଼ି ଭାବରେ କାର୍ଯ୍ୟ କରେ ଯାହା ମଣିଷକୁ ସ୍ୱର୍ଗକୁ ନେଇଯାଏ, ସେମାନଙ୍କୁ ଦିବ୍ୟତା ପ୍ରାପ୍ତ କରିବାରେ ସକ୍ଷମ କରେ, ମୋକ୍ଷ ପ୍ରଦାନ କରେ, ଗୁରୁତର ପାପକୁ ମଧ୍ୟ ଧୋଇଦିଏ ଏବଂ କଷ୍ଟକୁ ଦୂର କରେ। ଜଣେ ବ୍ୟକ୍ତିଙ୍କ ଦୁଃଖକୁ ସ୍ଥାୟୀ ଭାବରେ ଦୂର କରି, ସେମାନେ ପରମ ଶାନ୍ତି ପ୍ରାପ୍ତ କରନ୍ତି ଏବଂ ଜୀବିତ ଅବସ୍ଥାରେ ମୁକ୍ତି ଅନୁଭବ କରିବା ଆରମ୍ଭ କରନ୍ତି। ଗଙ୍ଗା ସମସ୍ତ ଆନନ୍ଦ ଏବଂ ସୁଖର ମୂଳ। ଏହା ସମସ୍ତ ଦୁଃଖକୁ ଦୂର କରେ। କିନ୍ତୁ ଏବେ ଗଙ୍ଗାରେ ସ୍ନାନ କରିବା ପରେ ମଧ୍ୟ ପାପ କାହିଁକି ଲୁପ୍ତ ହୁଏ ନାହିଁ ? ବେଳେ ବେଳେ ଆମେ ଭାବୁଥାଉ ଯେ, ଅନେକ ଥର ଗଙ୍ଗାରେ ସ୍ନାନ କରିବା ଏବଂ ବର୍ଷ ବର୍ଷ ଧରି ଏହାର ଜଳ ପିଇବା ସତ୍ତ୍ୱେ, ଆମର ଦୁଃଖ, ଚିନ୍ତା, ଚାପ, ଭୟ, କଷ୍ଟ ଏବଂ ଯନ୍ତ୍ରଣା କାହିଁକି ଲୋପ ପାଇନାହିଁ ? ଆମ ଜୀବନରେ କାହିଁକି ଶାନ୍ତି ନାହିଁ ? ଏହାର ଉତ୍ତର ଅତି ସହଜ ଓ ସରଳ। ମଣିଷ ଈଶ୍ୱର ଏବଂ ତାଙ୍କ ବାଣୀ ଉପରେ ବିଶ୍ୱାସ କରେ ନାହିଁ। ଶାସ୍ତ୍ର ଏବଂ ପୁରାଣରେ ଯାହା ଲେଖା ଅଛି ତାହା ଈଶ୍ୱରଙ୍କ ନିଜସ୍ୱ ବାଣୀ। ଯଦି ଆମେ ଯୁକ୍ତି ବିନା ପୁରାଣର ବାଣୀକୁ ବିଶ୍ୱାସ କରୁ, ତେବେ ଆମେ ନିଶ୍ଚିତ ଭାବରେ ଫଳ ପାଇବୁ।

ଆମେମାନେ ମନେ ରଖିବା ଉଚିତ୍ ଯେ ଦେବତା, ବେଦ, ଗୁରୁ, ମନ୍ତ୍ର, ତୀର୍ଥସ୍ଥଳ, ଔଷଧ ଏବଂ ସନ୍ଥ, ଏ ସମସ୍ତ କେବଳ ବିଶ୍ୱାସ ଏବଂ ବିଶ୍ୱାସ ଦ୍ୱାରା ଫଳ ପ୍ରଦାନ କରନ୍ତି, କାରଣ ଦ୍ୱାରା ନୁହେଁ। ଏହାକୁ ନେଇ ଏକ ସୁନ୍ଦର କାହାଣୀ ଦ୍ୱାରା ସର୍ବୋତ୍ତମ ଭାବରେ ଦର୍ଶାଯାଇପାରିବ। ତାହା ହେଲା - ଥରେ, ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭ୍ରମଣ କରୁଥିବା ସମୟରେ ହରିଦ୍ୱାରରେ ପହଞ୍ଚିଲେ। ପାର୍ବତୀ ଶଙ୍କରଙ୍କୁ ପଚାରିଲେ, ହଜାର ହଜାର ଲୋକ ଗଙ୍ଗାରେ ସ୍ନାନ କରୁଛନ୍ତି, କିନ୍ତୁ ସେମାନଙ୍କର ପାପ କାହିଁକି ଧୋଇ ହେଉନାହିଁ ? ମହାପ୍ରଭୁ ଶଙ୍କର ଉତ୍ତର ଦେଲେ, ଏହି ଲୋକମାନେ ଗଙ୍ଗାରେ ସ୍ନାନ କରିନାହାଁନ୍ତି। ସେମାନେ କେବଳ ପାଣିରେ ସ୍ନାନ କରୁଛନ୍ତି। ଏବେ ମୁଁ ତୁମକୁ ଦେଖାଇବି ଯେ ପ୍ରକୃତରେ ଗଙ୍ଗାରେ କିଏ ସ୍ନାନ କରିଛି। ଭଗବାନ ଶଙ୍କର ଗଙ୍ଗାରେ ଏକ କୂପ ଖୋଳିଲେ, ଏହାକୁ ପାଣିରେ ପୂର୍ଣ୍ଣ କଲେ, ଏବଂ ଜଣେ ସାଧାରଣ ମଣିଷର ବେଶରେ ସେହି କୂପରେ ଠିଆ ହେଲେ। ଶଙ୍କର ତାଙ୍କ କାନ୍ଧ ପର୍ଯ୍ୟନ୍ତ ବୁଡ଼ି ରହିଥିଲେ। ସେ ପାର୍ବତୀଙ୍କୁ କହିଲେ ଯେ ଯେଉଁମାନେ ଗଙ୍ଗାରେ ସ୍ନାନ କରିଛନ୍ତି ସେମାନଙ୍କୁ ଅନୁରୋଧ କରନ୍ତୁ, "ମୋ ସ୍ୱାମୀଙ୍କୁ ଏହି କୂପରୁ ବାହାର କର, କିନ୍ତୁ କେବଳ ଯଦି ତୁମେ ତୁମ ଜୀବନରେ କୌଣସି ପାପ କରି ନାହଁ, ନଚେତ୍ ତୁମେ ତାଙ୍କୁ ସ୍ପର୍ଶ କରି ପାଉଁଶ ହୋଇଯିବ।" ଅନେକ ଦିନ ବିତିଗଲା। ହଜାର ହଜାର ଲୋକ ଗଙ୍ଗାରେ ସ୍ନାନ କରି ସେହି ପଥ ଦେଇ ଯାଉଥିଲେ, କିନ୍ତୁ ସର୍ତ୍ତ ଶୁଣି ସେମାନେ ଭଗବାନ ଶଙ୍କରଙ୍କୁ ସ୍ପର୍ଶ କରିବାକୁ ସାହସ କରିବାକୁ ମନା କରିଦେଲେ ଏବଂ ଚାଲିଗଲେ, କହିଲେ, ଆମେ ଏହି ଜନ୍ମରେ କୌଣସି ପାପ କରିନାହୁଁ, କିନ୍ତୁ ଆମର ପୂର୍ବ ଜନ୍ମ ବିଷୟରେ କିଏ ଜାଣେ। ଆମେ ହୁଏତ କିଛି କରିଥିବୁ। ଗୋଟିଏ ଦିନ, ଜଣେ ବ୍ୟକ୍ତି ଆସି ପାର୍ବତୀଙ୍କୁ କହିଲେ, ମୁଁ ତୁମ ସ୍ୱାମୀଙ୍କୁ ଏହି କୂପରୁ ବାହାର କରିବି। ପାର୍ବତୀ ପଚାରିଲେ, ତୁମେ କେବେ କୌଣସି ପାପ କରିନାହଁ ? ବ୍ୟକ୍ତି ଜଣକ ଉତ୍ତର ଦେଲେ, "ମୁଁ ଅନେକ ପାପ କରିଛି, କିନ୍ତୁ ମୁଁ କେବଳ ଗଙ୍ଗାରେ ସ୍ନାନ କରିଛି, ତେଣୁ ମୋର ସମସ୍ତ ପାପ ନଷ୍ଟ ହୋଇଗଲା ଏବଂ ମୁଁ ପାପମୁକ୍ତ ହୋଇଗଲି। ବ୍ୟକ୍ତି ଜଣକ ପ୍ରଭୁ ଶଙ୍କରଙ୍କୁ କୂପରୁ ବାହାର କରିବା ପାଇଁ ହାତ ବଢ଼ାଇବା ମାତ୍ରେ ଶଙ୍କରଜୀ ସ୍ୱୟଂଚାଳିତ ଭାବରେ କୂପରୁ ବାହାରି ଆସିଲେ। ଭଗବାନ ଶଙ୍କର ପାର୍ବତୀଙ୍କୁ କହିଲେ, ସେ ପ୍ରକୃତରେ ଗଙ୍ଗାରେ ସ୍ନାନ କରିଛନ୍ତି କାରଣ ସେ ବିଶ୍ୱାସ କରନ୍ତି ଯେ ଗଙ୍ଗାରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ ନଷ୍ଟ ହୋଇଯାଏ।



ତେଣୁ ଗଙ୍ଗାରେ ସ୍ନାନର ପୂର୍ଣ୍ଣ ଲାଭ ପ୍ରାପ୍ତ ପାଇବାକୁ ହେଲେ ଗଙ୍ଗା ମାତାଙ୍କର ଆଶୀର୍ବାଦ ପାଇବା ପାଇଁ, ତାଙ୍କ ପ୍ରତି ଅଟଳ ବିଶ୍ୱାସ ରହିବା ଉଚିତ। ତେଣୁ, ସାଂସାରିକ ଜିନିଷ ମାଗିବା ପରିବର୍ତ୍ତେ, ସର୍ବଦା ପ୍ରାର୍ଥନା କରିବା ଉଚିତ ଯେ ଏ ମାତା ତୁମର କୃପା ଦ୍ୱାରା, ମୋତେ ତୁମର ଅଟଳ ବିଶ୍ୱାସ ପ୍ରଦାନ କର। ଗଙ୍ଗାରେ ବୁଡ଼ ପକାଇବା ସମୟରେ, ଜଣେ ବ୍ୟକ୍ତି ଏହି ଭାବନା ରଖିବା ଉଚିତ ଯେ ଆମେ ସ୍ୱୟଂ ଭଗବାନ ନାରାୟଣଙ୍କ ପାଦ କମଳରୁ ନିର୍ଗତ ଅମୃତ ପରି ବ୍ରହ୍ମ ତରଳରେ ବୁଡ଼ ପକାଉଛୁ। ମୋର ପୂର୍ବ ଜନ୍ମରେ ମୁଁ ଛୋଟ ହେଉ କି ବଡ଼, ଯେକୌଣସି ପାପ କରିଛି, ତାହା ଗଙ୍ଗାଜୀରେ ସ୍ନାନ କରିବା ଦ୍ୱାରା ନିଶ୍ଚିତ ଭାବରେ ନଷ୍ଟ ହେବ। ପବିତ୍ର ଗଙ୍ଗା ନଦୀ, ତ୍ରିପଥଗମଣୀ, ମୋ ପାପକୁ ଧୋଇ ଦେବା ପାଇଁ ଯଥେଷ୍ଟ ଦୟାଳୁ ହେଉ। ଶାସ୍ତ୍ରରେ କୁହାଯାଇଛି ଯେ ଜଣେ କେବଳ ଦେବତା ହୋଇ ଦେବତାଙ୍କୁ ପୂଜା କରିବା ଉଚିତ। ଶାସ୍ତ୍ରରେ ଏପରି ମଧ୍ୟ କୁହାଯାଇଛି ଯେ ଗଙ୍ଗାରେ ସ୍ନାନ କରିବା ସମୟରେ, ଜଣେ ବ୍ୟକ୍ତି ମିଛ, ଲଢ଼େଇ, ନିନ୍ଦା, ଗପ, କ୍ରୋଧ, ଲୋଭ ଏବଂ ଲୋଭ ଭଳି ଆସୁରିକ ପ୍ରବୃତ୍ତିଗୁଡ଼ିକୁ ପରିତ୍ୟାଗ କରିବା ଉଚିତ ଏବଂ ଦାନ, ଦୟା, କରୁଣା, ସତ୍ୟବାଦୀ ଏବଂ ଦାନ ଭଳି ଦିବ୍ୟ ଗୁଣ ଗ୍ରହଣ କରିବା ଉଚିତ। ତେବେ ହିଁ ସ୍ନାନ ସଫଳ ହୁଏ। ଅନେକ ଲୋକ ଗଙ୍ଗାରେ ସ୍ନାନ କରିବାକୁ ଯାଆନ୍ତି କିନ୍ତୁ ଶାସ୍ତ୍ରରେ ଉଲ୍ଲେଖିତ ବିଧି ପାଳନ କରନ୍ତି ନାହିଁ। ସେମାନେ ତୀର୍ଥସ୍ଥଳରେ ତାସ୍ ଖେଳିବା ଏବଂ ସିଗାରେଟ୍ ଟାଣିବା ଭଳି କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି, ଯାହା ସେମାନଙ୍କୁ ଗଙ୍ଗାରେ ସ୍ନାନର ପୁଣ୍ୟରୁ ମଧ୍ୟ ବଞ୍ଚିତ କରେ। ଲୋକଙ୍କ ପାପ ଧୋଇ ଦେଉଥିବା ଗଙ୍ଗା ଏବେ ଏପରି ପୁଣ୍ୟ ଆତ୍ମାଙ୍କୁ ଅପେକ୍ଷା କରିଛି ଯେଉଁମାନେ ଗଙ୍ଗାରେ ପାପ ଧୋଇବା ପାଇଁ ନୁହେଁ ବରଂ ସେମାନଙ୍କର ପୁଣ୍ୟ ସମର୍ପିତ କରିବାକୁ ଆସନ୍ତି।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

## ଆଜି କ୍ୟାନସର ଟୀକାକରଣର ଶୁଭାରମ୍ଭ କରିବେ ମୋଦି

# ୧୪ ବର୍ଷୀୟ ବାଳିକାମାନଙ୍କ ପାଇଁ ଦେଶବ୍ୟାପୀ ଏଚ୍‌ପିଭି ଟୀକାକରଣ

### ୧୬,୬୮୦ କୋଟିରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

### ନବନିଯୁକ୍ତ ୨୧,୮୦୦ରୁ ଅଧିକ ନିଯୁକ୍ତି ପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୭।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନର ଆଜମେର ଗସ୍ତ କରିବେ। ଦିନ ପ୍ରାୟ ସାଢେ ୧୧ଟାରେ ପ୍ରଧାନମନ୍ତ୍ରୀ ୧୬,୬୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ, ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ଏହି ଅବସରରେ ସେ ଏକ ସାଧାରଣ ସମାବେଶକୁ ମଧ ସମ୍ବୋଧିତ କରିବେ । ଏହି ପ୍ରକଳ୍ପଗୁଡିକ ସହରାଞ୍ଚଳ ବିକାଶ, ପାନୀୟ ଜଳ ଯୋଗାଣ, ସଡକ, ଜଳସେଚନ, ଶକ୍ତି, ଶିଳ୍ପ ଭିତ୍ତିଭୂମି ସମେତ ପ୍ରମୁଖ କ୍ଷେତ୍ରଗୁଡିକୁ ବ୍ୟାପିଛି ।

ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବା ଏବଂ ମହିଳାମାନଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ୧୪ ବର୍ଷୀୟ ଝିଅମାନଙ୍କ ନିମନ୍ତେ ମାନବ ପାପିଲୋମାଭାଇରସ୍ (ଏଚ୍‌ପିଭି) ଟୀକାକରଣ ପାଇଁ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବେ । ଏହି ପଦକ୍ଷେପର ଲକ୍ଷ୍ୟ ଗର୍ଭାଶୟ କର୍କଟ ରୋଗକୁ ରୋକିବା, ଯାହା ମହିଳାମାନଙ୍କ ମଧ୍ୟରେ କର୍କଟ ସମ୍ପର୍କିତ ରୋଗର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ଏବଂ ସାରା ଦେଶରେ ଝିଅ ତଥା ମହିଳାମାନଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

ସଡକ ସଂଯୋଗୀକରଣକୁ ପ୍ରୋତ୍ସାହନ ପ୍ରଦାନ କରି ପ୍ରଧାନମନ୍ତ୍ରୀ, ବିଭିନ୍ନ ଜାତୀୟ ରାଜମାର୍ଗ ପ୍ରକଳ୍ପର ଉଦ୍‌ଘାଟନ କରିବେ । ସେଗୁଡିକ ମଧ୍ୟରେ ବାନ୍ଦିକୁଇରୁ ଜୟପୁର ପର୍ଯ୍ୟନ୍ତ ୪-ଲେନ୍ ଗ୍ରୀନଫିଲ୍ଡ ଏକ୍ସପ୍ରେସୱେ, ଅମୃତସର-ଜାମନଗର ଅର୍ଥନୈତିକ କରିଡରର ୭ତମ ପ୍ୟାପେଜରେ ୬-ଲେନ ପ୍ରବେଶ ନିୟନ୍ତ୍ରୀତ ସବୁଜ ରାଜପଥ ଏବଂ ଦିଲ୍ଲୀ-ବଡୋଦରା ପ୍ରବେଶ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ଏକ୍ସପ୍ରେସ୍‌ୱେର ୧୪ତମ ପ୍ୟାକେଜରେ ୮-ଲେନ୍ କ୍ୟାରେଜୱେ ଇତ୍ୟାଦି ରହିଛି । ସେ ଯୋଧପୁର ସହରରେ ୪-ଲେନ୍ ଏଲିଭେଟେଡ୍ ରୋଡ ଏବଂ ବାରନ ଜିଲ୍ଲାରେ ମାଲବମୋରୀ-ମଙ୍ଗରୋଲ-ବାରନ୍ ରାଜ୍ୟ ରାଜପଥର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ସମସ୍ତଙ୍କ ପାଇଁ ନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନୋନେରା ପ୍ରମୁଖ ପାନୀୟ ଜଳ ପ୍ରକଳପର ଚାରୋଟି ପ୍ୟାକେଜ୍ ଏବଂ ପରୱାନ୍ ଆକାୱାଡ ପ୍ରମୁଖ ପାନୀୟ ଜଳ ପ୍ରକଳ୍ପର ୫ଟି ପ୍ୟାକେଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ରାଜସ୍ଥାନରେ ନବୀକରଣୀୟ ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଉତ୍ପାଦନ ହବ୍‌ରୁ ନିର୍ବିଘ୍ନ ପରିବହନ ସୁନିଶ୍ଚିତ କରିବା ପାଇଁ, ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ନବୀକରଣୀୟ ଶକ୍ତି କ୍ଷେତ୍ରରେ (ଆର୍‌ଇଜେଡ୍) ର ବିଦ୍ୟୁତ ନିଷ୍କାସନ ପାଇଁ ପରିବହନ ପ୍ରଣାଳୀର ଉଦ୍‌ଘାଟନ କରିବେ । ନିଯୁକ୍ତି ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇ ପ୍ରଧାନମନ୍ତ୍ରୀ ରାଜସ୍ଥାନର ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ୨୧,୮୦୦ରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ।



# ‘ପ୍ରଚଣ୍ଡ’ରେ ଉଡ଼ିଲେ ରାଷ୍ଟ୍ରପତି

**ରାଜସ୍ଥାନ, ୨୭।୨:** ସ୍ୱଦେଶୀ ଯୁଦ୍ଧ ହେଲିକପ୍ଟର ପ୍ରଚଣ୍ଡରେ ଉଡିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଜସ୍ଥାନ ଜୈସଲମେର ଭାରତୀୟ ବାୟୁସେନା ଷ୍ଟେସନରୁ ହେଲିକପ୍ଟରରେ ଉଡ଼ାଣ ଭରିଛନ୍ତି ରାଷ୍ଟ୍ରପତି। ଭାରତର ଦେଶୀ ଡିଜାଇନ୍ ବିଶିଷ୍ଟ ହେଲିକପ୍ଟର ହେଉଛି ପ୍ରଚଣ୍ଡ। ଏହାକୁ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ବା ହାଲ ଦ୍ୱାରା ନିର୍ମାଣ କରାଯାଇଛି। ଉଡ଼ାଣ ପୂର୍ବରୁ ହେଲିକପ୍ଟରର କ୍ୟାପ୍ଟେନ ରାଷ୍ଟ୍ରପତିଙ୍କୁ ଏହାର କ୍ଷମତା ବିଷୟରେ ବିସ୍ତୃତ ଭାବେ ବୁଝାଇ କହିଥିଲେ। ପ୍ରଚଣ୍ଡ ମରୁଭୂମି, ଉଚ୍ଚଭୂମି ସମେତ ବିଭିନ୍ନ ଭୂଖଣ୍ଡରେ କାର୍ଯ୍ୟ କରିବା ପାଇଁ କ୍ଷମତା ରଖିଛି। ରାତିରେ ଆକ୍ରମଣ କରିବାର ମଧ୍ୟ କ୍ଷମତା ରହିଛି ପ୍ରଚଣ୍ଡ। ଏୟାର-ଟୁ-ଗ୍ରାଉଣ୍ଡ, ଏୟାର-ଟୁ-ଏୟାର ମିସାଇଲ୍, ରକେଟ୍ ଓ ୨୦ ଏମଏମ ଗନ୍ ଭଳି ଅସ୍ତ୍ରଶସ୍ତ୍ର ବହନ କରିପାରେ। ଏହା ଭାରତୀୟ ବାୟୁସେନାର ଯୁଦ୍ଧ କ୍ଷମତାକୁ ବହୁଗୁଣ ବୃଦ୍ଧି କରିଛି। ପ୍ରଚଣ୍ଡ ଆତ୍ମନିର୍ଭର ଭାରତର ଏକ ଶକ୍ତିଶାଳୀ ଉଦାହରଣ।

## ରନୱେରୁ ଖସିଲା ବିମାନ, ଯାତ୍ରୀ ସୁରକ୍ଷିତ



**ପୁଣେ,୨୭।୨:** ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ବିମାନ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ ଓ ବିମାନ କର୍ମଚାରୀ। ଏୟାର ଇଣ୍ଡିଆର ଏକ ବିମାନ ଅଳ୍ପକେ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି । ମୁମ୍ବାଇରୁ ପୁଣେ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନ ପୁଣେ ବିମାନବନ୍ଦରରେ ଅବତରଣ କରିବା ବେଳେ ରନୱେରୁ ଖସି ଯାଇଥିଲା । ପରେ ଏହା ତ୍ରୁଟି ସୁଧାରି ୨୫ ମିନିଟ୍ ପରେ ଅବତରଣ କରିଥିଲା । ବିମାନରେ ପ୍ରାୟ ୧୬୦ ଜଣ ଯାତ୍ରୀ ଥିଲେ। ସ୍ଥିତି ସମ୍ପର୍କରେ ଯାତ୍ରୀଙ୍କୁ କିଛି ସୂଚନା ଦିଆଯାଇନଥିଲା। ସମସ୍ତେ ଆତଙ୍କିତ ହୋଇପଡ଼ିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଅବତରଣ କରିଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରନୱେକୁ ବର୍ତ୍ତମାନ ପାଇଁ ବନ୍ଦ ରଖାଯାଇଛି।

## ଡ୍ରାଇଭିଂ ଲାଇସେନ୍ସ ପାଇଁ ଆସିବ ନୂଆ ବ୍ୟବସ୍ଥା

**ନୂଆଦିଲ୍ଲୀ, ୨୭।୨:** ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଗକୁ ଦେଶରେ ଲାଗୁ ହେବାକୁ ଯାଉଛି ଗ୍ରେଡ୍ ଆଧାରିତ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା। ଯେଉଁ ବ୍ୟବସ୍ଥାରେ ଟ୍ରାଫିକ ନିୟମ ଭାଙ୍ଗିଲେ ଡ୍ରାଇଭିଂ ଲାଇସେନ୍ସରୁ ପଏଣ୍ଟ କଟିବ ଏବଂ ନିର୍ଦ୍ଧାରିତ ସମୟ ପରେ ବାତିଲ ହୋଇଯିବ ଲାଇସେନ୍ସ । ଖୁବଶୀଘ୍ର କେନ୍ଦ୍ର ସରକାର ଦେଶରେ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଘୋଷଣା ଅନୁସାରେ, ଶୀଘ୍ର ଭାରତରେ ଗ୍ରେଡ୍ ଆଧାରିତ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା ଲାଗୁ ହେବ। ଗ୍ରେଡ ଆଧାରିତ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା ଅନୁସାରେ, ଯଦି ଟ୍ରାଫିକ କେହି ନିୟମ ଭାଙ୍ଗନ୍ତି ତାହେଲେ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଯିବ। ସଡ଼କ ସୁରକ୍ଷାକୁ ନେଇ ଦେଶରେ ପୂର୍ବରୁ ନିୟମ ରହିଛି । ଆଉ ଉକ୍ତ ନିୟମ ଭାଙ୍ଗିଲେ କିମ୍ବା ଉଲ୍ଲଂଘନ କଲେ ସାଧାରଣତଃ ଜରିମାନା ଭରିବାକୁ ପଡ଼ିଥାଏ । କିନ୍ତୁ ଏଣିକି ଡ୍ରାଇଭିଂ ଲାଇସେନ୍ସ ସହିତ ‘ରିପୋର୍ଟ କାର୍ଡ’ର ପ୍ରଚଳନ କରାଯିବ । ଯେତେବେଳେ କେହି ନିୟମ ଉଲ୍ଲଂଘନ କରିବେ ତ ତାଙ୍କ ଡ୍ରାଇଭି ଲାଇସେନ୍ସରୁ କିଛି ପିଏଣ୍ଟ କଟିଯିବ। ଯଦି ପଏଣ୍ଟ ନିର୍ଦ୍ଧାରିତ ସୀମା ଠାରୁ କମ୍ ହୋଇଯିବ, ତାହେଲେ ଡ୍ରାଇଭିଂ ଲାଇସେନ୍ସକୁ ୬ ମାସ ପାଇଁ ନିଲମ୍ବିତ କରି ଦିଆଯିବ।



## ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତିରେ ହଲଚଲ

# ଡିଏମକେରେ ସାମିଲେ ହେଲେ ପନିରସେଲଭମ



**ଚେନ୍ନାଇ,୨୭।୨:** ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତିରେ ହଲଚଲ । ଡିଏମକେରେ ଯୋଗଦେଲେ ଯୋଗଦେଲେ ଓ. ପନିରସିଲଭମ। ଚେନ୍ନାଇରେ ଷ୍ଟାଲିନଙ୍କ ଉପସ୍ଥିତିରେ ଡିଏମକେରେ ଯୋଗଦେଲେ। ୩ ଥରର ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମକେରୁ ବହିଷ୍କୃତ ପନିରସିଲଭମ। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବହିଷ୍କୃତ ଏଆଇଏଡିଏମ୍‌କେ ନେତା ଓ. ପନ୍ନିରସେଲଭମ୍ ଆଜି ଶାସକ ଡିଏମ୍‌କେ ଯୋଗ ଦେଇଛନ୍ତି ।

ପନ୍ନିରସେଲଭମ୍ ତାମିଲନାଡୁର ତିନି ଥର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କୁ ଦିବଂଗତ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ସବୁଠାରୁ ବିଶ୍ୱସ୍ତ ପ୍ରତିନିଧି ଭାବରେ ବିବେଚନା କରାଯାଉଥିଲା । ତାଙ୍କ ଏବଂ ଏଡାପ୍ପାଡି କେ. ପଲାନିସ୍ୱାମୀଙ୍କ ମଧ୍ୟରେ ଏଆଇଏଡିଏମ୍‌କେ ଭିତରେ ଦୀର୍ଘ ସମୟ ଧରି ଚାଲିଥିବା ନେତୃତ୍ୱ ସଂଘର୍ଷ ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ପନ୍ନିରସେଲଭମ୍ ଡ଼ିଏମ୍‌କେରେ ଯୋଗଦେବା ଦକ୍ଷିଣ ତାମିଲନାଡୁର ଭୋଟ ବ୍ୟାଙ୍କକୁ ପ୍ରଭାବିତ କରିପାରେ। ଏଠାରେ ଥେବର ସମ୍ପ୍ରଦାୟ ମଧ୍ୟରେ ପନିରସେଲଭମ୍‌କେ ସମର୍ଥନକୁ ଦୃଢ଼ ବୋଲି ବିବେଚନା କରାଯାଏ। ଓ. ପନ୍ନୀରସେଲଭମ୍ ପ୍ରଥମେ ୨୦୦୧ ମସିହାରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିଲେ।

ତଥାପି, ସେ ମାତ୍ର ଛଅ ମାସ ପରେ ଇସ୍ତଫା ଦେଇଥିଲେ। ତା’ପରେ ସେ ୨୦୧୪ ମସିହାରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଥିଲେ। କିନ୍ତୁ ଏଥର ସେ ମାତ୍ର ଗୋଟିଏ ମାସ ପାଇଁ ଏହି ପଦବୀରେ ରହିଥିଲେ। ପନ୍ନୀରସେଲଭମ୍ ୨୦୧୬ ମସିହାରେ ତୃତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ, କିନ୍ତୁ ୨୦୧୭ ମସିହାରେ ପୁଣି ଇସ୍ତଫା ଦେଇଥିଲେ।

## ପଶ୍ଚିମବଙ୍ଗ ଆବେଦନକୁ ଗ୍ରହଣ କଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୭।୨:** ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜ୍ୟ ସରକାର ଓ ନିର୍ବାଚନ ଆୟୋଗଙ୍କ ମଧରେ ବିବାଦ ଥମିବାର ନାଁ ନେଉ ନାହିଁ। ନ୍ୟାୟିକ ଅଧିକାରୀଙ୍କ ତାଲିମ ମଡ୍ୟୁଲ୍ ଉପରେ ଆପତ୍ତି ଗ୍ରହଣ କରିବାକୁ ପଶ୍ଚିମବଙ୍ଗ ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ପଶ୍ଚିମବଙ୍ଗ ପାଇଁ ବରିଷ୍ଠ ଓକିଲ କପିଲ ସିବଲ ପକ୍ଷ ରଖିଥିଲେ। ସିବଲ କହିଥିଲେ, ଏସ୍‌ଆଇଆର୍ ନେଇ ସମସ୍ତ କାର୍ଯ୍ୟପନ୍ଥା କୋଲକାତା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଏବଂ କମିଟି ଦ୍ୱାରା ସମାଧାନ କରାଯିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ବାଚନ ଆୟୋଗ ନ୍ୟାୟିକ ଅଧିକାରୀମାନଙ୍କ ନିମନ୍ତେ ଏକ ତାଲିମ ମଡ୍ୟୁଲ୍ ଜାରି କରି କ’ଣ ଗ୍ରହଣ କରିବା ଉଚିତ ଏବଂ ଗ୍ରହଣ କରିବା ଉଚିତ ନୁହେଁ ତାହା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ ଏପରି ମାମଲାର ଶୁଣାଣି କରିପାରିବୁ ନାହିଁ । ଏସବୁର ଅନ୍ତ ଘଟିବା ଉଚିତ। ଆମେ ଜାଣୁ ଆମ ନ୍ୟାୟିକ ଅଧିକାରୀ କୌଣସି ଜିନିଷ ଦ୍ୱାରା ପ୍ରଭାବିତ ହେବେ ନାହିଁ । ଆମ ନିର୍ଦ୍ଦେଶ ଦିବାଲୋକ ପରି ସ୍ପଷ୍ଟ ବୋଲି ଜଷ୍ଟିସ ବାଗଚୀ କହିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ନା ରାଜ୍ୟ ସରକାର ନା ନିର୍ବାଚନ ଆୟୋଗ କେହି ତାଙ୍କ ନିର୍ଦ୍ଦେଶ ବିରୋଧରେ ଯାଇ କାର୍ଯ୍ୟ କରିପାରିବେ ନାହିଁ।

# ସୋସିଆଲ ମିଡିଆ କଣ୍ଟେଣ୍ଟ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମ ଉତ୍ତରଦାୟୀ



**ନୂଆଦିଲ୍ଲୀ, ୨୭।୨:** ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ନୂତନତ୍ୱ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି।

ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରସ୍ତୁତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା ଅଶ୍ୱିନୀ କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ,ପ୍ରଯୁକ୍ତି, କଳା ଓ ଭାଷାରେ ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ ।

ସମସ୍ତ ପ୍ଲାଟ୍‌ଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ଅନ୍‌ଲାଇନ ସୁରକ୍ଷା, ଖବରର ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା ଆଦି ସମସ୍ୟା ସହ ସମାଜ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

## ବିଜେପି ଇଚ୍ଛାଧାରୀ ନାଗ: ପବନ ଖେରା



**ନୂଆଦିଲ୍ଲୀ, ୨୭।୨:** ଶୁକ୍ରବାର ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀ ଅବକାରୀ ନୀତି ସହିତ ଜଡିତ ଏକ ସିବିଆଇ ମାମଲାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୋର୍ଟ କହିଛନ୍ତି ଯେ ସିବିଆଇର ଅଭିଯୋଗ ପ୍ରମାଣିତ ହୋଇନାହିଁ। କଂଗ୍ରେସ ଏବେ ଏହାକୁ ନେଇ ବିଜେପିକୁ ଟାର୍ଗେଟ କରୁଛି।

କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ପବନ ଖେରା ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ ବିଜେପି ଉପରେ କଠୋର ଆକ୍ରମଣ ଆରମ୍ଭ କରିଛନ୍ତି, ଏହାକୁ ସେ ଇଚ୍ଛାଧାରୀ ନାଗ ବୋଲି କହିଛନ୍ତି। ପବନ ଖେରା କହିଛନ୍ତି ଯେ ଭାଜପା ଏକ ରାଜନୈତିକ ଦଳ ନୁହେଁ ବରଂ ଏକ ଆକୃତି ପରିବର୍ତ୍ତନକାରୀ ନାଗ। ଏହାର ଏକମାତ୍ର ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଯେକୌଣସି ସ୍ତରକୁ ଖସିଯିବ: କଂଗ୍ରେସକୁ ପରାସ୍ତ କରିବା - ଏକ କଂଗ୍ରେସ ମୁକ୍ତ ଭାରତ। ପବନ ଖେରା କହିଛନ୍ତି ଯେ ବିଜେପି ୧୨ ବର୍ଷ ଧରି ଟିଏମସି ବିରୁଦ୍ଧରେ ବିଷ ଓଗାଳିଛନ୍ତି, ଏବଂ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ସେମାନଙ୍କର ପ୍ରଶଂସା କରୁଛନ୍ତି। ସେ ଆହୁରି କହିଛନ୍ତି ଯେ ଏହା ସମ୍ମାନର ପରିଣାମ ନୁହେଁ, ବରଂ ନିର୍ବାଚନ ପାଖେଇ ଆସୁଥିବାରୁ କଂଗ୍ରେସ ଉପରେ ଏକ କଠୋର ଆକ୍ରମଣ କରିବା ପାଇଁ। ତେଣୁ, କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି। ଏବେ, କଂଗ୍ରେସ ନେତାମାନଙ୍କ ବିରୁଦ୍ଧରେ ମାମଲା ହଠାତ ତୀବ୍ର ହେବ। ପି. ଚିଦାମ୍ବରମଙ୍କ ବିଷୟରେ ପବନ ଖେରା କହିଛନ୍ତି ଯେ ତାମିଲନାଡୁରେ ହେବାକୁ ଥିବା ନିର୍ବାଚନ ଯୋଗୁ ସେ ପୂର୍ବରୁ ଚର୍ଚ୍ଚାକୁ ଆସିସାରିଛନ୍ତି। ଏହି ସମୟରେ, ଗୁଜୁରାଟ ଏବଂ ପଞ୍ଜାବ ନିର୍ବାଚନକୁ ଦୃଷ୍ଟିରେ ରଖି, ଆମ ଆଦମୀ ପାର୍ଟି ଏବଂ ତାଙ୍କ ପରି ଅନ୍ୟାନ୍ୟ ସୁବିଧାଜନକ ସହଯୋଗୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଚୁପଚାପ ଅଦୃଶ୍ୟ ହୋଇଯିବ। ସେ ଏହାକୁ ବିଜେପିର ଏକ ରଣନୀତି ବୋଲି ବର୍ଣ୍ଣନା କରିଛନ୍ତି।

# ଜେଏନୟୁ ଛାତ୍ର-ପୁଲିସ ମୁହାଁମୁହିଁ

## ୨୫ ପୁଲିସ ଆହତ, ୧୪ଛାତ୍ର ଗିରଫ




**ନୂଆଦିଲ୍ଲୀ, ୨୭।୨:** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବିରୋଧରେ ଗୁରୁବାର ଦିଲ୍ଲୀର ଶିକ୍ଷା ମନ୍ତ୍ରଣାଳୟ ଆଡ଼କୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରାରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ର ଛାତ୍ରଛାତ୍ରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ଘଟି ୨୫ ଜଣ ପୁଲିସ ଆହତ ହୋଇଥିଲେ। ଏହି ଘଟଣା ପାଇଁ ପୋଲିସ ବିକ୍ଷୋଭକାରୀଙ୍କ ଦୋଷ ଦେଇଥିବା ବେଳେ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ବିରୁଦ୍ଧରେ ଅତ୍ୟଧିକ ବଳ ପ୍ରୟୋଗ କରାଯାଇଥିଲା। ଘଟଣା ପରେ ପୋଲିସ ୫୧ ଜଣ ପ୍ରଦର୍ଶନକାରୀଙ୍କୁ ଅଟକ ରଖିଥିଲା, ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଆନୁଷ୍ଠାନିକ ଭାବରେ ଗିରଫ କରାଯାଇଥିଲା। ଆଜି କୋର୍ଟ ସମସ୍ତଙ୍କୁ ୨୫ହଜାର ଟଙ୍କାର ଜରିମାନା ସହ ଜାମିନ ପ୍ରଦାନ କରିଛନ୍ତି।

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ କ୍ୟାମ୍ପସରୁ ଶିକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ଏକ ‘ଲଙ୍ଗ୍ ମାର୍ଚ୍ଚ’ ଡାକରା ଦେଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ଶାନ୍ତିଶ୍ରୀ ଧୂଲିପୁଡି ପଣ୍ଡିତଙ୍କ ଦ୍ୱାରା ଏକ ସମ୍ପ୍ରତିକ ପୋଡକାଷ୍ଟରେ ଦିଆଯାଇଥିବା ମନ୍ତବ୍ୟର ପ୍ରତିବାଦରେ ଏହି ପ୍ରତିବାଦ ଆୟୋଜିତ ହୋଇଥିଲା। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ କୁଳପତି ୟୁଜିସି ମାନଦଣ୍ଡ, ଛାତ୍ର ସଂଘ ପଦାଧିକାରୀଙ୍କ ନିଲମ୍ବନ ଓ ପ୍ରସ୍ତାବିତ ରୋହିତ ଆଇନ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି।

ପୁଲିସ ଅନୁଯାୟୀ, ଜେଏନୟୁ ପ୍ରଶାସନ ପୂର୍ବରୁ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ଜଣାଇ ଦେଇଥିଲା ଯେ କ୍ୟାମ୍ପସ ବାହାରେ କୌଣସି ଶୋଭାଯାତ୍ରାକୁ ଅନୁମତି ଦିଆଯାଇ ନାହିଁ ଏବଂ ସେମାନେ କ୍ୟାମ୍ପସ ମଧ୍ୟରେ ସେମାନଙ୍କର ପ୍ରତିବାଦକୁ ସୀମିତ ରଖିବା ଉଚିତ। ଏହା ସତ୍ତ୍ୱେ, ଅପରାହ୍ନ ପ୍ରାୟ ୩:୨୦ ସମୟରେ, ପ୍ରାୟ ୪୦୦-୫୦୦ ଛାତ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରୁ ବାହାରି ମନ୍ତ୍ରଣାଳୟ ଆଡ଼କୁ ଯିବାକୁ ଚେଷ୍ଟା କରିଥିଲେ, ଯେଉଁଠାରେ ପୋଲିସ ସେମାନଙ୍କୁ ବ୍ୟାରିକେଡ୍ କରି ଅଟକାଇଥିଲା। ଛାତ୍ରମାନେ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିବାରୁ ପରିସ୍ଥିତି ହିଂସାତ୍ମକ ହୋଇଗଲା। ବିକ୍ଷୋଭକାରୀମାନେ ପୋଲିସ ଉପରେ ଲାଠି, ବ୍ୟାନର ଓ ଜୋତା ଫିଙ୍ଗିଥିଲେ। ପୋଲିସ ଛାତ୍ରମାନଙ୍କ ବିରୁଦ୍ଧରେ ଏକ ଅଜବ ଅଭିଯୋଗ ମଧ୍ୟ ଆଣିଛି। ପୋଲିସ ଦାବି କରିଛି ଯେ ସଂଘର୍ଷ ସମୟରେ କିଛି ପ୍ରତିବାଦକାରୀ ଛାତ୍ର ନିୟୋଜିତ ପୋଲିସ ଅଧିକାରୀଙ୍କୁ କାମୁଡ଼ି ଦେଇଥିଲେ। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ମହିଳା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ନିଷ୍ଠୁର ଭାବରେ ଲାଠିଚାର୍ଜ କରିଥିଲେ, ଯେଉଁଥିରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିଲେ।

# ଭାରତୀୟ ନୌସେନାରେ ଆଇଏନ୍‌ଏସ୍ ଅଞ୍ଜଦୀପ



**ଚେନ୍ନାଇ, ୨୭।୨:** ଭାରତ ଏହାର ଉପକୂଳ ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଗୁରୁତ୍ୱ ଦେଇ ବୁଡ଼ାଜାହାଜ ବିରୋଧୀ ‘ଆଇଏନ୍‌ଏସ୍ ଅଞ୍ଜଦୀପ’କୁ ନୌସେନାରେ ସାମିଲ କରିବାକୁ ଯାଉଛି । ଚେନ୍ନାଇଠାରେ ଶୁକ୍ରବାର ଆଇଏନ୍‌ଏସ୍ ଅଞ୍ଜଦୀପକୁ ନୌସେନାରେ ସାମିଲ ହୋଇଛି। ଶତ୍ରୁପକ୍ଷର ବୁଡ଼ାଜାହାଜକୁ ସମୁଦ୍ର ଭିତରେ ଧ୍ୱଂସ କରିବାର କ୍ଷମତା ରଖିଥିବା ଏହି ଯୁଦ୍ଧ ଜାହାଜ ଭାରତର ‘ମେକ୍ ଇନ୍ ଇଣ୍ଡିଆ’ର ଅଂଶବିଶେଷ ଓ ଏହାର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଷ୍ଟିଲରେ କରାଯାଇଛି। ଗାର୍ଡନ ରିଚ୍ ସିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ (ଜିଆର୍‌ଏସ୍‌ଇ) ଦ୍ୱାରା ନିର୍ମିତ ଆଇଏନ୍‌ଏସ୍ ଅଞ୍ଜଦୀପ ପାଇଁ ଆବଶ୍ୟକ ବିଶେଷ ଗ୍ରେଡ୍ ଷ୍ଟିଲ ମହାରତ୍ନ କମ୍ପାନି ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ପକ୍ଷରୁ ପ୍ରଦାନ କରାଯାଇଥିଲା। ନୌସେନା ଗ୍ରହଣ କରିବାକୁ ଥିବା ଆଠଟି ଏପରି ଜାହାଜ ମଧ୍ୟରୁ ଅଞ୍ଜଦୀପ ହେଉଛି ତୃତୀୟ ଯୁଦ୍ଧଜାହାଜ ଯାହା ଅଗଭୀର ଜଳରେ ଶତ୍ରୁ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରି ନୌସେନାର କ୍ଷମତାକୁ ବୃଦ୍ଧି କରିବ। ଗତବର୍ଷ ଆଇଏନ୍‌ଏସ୍ ଅର୍ନାଲା ଓ ଆଇଏନ୍‌ଏସ୍ ଆଣ୍ଡ୍ରୋଥକୁ ସାମିଲ କରାଯାଇଥିଲା ।

ଏହିସବୁ ଯୁଦ୍ଧଜାହାଜ ପାଇଁ ସେଲ୍‌ର ବୋକାରୋ, ଭିଲାଇ ଏବଂ ରାଉରକେଲାରେ ଥିବା ସମନ୍ୱିତ ଇସ୍ପାତ କାରଖାନାରୁ ସମୁଦାୟ ୩,୫୦୦ ଟନ୍ ସ୍ୱତନ୍ତ୍ର-ଗ୍ରେଡ୍ ଇସ୍ପାତ ଯୋଗାଣ କରାଯାଇଥିଲା । ଏହି ସଫଳତା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତାକୁ ଆହୁରି ବୃଦ୍ଧି କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଦୃଢ଼ କରିବା ପ୍ରତି ସେଲ୍‌ର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ । ରିପୋର୍ଟ ଅନୁଯାୟୀ, ୭୭ ମିଟର ଲମ୍ବା ଏବଂ ଏକ ହାଇ-ସ୍ପିଡ୍ ୱାଟର-ଜେଟ୍ ପ୍ରପଲ୍ସନ ସିଷ୍ଟମ ଦ୍ୱାରା ଚାଳିତ, ଏହି ଜାହାଜଟି ୨୫ ନଟ୍ ପର୍ଯ୍ୟନ୍ତ ବେଗ ହାସଲ କରିପାରିବ । ତାମିଲନାଡୁ ଓ ପୁଡୁଚେରୀ ପରି ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେବାରେ ସକ୍ଷମ ହେବ।

### ଅଣକ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ପ୍ରଶିକ୍ଷଣ ଶିବିର

# ନ୍ୟାୟିକ ବ୍ୟବସ୍ଥାରେ ପିପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ପୃଥ୍ୱୀରାଜ

ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରାଥମିକତା ରହିଆସିଛି। ଏହି କ୍ରମରେ ଆମ ଦେଶରେ ଭାରତୀୟ ନ୍ୟାୟ ସଂହିତାଠାରୁ ଆରମ୍ଭ କରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ପ୍ରଚଳନ ଆରମ୍ଭ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ। ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ନିଯୁକ୍ତ ହୋଇଛନ୍ତି। ନବନିଯୁକ୍ତମାନେ ନ୍ୟାୟ ବ୍ୟବସ୍ଥାକୁ ତ୍ୱରିତ ଗତିରେ ଆଗେଇ ନେବା ଏବଂ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।



ଆଜି ଆଇନ ବିଭାଗ ଏବଂ ପବ୍ଲିକ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଲୋକସେବା ଭବନରେ ଅଣକ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଇନ ମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ପୀଡ଼ିତ ଓ ଅସହାୟମାନଙ୍କୁ ଆଇନ ସହାୟତା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ରହିଛି। ଏଣୁ ଦେଶର ଆଇନ ବ୍ୟବସ୍ଥାକୁ ଭଲ ଭାବେ ବୁଝିବା ସହିତ ନ୍ୟାୟ ପ୍ରକ୍ରିୟାକୁ କିଭଳି ସଠିକ ଢଙ୍ଗରେ ଆଗେଇ ନେଇହେବ ସେଥିନେଇ ପବ୍ଲିକ ପ୍ରସିକ୍ୟୁଟରମାନେ ଏହି ତାଲିମ ଶିବିରରୁ ଜ୍ଞାନ ଆହୋରଣ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ପରବର୍ତ୍ତୀ ସମୟରେ ପବ୍ଲିକ ପ୍ରସିକ୍ୟୁଟରମାନଙ୍କୁ ନିୟମିତ ଅନ୍ତରାଳରେ ତାଲିମ ଓ ପ୍ରଶିକ୍ଷଣ ସହ ପ୍ରତିମାସରେ ସମସ୍ତଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ନେଇ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେବା ସହ ପବ୍ଲିକ ପ୍ରସିକ୍ୟୁଟରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସୂଚନା ଦେଇଥିଲେ। ପବ୍ଲିକ ପ୍ରସିକ୍ୟୁସନର ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିବାବେଳେ ଆଭାସି ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଅଣ-କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ।

# ବଙ୍ଗଳାରେ ବିଜେପିର 'ପରିବର୍ତ୍ତନ ଯାତ୍ରା' ଆରମ୍ଭ

କୋଲକାତା,୨୭।୨(ସଂଚାର ବ୍ୟୁରୋ): ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ, ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ପ୍ରସ୍ତାବିତ 'ପରିବର୍ତ୍ତନ ଯାତ୍ରା'ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଯୋଗଦାନକୁ ଗୋଟିଏ ଦିନ ପାଇଁ ସ୍ଥଗିତ ରଖାଯାଇଛି। ସେ ଏବେ ୧ ମାର୍ଚ୍ଚ ପରିବର୍ତ୍ତେ ୨ ମାର୍ଚ୍ଚରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ରାୟଦିଘିରୁ ଯାତ୍ରା ଆରମ୍ଭ କରିବେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, କେନ୍ଦ୍ର ଗୃହମନ୍ତ୍ରୀ ୧ ମାର୍ଚ୍ଚରେ ରାୟଦିଘିରୁ 'ପରିବର୍ତ୍ତନ ଯାତ୍ରା'କୁ ପତାକା ଦେଖାଇ ଶୁଭାରମ୍ଭ କରିବାର ଥିଲା। ତେବେ, ଦଳୀୟ ସୂତ୍ର ଅନୁସାରେ, ତାଙ୍କୁ ୧ ମାର୍ଚ୍ଚରେ ମୁମ୍ବାଇରେ ଗୁରୁ ତେଗ ବାହାଦୁରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଡ଼ିବ। ଏହି କାରଣରୁ, ରାୟଦିଘି କାର୍ଯ୍ୟକ୍ରମକୁ ଗୋଟିଏ ଦିନ ପାଇଁ ସ୍ଥଗିତ ରଖାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଅମିତ ଶାହ ୧ ମାର୍ଚ୍ଚ ରାତି ପ୍ରାୟ ୧୦ଟାରେ ମୁମ୍ବାଇରୁ କୋଲକାତାରେ ପହଞ୍ଚିବେ। ତା'ପରେ ସେ ୨ ମାର୍ଚ୍ଚ ସକାଳ ପ୍ରାୟ ୧୧ଟା ୧୫ ସମୟରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାୟଦିଘି ଅଭିମୁଖେ ଯାତ୍ରା କରିବେ ଏବଂ ମଧ୍ୟାହ୍ନ ପ୍ରାୟ ୧୨ଟାରେ 'ପରିବର୍ତ୍ତନ ଯାତ୍ରା' ସ୍ଥାନରେ ପହଞ୍ଚିବେ। ରାଜ୍ୟସ୍ତରୀୟ ବିଜେପି ନେତାଙ୍କ ଅନୁଯାୟୀ, ପଶ୍ଚିମବଙ୍ଗରେ ଦଳର ମୋଟ ୧୦ଟି ସାଂଗଠନିକ ବିଭାଗ ଅଛି, ଯେଉଁଥିରୁ ୯ଟି 'ପରିବର୍ତ୍ତନ ଯାତ୍ରା'ରେ ସାମିଲ ହେବ। କୌଣସି ଯାତ୍ରା ରାଜ୍ୟ ରାଜଧାନୀ କୋଲକାତାରୁ ଆରମ୍ଭ ହେବ ନାହିଁ। ଅମିତ ଶାହଙ୍କ ବ୍ୟତୀତ, ଦଳର ଅନେକ ବରିଷ୍ଠ ନେତା ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଭିଯାନରେ ଅଂଶଗ୍ରହଣ କରିବେ। ଏଥିରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଏବଂ ପୂର୍ବତନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ସାମିଲ ଅଛନ୍ତି।

## କରାଟେ ପ୍ରତିଯୋଗିତାରେ ଓଡିଶାକୁ ୫ ପଦକ



ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଦିଲ୍ଲୀର ତାଲକୋଟରା ଇଣ୍ଡୋର ଷ୍ଟାଡିୟମଠାରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଥିବା ୨୧ ବର୍ଷରୁ କମ ଓ ବରିଷ୍ଠ କରାଟେ ପ୍ରତିଯୋଗୀତାରେ ଆଜି ଦ୍ୱିତୀୟ ଦିନରେ ମହିଳା ବରିଷ୍ଠ ୫୦ କିଲୋ ଫାଇଟିଙ୍ଗ ବିଭାଗରେ ଲୋମା ସ୍ୱାଇଁ ସ୍ୱର୍ଣ ପଦକ ହାସଲ କରିଥିବା ବେଳେ ୨୧ ବର୍ଷରୁ କମ ମହିଳା ୫୫ କିଲୋ ଫାଇଟିଙ୍ଗ ବିଭାଗରେ ପ୍ରିୟଦର୍ଶନୀ ଦାସ ସ୍ୱର୍ଣ୍ଣ ଓ ୬୮ କିଲୋରୁ ଅଧିକ ମହିଳା ଫାଇଟିଙ୍ଗ ବିଭାଗରେ ସ୍ୱସ୍ତିକା ବେହେରା କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ୨୧ ବର୍ଷରୁ କମ ପୁରୁଷ ୫୫ କିଲୋ ଫାଇଟିଙ୍ଗ ବିଭାଗରେ ତ୍ରିଲୋଚନ ରାଣା ରୋପ୍ୟ ପଦକ ହାସଲ କରିଛନ୍ତି।

**● ପୁଣି କୋଲକାତାରେ ଭୂମିକମ୍ପ!**

## ତିଳୋତ୍ତମାରେ ୫.୦ ତୀବ୍ରତାର ଭୂମିକମ୍ପ: ଲୋକେ ଆତଙ୍କିତ

କୋଲକାତା,୨୭।୨(ସଂଚାର ବ୍ୟୁରୋ): ଶୁକ୍ରବାର କୋଲକାତା ଏବଂ ଦକ୍ଷିଣବଙ୍ଗର ଏକ ବିସ୍ତୃତ ଅଞ୍ଚଳକୁ ହଠାତ୍ ଭୂମିକମ୍ପ ଅନୁଭୂତ ହୋଇଥିଲା। ଠିକ୍ ଅପରାହ୍ନ ୧ଟା ୨୨ ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ମହାନଗର ଏବଂ ଆଖପାଖ ଜିଲ୍ଲାଗୁଡ଼ିକରେ ଆତଙ୍କ ଖେଳିଯାଇଥିଲା। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୦ ଥିଲା, ଯାହା ସହରବାସୀଙ୍କୁ ବହୁତ ତୀବ୍ର ମନେ ହେଉଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ପଡ଼ୋଶୀ ବାଂଲାଦେଶର ଖୁଲନା ଜିଲ୍ଲାରେ ଥିଲା, ଯାହା କୋଲକାତାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଅବସ୍ଥିତ। ଭୂମିକମ୍ପର ନିକଟତର ହେବା ଫଳରେ ମହାନଗରରେ ଭୂମିକମ୍ପର ପ୍ରଭାବ ସ୍ପଷ୍ଟ ଭାବରେ ଅନୁଭୂତ ହୋଇଥିଲା। ପାଣିପାଗ ଏବଂ ଭୂତାତ୍ତ୍ୱିକ ବିଭାଗର ପ୍ରାଥମିକ ସୂଚନା ଅନୁଯାୟୀ, ଭୂମିକମ୍ପ ପ୍ରାୟ ୪୫ ସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା। ବ୍ୟସ୍ତବହୁଳ ସମୟରେ ହଠାତ୍ ଭୂକମ୍ପ ଯୋଗୁଁ ଅଫିସ୍ ଏବଂ ଉଚ୍ଚ କୋଠାଗୁଡ଼ିକରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଅନେକ ଲୋକ କାମ ଛାଡି ଶୀଘ୍ର ସେମାନେ କୋଠା ଛାଡ଼ି ରାସ୍ତା ବା ଖୋଲା ସ୍ଥାନକୁ ବାହାରି ଆସିଥିଲେ।

## ପରଲୋକରେ ରିଙ୍କୁ ସିଂହଙ୍କ ପିତା

**● କର୍କଟ ରୋଗ ସହ ଲଢୁଥିଲେ**

ନୂଆଦିଲ୍ଲୀ,୨୭।୨: ଭାରତୀୟ କ୍ରିକେଟର ରିଙ୍କୁ ସିଂହଙ୍କ ପିତା ଖଚନ୍ଦ୍ର ସିଂହଙ୍କର ଆଜି ଦେହାନ୍ତ ହୋଇଛି। ସେ ଗ୍ରେଟର ନୋଏଡାର ଯଥାର୍ଥ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରିଙ୍କୁଙ୍କ ପିତା ଖଚନ୍ଦ୍ର ସିଂହ ଷ୍ଟେଜ୍-୪ ଲିଭର କ୍ୟାନସର ସହ ଲଢୁଥିଲେ। ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ରିଙ୍କୁ ସମ୍ପ୍ରତି ଆଇସିସି ଟି-୨୦ ଖେଳୁଥିବା ଭାରତୀୟ ଦଳ ଛାଡ଼ି ଘରକୁ ଫେରିଆସିଥିଲେ। ଶ୍ରୀ ସିଂହ କିଛି ଦିନ ଧରି ମେକାନିକାଲ୍ ଭେଣ୍ଟିଲେଟର ସପୋର୍ଟରେ ଥିଲେ ଓ ତାଙ୍କୁ ବୃକକ୍ ରିପ୍ଲେସମେଣ୍ଟ ଥେରାପି ଦିଆଯାଉଥିଲା। ଏନେଇ ରିଙ୍କୁ କହିଛନ୍ତି ଯେ ସେ ଦଳ ଛାଡ଼ି ଘରକୁ ଫେରିଆସିଛନ୍ତି। ମଙ୍ଗଳବାର ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ଏକ ଅଭ୍ୟାସ ସେସନ୍ କରିଥିଲା, କିନ୍ତୁ ରିଙ୍କୁ ଏଥିରେ ଅଂଶଗ୍ରହଣ କରି ନଥିଲେ। ଅନ୍ୟ ଖେଳାଳିମାନଙ୍କୁ ଅଭ୍ୟାସ କରୁଥିବାର ଦେଖାଯାଇଥିଲା। ଏହାର କିଛି ସମୟ ପରେ ଖବର ଆସିଥିଲା ଯେ ତାଙ୍କ ବାପା ଗୁରୁତର ଅସୁସ୍ଥ ଓ ଜୀବନ ସହ ସଂଘର୍ଷ କରୁଛନ୍ତି। ଏହି କାରଣରୁ ରିଙ୍କୁ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ।

# ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୨୭।୨(ସଂଚାର ବ୍ୟୁରୋ): ଗାନ୍ଧୀବାଦୀ ଆଦର୍ଶର ପ୍ରମୁଖ ପ୍ରବକ୍ତା, ସମାଜସଂସ୍କାରକ ଓ ଶିକ୍ଷାବିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀବାଦୀ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିବା ଆଚାର୍ଯ୍ୟ ହରିହର ଦାସ ସରଳତା, ନୈତିକତା ଓ ସମାଜସେବାକୁ ଜୀବନର ମୂଳ ମନ୍ତ୍ର ଭାବେ ଅନୁସରଣ କରିଥିଲେ। ଶିକ୍ଷା ପ୍ରସାର ଓ ସମାଜସଂସ୍କାରରେ ତାଙ୍କ ଅବଦାନ ଆଜିମଧ୍ୟ ସମାଜକୁ ପ୍ରେରଣା ଦେଉଛି।



ଆଜି ସକାଳେ ଆଚାର୍ଯ୍ୟ ବିହାରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ, ସମ୍ପାଦକ ଓ ପରିଷଦର ସଦସ୍ୟମାନଙ୍କ ସହିତ ବହୁ ବରିଷ୍ଠ ନାଗରିକ ଏବଂ ଅନେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ଅତିଥିମାନେ ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନ, ନିଷ୍ଠାପୂର୍ଣ୍ଣ ସମାଜସେବା ଓ ନୈତିକ ଆଦର୍ଶକୁ ସ୍ମରଣ କରିଥିଲେ। ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ଜୀବନଦର୍ଶନ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାସ୍ରୋତ ହୋଇ ରହିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ।

# ଭାଷା ସୁରକ୍ଷା ଦାୟିତ୍ୱ ଗଣମାଧ୍ୟମର: ସିଦ୍ଧାନ୍ତ

- ସଡ଼କ ସୁରକ୍ଷା ସଚେତନଧର୍ମୀ ଭିଡିଓ 'ସମୟ' ଉନ୍ମୋଚିତ
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମିଡିଆ ଫେଷ୍ଟ ଉଦଯାପିତ



ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଏବେ ଓଡ଼ିଆ ଭାଷାରେ ବହୁତ ବିସଙ୍ଗତି ରହୁଛି। ମାତ୍ର ଗଣମାଧ୍ୟମରେ ଶୁଦ୍ଧ ଭାଷା ରହିବା ଦରକାର। ତେଣୁ ଭାଷା ବଞ୍ଚାଇବା ଦାୟିତ୍ୱ ଗଣମାଧ୍ୟମ ହାତରେ ବୋଲି ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର କହିଛନ୍ତି।

ଆଜି ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମିଡିଆ ଫେଷ୍ଟ ମିଡିଆ ଅନ୍ତରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଥିଲେ ଯେ ଆଜିକାଲି ସମସ୍ତେ ବହୁତ ବ୍ୟସ୍ତ। ଏହି ଚକ୍କରରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି। ସେହିପରି ମିଡିଆ ଜଗତରେ ବି ପ୍ରତିଦ୍ୱନ୍ଦ୍ୱିତା ବଢ଼ିଗଲାଣି। କିନ୍ତୁ ଗଣମାଧ୍ୟମକୁ ଲୋକେ ବିଶ୍ୱାସ କରୁଥିବାରୁ କୌଣସି ଦାୟିତ୍ୱସମ୍ପନ୍ନ ମିଡିଆ କଦାପି ଟିଆର୍‌ପି ପାଇଁ ଭୁଲ୍ ଖବର ପ୍ରସାରଣ କରିବେ ନାହିଁ। ତା'ଛଡ଼ା ମିଡିଆ ଜଗତରେ ଭାଷାର ସୁରକ୍ଷା ବି ସମ୍ଭବପର ହୋଇପାରିଥାଏ। ତେଣୁ ଗଣମାଧ୍ୟମ କୌଣସି ଖବର ପ୍ରସାରଣ ପୂର୍ବରୁ ଏହାର ସତ୍ୟତା ଓ ନିର୍ଭୁଲତା ଉପରେ ଗୁରୁତ୍ୱ ଦେଇଥାଏ ବୋଲି ସିଦ୍ଧାନ୍ତ କହିଛନ୍ତି। ଏହି ଅବସରରେ ତାଙ୍କ ନାଁରେ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଥିଲେ ମଧ୍ୟ ଏହା ତାଙ୍କର ନୁହେଁ ବୋଲି ବାରମ୍ବାର ପ୍ରମାଣିତ କରିବାକୁ ପଡୁଛି ବୋଲି ସିଦ୍ଧାନ୍ତ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ତେବେ ସମସ୍ତଙ୍କର ସାମାଜିକ ଦାୟିତ୍ୱବୋଧ ରହିବା ଉଚିତ ବୋଲି କହିବା ସହ ପ୍ରତି ଦୁର୍ଘଟଣା ପଛରେ କିଛି କାହାଣୀ ଓ ସେସବୁର ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ପରାମର୍ଶ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ସଂଯୋଜକ ଓ ବିଭାଗୀୟ ମୁଖ୍ୟ ଡକ୍ଟର ଅମ୍ବିକା ଶଙ୍କର ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଦୈନିକ ଖବରକାଗଜ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ ଗଣମାଧ୍ୟମରେ ନୂଆ ବୈଷୟିକ ଜ୍ଞାନ କୌଶଳ ବିନିଯୋଗ ବାବଦରେ କହିଥିଲେ।

# ଦୋଳଯାତ୍ରା ଓଡ଼ିଆ ସଂସ୍କୃତି ଓ ଏକତାର ପରିଚୟ: ଧର୍ମେନ୍ଦ୍ର

ଅନୁଗୋଳ,୨୭।୨(ସଂଚାର ବ୍ୟୁରୋ): ଦୋଳ ପୂର୍ଣ୍ଣିମା ଆଧ୍ୟାତ୍ମିକ ବିଜୟର ଉତ୍ସବ । ଓଡ଼ିଆ ସଂସ୍କୃତି ଓ ଏକତାର ଅନନ୍ୟ ପରିଚୟ । ପ୍ରଭୁ ଶ୍ରୀକୃଷ୍ଣ ଓ ମାତା ରାଧାଙ୍କର ଏହି ଦିବ୍ୟ ମିଳନ ପ୍ରେମ ଓ ଭକ୍ତି ହିଁ ଜୀବନର ଶ୍ରେଷ୍ଠ ପୁଞ୍ଜି ବୋଲି ବାର୍ତ୍ତା ଦେଇଥାଏ । ଶୁକ୍ରବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ଧଉରାପାଲି ଗ୍ରାମଠାରେ ଆୟୋଜିତ ଐତିହାସିକ 'ଦୋଳଯାତ୍ରା ଶତବାର୍ଷିକୀ ମହୋତ୍ସବ'ରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି ଯେ, ଧଉରାପାଲି ଗ୍ରାମ ସହ ମୋର ସମ୍ପର୍କ ଅତି ନିବିଡ଼ ଓ ଦୀର୍ଘ ସମୟର। ମୋ ପାଇଁ ଧଉରାପାଲି କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ବରଂ ଏହା ଓଡ଼ିଆ ଜନଜୀବନର ଏକ ନିଚ୍ଛକ ସାଂସ୍କୃତିକ ମହାସ୍ରୋତ। ଏହି ପବିତ୍ର ମାଟିର ଆଧ୍ୟାତ୍ମିକ ପରିବେଶ ଏବଂ ଅତୀତର ସ୍ମୃତି ମୋତେ ସବୁବେଳେ ପ୍ରେରିତ କରିଆସିଛି। ଧଉରାପାଲି ଦୋଳଯାତ୍ରା ୧୦୦ ବର୍ଷ ପୂରଣ କରିବା ଏକ ସାଧାରଣ ଘଟଣା ନୁହେଁ, ବରଂ ଏହା ଏକ ଐତିହାସିକ ଉପଲବ୍ଧି। ଗୋଟିଏ ଶତାବ୍ଦୀର ଏହି ଦୀର୍ଘ ଯାତ୍ରା ଆମ ପୂର୍ବପୁରୁଷଙ୍କ ଅଗାଧ ଭକ୍ତି, ଗ୍ରାମବାସୀଙ୍କ ମଧ୍ୟରେ ଥିବା ଅତୁଟ ଏକତା ଏବଂ ଆମ ସମୃଦ୍ଧ ପରମ୍ପରାର ପ୍ରତିଫଳନ। ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ସମେତ ଅନେକ ଦେବଦେବୀଙ୍କ ପୀଠ ଏହି ମାଟିକୁ ପବିତ୍ର କରିଥିବା ବେଳେ ଏହି ଶତବାର୍ଷିକୀ ପାଳନ ଗାଁର ଉଚ୍ଚ ସଂସ୍କୃତି ଓ ପରମ୍ପରାର ଶ୍ରେଷ୍ଠ ପରିଚୟ ପ୍ରଦାନ କରୁଛି। ଏହି ଶୁଭ ଅବସରରେ ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀ ଦୋଳଗୋବିନ୍ଦଙ୍କ ଶ୍ରୀଚରଣରେ କୋଟି କୋଟି ପ୍ରଣାମ ଜଣାଇବା ସହ ଧଉରାପାଲି ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଏବଂ ସମସ୍ତ ଗ୍ରାମବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୁଦ୍ଧକୁ...

'ଏକ୍ସ'ରେ ଏକ ପୋଷ୍ଟରେ ସେ ଉଲ୍ଲେଖ କରିଥିଲେ ଯେ ଆଫଗାନିସ୍ତାନର କାର୍ଯ୍ୟକଳାପରେ ଇସଲାମାବାଦ ତା'ର ଧୈର୍ଯ୍ୟ ସୀମା ପାର୍ କରିଛି। ନାଟୋ ସେନା ପ୍ରତ୍ୟାହାର ପରେ ପାକିସ୍ତାନ ଆଶା କରିଥିଲା ଯେ ଆଫଗାନିସ୍ତାନରେ ଶାନ୍ତି ରହିବ ଓ ତାଲିବାନ ଆଫଗାନ ଲୋକଙ୍କ ମଙ୍ଗଳ ଓ ଆଞ୍ଚଳିକ ସ୍ଥିରତାକୁ ପ୍ରାଥମିକତା ଦେବ। ସେ ଆହୁରି କହିଥିଲେ ଯେ ଇସଲାମାବାଦ ପ୍ରତ୍ୟକ୍ଷ ଉପାୟରେ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଦେଶମାନଙ୍କ ମାଧ୍ୟମରେ ପରିସ୍ଥିତିକୁ ସ୍ୱାଭାବିକ ରଖିବା ପାଇଁ ସମସ୍ତ ଚେଷ୍ଟା କରିଥିଲା। କିନ୍ତୁ ପାକିସ୍ତାନକୁ ଟାର୍ଗେଟ କରିବାକୁ ଉଦ୍ୟମ କରାଯାଉଛି।

ସେପଟେ ତାଲିବାନ ନାଗରିକଙ୍କ ମୌଳିକ ଅଧିକାର ଛଡ଼ାଇ ନେଇଛି ବୋଲି ମଧ୍ୟ ଅଭିଯୋଗ କରିଥିଲେ ଖ୍ୱାଜା ଆସିଫ। ଏପରିକି ଆଫଗାନିସ୍ତାନର ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ିଛି ବୋଲି ସେ କହିଥିଲେ। ପାକିସ୍ତାନ ପକ୍ଷରୁ ହୋଇଥିବା ଆକ୍ରମଣରେ ୧୩୦ ଜଣ ତାଲିବାନୀ ମୃତ୍ୟୁବରଣ କରିଥିବା ମଧ୍ୟ ପାକିସ୍ତାନ ସେନା ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ପକ୍ଷରୁ ପାକିସ୍ତାନର ୫୫ ଜଣ ନାଗରିକଙ୍କ ଜୀବନ ଯାଇଥିବା ବେଳେ ୨୧୧୧ କିମି ଦୈର୍ଘ୍ୟବିଶିଷ୍ଟ ସୀମାରେଖା ଡୁରାଣ୍ଡ ଲାଇନ୍ ସମେତ ୧୯ଟି ଚେକ୍ ପୋଷ୍ଟ ଉପରେ ବି କବ୍‌ଜା କରିଥିବା କୁହାଯାଇଛି।

ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କରିଛି ଇରାନ୍। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଲାଗି ମଧ୍ୟସ୍ଥତା କରିବାକୁ ମଧ୍ୟ ଇରାନ ପ୍ରସ୍ତାବ ଦେଇଛି। ସେହିପରି ଜାତିସଂଘ ମୁଖ୍ୟ ମଧ୍ୟ ଉଭୟ ଦେଶ ମଧ୍ୟରେ ତୁରନ୍ତ ଅସ୍ଥିରତା ଦୂର ହେବା ସହ ଶାନ୍ତି ପ୍ରତିଷ୍ଠା ଦିଗରେ ଉଦ୍ୟମ କରାଯିବା ସକାଶେ ଅପିଲ୍ କରାଯାଇଛି। ସେହିପରି ରୁଷିଆ, ଚୀନ୍ ଓ ଅନ୍ୟାନ୍ୟ ପ୍ରମୁଖ ଦେଶମାନେ ମଧ୍ୟ ଏହି ଖୋଲା ଯୁଦ୍ଧ ନେଇ ଚିନ୍ତା ପ୍ରକଟ କରିବା ସହ ଉଭୟ ଦେଶ ଶାନ୍ତି ଆଲୋଚନା ଦିଗରେ ଆଗକୁ ବଢ଼ିବା ଉଚିତ ବୋଲି କହିଛନ୍ତି।

## ନୀତିନଙ୍କୁ...

କହିଛନ୍ତି। ଯଦିଓ ବୈଠକରେ ହୋଇଥିବା ରାଜନୈତିକ ଆଲୋଚନାକୁ ନେଇ ମୁଖ୍ୟମନ୍ତ୍ରୀ କିମ୍ବା ଦଳ ପକ୍ଷରୁ କେହି ଆନୁଷ୍ଠାନିକ ଭାବେ କିଛି ବି କହିନାହାଁନ୍ତି, ତଥାପି ଉଭୟ ରାଜ୍ୟସଭା ନିର୍ବାଚନ ନେଇ ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିବା କୁହାଯାଉଛି। କାରଣ ନୂଆପଡ଼ା ଉପନିର୍ବାଚନ ପରେ ରାଜ୍ୟସଭା ନିର୍ବାଚନ ମଧ୍ୟ ବିଜେପି ପାଇଁ ସମ୍ମାନର ପ୍ରଶ୍ନ। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ସରକାରରେ ନ ଥିବା ସମୟରେ ଆବଶ୍ୟକ ସଂଖ୍ୟା ନ ଥାଇ ମଧ୍ୟ ବିଜେଡି ସହଯୋଗରେ ବିଜେପି ପ୍ରାର୍ଥୀ ଭାବେ ଅଶ୍ୱିନୀ ବୈଷ୍ଣବ ଦୁଇ ଦୁଇ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଏବେ ରାଜ୍ୟରେ ବିଜେପି ସରକାର ଅଛି ଆଉ ଦୁଇଟି ଆସନ ପାଇଁ ସ୍ପଷ୍ଟ ସଂଖ୍ୟା ଥିବା ବେଳେ ତୃତୀୟ ଆସନ ପାଇଁ ଆଉ ୮ ଖଣ୍ଡ ଭୋଟର ଆବଶ୍ୟକତା ରହିଛି। ସେପଟେ ବିଜେଡିରୁ ନିଲମ୍ବିତ ଦୁଇ ବିଧାୟକ ବି ବିଜେପିକୁ ସମର୍ଥନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ବିଜେପିକୁ ତୃତୀୟ ଆସନ ଦଖଲ କରିବାକୁ ଆଉ ୬ ଖଣ୍ଡ ଭୋଟ ଦରକାର।

ଏହି ୬ ଖଣ୍ଡ ଭୋଟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ସେ ଭିତରେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି। ଏଭଳି ସ୍ଥିତିରେ ଦଳର ରଣନୀତି କ'ଣ ରହିବା ଆବଶ୍ୟକ ସେନେଇ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ପରାମର୍ଶ ନେଇଥିବା ଆଲୋଚନା ହେଉଛି। ରାଜନୈତିକ ସମୀକ୍ଷକମାନେ ମଧ୍ୟ ଏଭଳି ଭେଟଘାଟ୍‌କୁ ସାଧାରଣ ଭାବେ ଗ୍ରହଣ କରିବାକୁ ରାଜି ନୁହଁନ୍ତି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଶାହଙ୍କ ଓଡ଼ିଶା ଆଗମନ ତା' ସାଙ୍ଗକୁ ନିଜେ ମୁଖ୍ୟମନ୍ତ୍ରୀ ଦଳର ଶୀର୍ଷ ନେତାଙ୍କୁ ଭେଟିବା ଏକ ବଡ଼ ରାଜନୈତିକ ସଙ୍କେତ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

## ରିପୋର୍ଟ...

ପାଖକୁ ଯାଇ ଆର୍‌ଆଇ ଶ୍ରୀ ବେହୁରା ଜମି ମାଲିକଙ୍କଠାରୁ ଲାଞ୍ଚ ବାବଦ ଟଙ୍କା ନେଉଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍‌ର ସଦସ୍ୟମାନେ ତାଙ୍କୁ ମାଡ଼ି ବସିଥିଲେ। ଏଥିସହ ପ୍ରମାଣ ଭାବେ ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ବି ଜବତ କରାଯାଇଛି। ଏଥିସହ ଶ୍ରୀ ବେହୁରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏନେଇ ଅଭିଯୁକ୍ତ ଶ୍ରୀ ବେହୁରାଙ୍କ ବିରୋଧରେ କଟକ ଭିଜିଲାନ୍ସ ପକ୍ଷରୁ ଗତକାଲି ୦୯ରେ ଏକ ମାମଲା ରୁଜୁ କରାଯାଇଛି।

## ସମବାୟ...

ଧାନ ଦେଲେ, ତେବେ ମିଲର୍ କେମିତି ୫୧ କୁଇଣ୍ଟାଲ ଧାନ ପାଇଲେ? ଯଦି ତ୍ରିଲୋଚନ ୫୧ କୁଇଣ୍ଟାଲ ୨୦ କିଲୋ ଧାନ ମିଲ୍‌ରେ ଦେଲେ, ତାଙ୍କୁ ୩୮ କୁଇଣ୍ଟାଲ ୯୦ କେଜି ଧାନର ଟଙ୍କା କାହିଁକି ପ୍ରଦାନ କରାଗଲା? ବାକି ୧୨ କୁଇଣ୍ଟାଲ ଧାନ କିଏ ଖାଇଲା? ନବନିର୍ମାଣ କୃଷକ ସଂଗଠନ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହେବ। ମଣ୍ଡି ଓ ମିଲର୍‌ଙ୍କ ଅବହେଳାକୁ ଦାୟୀ କରି ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି ମୃତଚାଷୀଙ୍କ ପତ୍ନୀ।

ସମବାୟ ମନ୍ତ୍ରୀଙ୍କ 'ଅପେକ୍ଷା କରି କିଏ କ'ଣ ମରନ୍ତି?'... 'ତାଙ୍କର ବୟସ ହେଲାଣି, ହୁଏତ ଅନ୍ୟ ରୋଗରୁ କିମ୍ବା ହୃଦ୍‌ଘାତ ଯୋଗୁଁ ମୃତ୍ୟୁବରଣ କରିଥିବେ' ବୋଲି କହିବା ତାଙ୍କର ଚାଷୀଙ୍କ ପ୍ରତି ସମ୍ବେଦନହୀନତାର ପରିଚୟ ବୋଲି ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। ଯୋଗାଣ ଓ ସମବାୟ ମନ୍ତ୍ରୀ ବାରମ୍ବାର ମଣ୍ଡିରେ କୌଣସି ସମସ୍ୟା ନାହିଁ ବୋଲି କହୁଛନ୍ତି। ହେଲେ ତ୍ରିଲୋଚନ ସରକାରୀ ଘୋଷଣାର ନଗ୍ନ ଚିତ୍ର ବୋଲି ବିରୋଧୀମାନେ କହିଛନ୍ତି।

## କେଜରିୱାଲ...

ତ୍ରୁଟିପୂର୍ଣ୍ଣ ଯାଞ୍ଚ ପାଇଁ କୋର୍ଟ ଭର୍ତ୍ସନା କରିବା ସହିତ ଏହାଦ୍ୱାରା ଉପସ୍ଥାପନ କରାଯାଇଥିବା ବିସ୍ତୃତ ଅଭିଯୋଗପର୍ଦ୍ଦରେ ଅନେକ ତ୍ରୁଟି ରହିଛି ବୋଲି କହିଥିଲେ। ପ୍ରାଥମିକ ଦୃଷ୍ଟିକୋଣରୁ ଏଥିରୁ କୌଣସି ମାମଲା ହେଉନାହିଁ ବୋଲି କହିଛନ୍ତି। କୋର୍ଟ ଆହୁରି ମଧ୍ୟ କହିଥିଲେ ନିରପେକ୍ଷ ଶୁଣାଣି ପାଇଁ ନିରପେକ୍ଷ ତଦନ୍ତ ଜରୁରୀ ଅଟେ। କିନ୍ତୁ ଏହି ମାମଲାରେ ତାହା ଦେଖିବାକୁ ମିଳିନାହିଁ।

୨୦୨୨-୨୩ ଦିଲ୍ଲୀ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସିବିଆଇ ମାମଲା ରୁଜୁ କରିଥିଲା। ଏହି ମମଲାରେ ଆମ୍ ଆଦମୀ ପାର୍ଟିର ଅନେକ ନେତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଅରବିନ୍ଦ କେଜ୍ରିୱାଲ ୬ ମାସ ଜେଲରେ ରହିଥିଲେ। ସିବିଆଇ ଓ ଇଡି ଅଭିଯୋଗ କରିଥିଲା ଯେ ସାଉଥ ଗ୍ରୁପ୍ ନାମକ ଏକ ଲବିରୁ ୧୦୦ କୋଟି ଟଙ୍କା ଲାଞ୍ଚ ନିଆଯାଇଥିଲା ଓ ଏହା ବଦଳରେ ଲାଇସେନ୍ସ ଦେୟରେ ରିହାତି ଓ ଅନ୍ୟ ଲାଭ ଦିଆଯାଇଥିଲା।

ନିର୍ଦ୍ଦୋଷରେ ଖଲାସ ହେବା ପରେ କେଜ୍ରିୱାଲ ଭାବପ୍ରବଣ ହୋଇପଡ଼ିଥିଲେ ଏବଂ କୋର୍ଟରେ ସିସୋଦିଆଙ୍କୁ ଆଲିଙ୍ଗନ କରି ଯଥେଷ୍ଟ କାନ୍ଦିଥିଲେ। କୋର୍ଟ ତାଙ୍କୁ ନିର୍ଦ୍ଦୋଷ କହିବା ପରେ ଆପର ରାଷ୍ଟ୍ରୀୟ ସଂଯୋଜକ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ କହିଛନ୍ତି ଯେ ବିଜେପି ଗତ କିଛି ବର୍ଷେ ହେଲା ମଦ ଦୁର୍ନୀତି ଓ ଅଭିଯୋଗ ଆଣି ଆସୁଥିଲେ ହେଁ ଆଜି ସମସ୍ତ ଅଭିଯୋଗକୁ କୋର୍ଟ ଖାରଜ କରିଦେଇଛନ୍ତି ଏବଂ ଆମ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆମର ନ୍ୟାୟପାଳିକା ଉପରେ ବିଶ୍ୱାସ ଅଛି। ସତ୍ୟର ବିଜୟ ହୋଇଛି। ଆମ ଆଦମୀ ପାର୍ଟିକୁ ଧ୍ୱଂସ କରିବା ପାଇଁ ସମସ୍ତ ଶୀର୍ଷ ନେତାଙ୍କୁ ଜେଲ ପଠାଯାଇଥିଲା। ଏହି ସମ୍ପୂର୍ଣ୍ଣ ମାମଲା ମିଥ୍ୟା ଥିଲା। କେଜ୍ରିୱାଲ ଦୁର୍ନୀତିଗ୍ରସ୍ତ ନୁହଁନ୍ତି। ମୁଁ ମୋ ଜୀବନରେ କେବଳ ସଚ୍ଚୋଟତା ଅର୍ଜନ କରିଛି ବୋଲି ସେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି ରାୟ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛି। ତଥାପି ସିବିଆଇ ଆଜିର ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ଆବେଦନ କରିବା ସକାଶେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

## ଦୁଇ...

ଭାଗ୍ୟ। ଗତ ୮ ବର୍ଷ ହେଲାଣି ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲାଣି। ଆଜି ପର୍ଯ୍ୟନ୍ତ ପ୍ରାୟ ୩୫ ଥରରୁ ଅଧିକ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ।

ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ଆପୋସ ଆଲୋଚନା ମାଧ୍ୟମରେ ଟ୍ରିପଲ ଇଞ୍ଜିନ ସରକାର ମହାନଦୀ ଜଳ ବିବାଦର ସମାଧାନ କରିବେ ବୋଲି ବାରମ୍ବାର ଭରସା ଦେଉଛନ୍ତି। କିନ୍ତୁ ଆଜିଯାଏଁ ସମାଧାନ ହୋଇପାରୁନି। ଖରାଦିନ ନଆସୁଣୁ ମହାନଦୀ ଶୁଖିଲା ପଡ଼ିଛି। ବର୍ଷ ତମାମ ଅଣ ମୌସୁମୀରେ ମହାନଦୀ ଶୁଖିଲା ପଡିବା ଏକ ଚିନ୍ତାର କାରଣ। ଏଭଳି ସ୍ଥିତିରେ ମହାନଦୀ ଟ୍ରିବ୍ୟୁନାଲଙ୍କ ୧୦ ଜଣିଆ ଟିମ୍‌ର ଓଡିଶା ଗସ୍ତ ପରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳବିବାଦର ସମାଧାନ ହେବ ବୋଲି ଆଶା କରାଯାଉଛି।

ଟ୍ରିବ୍ୟୁନାଲର ଗସ୍ତ ଭିତରେ ବିବାଦର ସମାଧାନ ହେବ କି ନାହିଁ ସେନେଇ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ହେଲେ ଏଭଳି ସମୟରେ ଟ୍ରିବ୍ୟୁନାଲ ଗସ୍ତକୁ ନେଇ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା ରାଜନୀତି। ପୂର୍ବ ସରକାର ମୁଣ୍ଡରେ ସବୁ ଦୋଷ ଠେଲିଦେଇ ବିଜେପି କହିଛି, ସମାଧାନର ରାସ୍ତା ଆମେ ଖୋଜୁଛୁ। ଅନ୍ୟପଟେ ବିଜେଡି କହିଛି, ଟ୍ରିପଲ ଇଞ୍ଜିନ ସରକାର ତ ଅଛି, ମହାନଦୀକୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି। ଏସବୁ ଭିତରେ ଟ୍ରିବ୍ୟୁନାଲ ଗସ୍ତକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ସମିତି।

୨୦୨୩ରେ ମଧ୍ୟ ଟ୍ରିବ୍ୟୁନାଲ ଓଡିଶା ଆସିଥିଲେ, ହେଲେ ନ୍ୟାୟ ମିଳିନଥିଲା। ଏବେ ଟ୍ରିବ୍ୟୁନାଲର ଆୟୁଷ ସରି ଆସୁଥିବା ବେଳେ ଗସ୍ତ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ମହାନଦୀ ବଞ୍ଚାଅ ଆନ୍ଦୋଳ ସମିତିର ଆବାହକ ସୁଦର୍ଶନ ଦାସ। ଟ୍ରିବ୍ୟୁନାଲ ଗସ୍ତ ଭିତରେ ଆପୋଷ ଆଲୋଚନାକୁ ଅଧିକ ଭରସା କରୁଛନ୍ତି ବର୍ତ୍ତମାନର ସରକାର। ତେବେ ପ୍ରଶ୍ନ ଉଠୁଛି, କାଦୁଅଫିଙ୍ଗା ରାଜନୀତି ଭିତରେ ମହାନଦୀକୁ ନ୍ୟାୟ ମିଳିବ ତ?

## ସ୍ୱାସ୍ଥ୍ୟ...

ମୃତ୍ୟୁହାର କମାଇବାରେ ଆଶା କର୍ମୀଙ୍କ ଅବଦାନ ଅତୁଳନୀୟ।

ସମ୍ବଲପୁର ଜିଲ୍ଲାର ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ଓ ୩ ଲକ୍ଷ ପରିବାର ପାଇଁ ମାସିକ ଘରକୁ ଘର ବୁଲି ସେବା ଯୋଗାଉଥିବା ପାଖାପାଖି ୧୦୭୮ ଜଣ ଆଶା ଦିଦିଙ୍କ ନିଷ୍ଠା ପ୍ରଶଂସନୀୟ। ଆଶା ଦିଦିମାନଙ୍କ କାର୍ଯ୍ୟ କେତେ ପ୍ରଭାବଶାଳୀ, ତା'ର ବଡ଼ ପ୍ରମାଣ ବାଲେଶ୍ୱର ନୀଳଗିରିର ଯମୁନାମଣି ସିଂହ। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଯମୁନାମଣିଙ୍କ ନିଷ୍ଠାପର ସେବାକୁ ପ୍ରଶଂସା କରିଥିଲେ। ଏହି 'ବଣମଲ୍ଲୀ' ଆଜି ସମଗ୍ର ଓଡ଼ିଶାର ଆଶା କର୍ମୀଙ୍କ ସମ୍ମାନକୁ ଜାତୀୟ ସ୍ତରରେ ପହଞ୍ଚାଇପାରିଥିବା ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଶକ୍ତି ହେଉଛି ଗାଁ କଲ୍ୟାଣ ସମିତି। ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଓ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏହି ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆପଣମାନେ ହିଁ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସୁଦୃଢ଼ ସେତୁ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମକୁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଢ଼ିବାକୁ ହେବ। ଏଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଓ ପାନୀୟ ଜଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ରୋଜଗାରକୁ ପ୍ରାଧାନ୍ୟ ଦେବା ଜରୁରୀ। ସମ୍ବଲପୁରର ସ୍ୱଚ୍ଛତା ଓ ଜୀବନଶୈଳୀକୁ ବଦଳାଇବା ପାଇଁ ଆମେ ଏହାକୁ ଏକ 'ଜନଆନ୍ଦୋଳନ' କରିବା ପାଇଁ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଉପସ୍ଥିତ ଥିଲେ।

## ଡାକିକି...

କୁହାଯାଉଛି। ଏହି ତାଲିକାରେ ଏବେ ଖ୍ୟାତନାମା ଚିକିତ୍ସକ ରମାକାନ୍ତ ପଣ୍ଡାଙ୍କ ନାଁ ଚର୍ଚ୍ଚାକୁ ଆସିଛି। ବିଜେଡି ଯଦି ରମାକାନ୍ତଙ୍କୁ ପ୍ରାର୍ଥୀ କରିବ ତେବେ ତାଙ୍କୁ ଉଭୟ ବିଜେପି ଓ କଂଗ୍ରେସର ସମର୍ଥନ ମିଳିବ ବୋଲି ବିଜେଡି ଆଶା କରୁଛି। କିନ୍ତୁ ବିଜେଡି ଯଦି ଦ୍ୱିତୀୟ ପ୍ରାର୍ଥୀ ନଦେଲା ତେବେ ବିଜେପିର ତୃତୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଏକପ୍ରକାର ନିଶ୍ଚିତ ବୋଲି ଦଳ ଭିତରେ ଆଲୋଚନା ଜୋର ଧରିଛି। ଗତକାଲି ମଧ୍ୟ ବିଜେଡିର ପିଏସି ବୈଠକରେ ନବୀନ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ନେଇ ଆଲୋଚନା କରିଥିଲେ ହେଁ ଏହା ଉପରେ କୌଣସି ପ୍ରକାର ନିଷ୍ପତ୍ତି ହୋଇପାରିନଥିଲା।

ଉଲ୍ଲେଖନୀୟ ଯେ ବିଜେପି ନିକଟରେ ଏବେ ୭୯ ଜଣ ବିଧାୟକଙ୍କ ସମେତ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି। ଏମାନଙ୍କ ବଳରେ ବିଜେପି ସହଜରେ ୨ ଜଣ ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବାରେ ସମର୍ଥ ହେବ। ତେବେ ଦଳ ପକ୍ଷରୁ ତୃତୀୟ ପ୍ରାର୍ଥୀ ଦିଆଯିବ ବୋଲି ବରିଷ୍ଠ ନେତାମାନେ ବାରମ୍ବାର ଦୋହରାଉଥିବାରୁ ଦଳ କାହାକୁ ତୃତୀୟ ପ୍ରାର୍ଥୀ କରିବ, ତାହାକୁ ସମସ୍ତେ ଚାହିଁବସିଛନ୍ତି। ଏହି ତାଲିକାରେ ସବୁଠାରୁ ଆଗରେ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ନାମ ଥିବାବେଳେ ବିଜେପି କିନ୍ତୁ ଏ ନେଇ କୌଣସି ସୂଚନା ଦେଉନାହିଁ।

ପାର୍ବଣରେ ପୁଲିସ ପାଇଁ ଚ୍ୟାଲେଞ୍ଜ ଆଇନଶୃଙ୍ଖଳା

# ସୋସିଆଲ ମିଡିଆ ଉପରେ ୨୪ଘଣ୍ଟିଆ ପାଟ୍ରୋଲିଂ

- ଅଭ୍ୟାସଗତ ଅପରାଧୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ
- ପାଟ୍ରୋଲିଂ, ଚେକିଂ, ଡିଜେ କଟକଣା ହେବ ଜୋରଦାର




**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆସନ୍ତା କିଛିଦିନ ମଧରେ ପର୍ବପର୍ବାଣୀର ମାହୋଲ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୩ ତାରିଖରେ ଦୋଳ ପୂର୍ଣ୍ଣିମା, ୪ ତାରିଖରେ ହୋଲି, ୨୧ ତାରିଖରେ ଇଦ-ଉଲ-ଫିତର, ୨୭ ତାରିଖରେ ଶ୍ରୀ ରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ନିରାପତ୍ତା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଆଇନ ଶୃଙ୍ଖଳାର ସମୀକ୍ଷା କରିଛନ୍ତି।

ମାର୍ଚ୍ଚ ମାସରେ ପଡୁଥିବା ସବୁ ପର୍ବପର୍ବାଣୀଗୁଡିକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ପରିବେଶରେ ପାଳନ କରାଯିବା ନେଇ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସବୁ ବରିଷ୍ଠ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପର୍ବପର୍ବାଣୀ ଅବସରରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ଓ ଉତ୍ତେଜନାମୂଳକ ପ୍ରଚାର ରୋକିବା ପାଇଁ ତଥ୍ୟ ସଂକ୍ରାନ୍ତରେ ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୁଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ସେହିପରି ନିଶାସକ୍ତ ଗାଡ଼ିଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଡିଜେ ଶବ୍ଦ ପ୍ରଦୂଷଣ ଉପରେ କଟକଣା, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଆଇଜିପି (ପର୍ସୋନେଲ) ଏସ. ପ୍ରବୀଣ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଏବଂ ସବୁ ଜିଲ୍ଲାର ଏସପି ଯୋଗ ଦେଇଥିଲେ।

# ପରୀକ୍ଷା କେନ୍ଦ୍ରରୁ ୩ ଛାତ୍ର ଗାଏବ

**ବାଲିପାଟଣା, ୨୭।୨ (ସଂଚାର ବ୍ୟୁରୋ):** ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ଚଣାହଟ୍ଟା ପିପୁଲ୍ସ ସରକାରୀ ହାଇସ୍କୁଲରୁ ଦଶମ ପରୀକ୍ଷା ଦେବାକୁ ଆସି ୩ ଜଣ ଛାତ୍ର ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବାଲିପାଟଣାରେ ସମୁଦାୟ ୧୫୧୬ ଜଣ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୨୯ ଜଣ ଅନୁପସ୍ଥିତ ଅଛନ୍ତି। ବାଲିପାଟଣା ବ୍ଲକ୍ ଅଧିନରେ ସମୁଦାୟ ୮ଟି ପରୀକ୍ଷା କେନ୍ଦ୍ର ହୋଇଛି। ନୋଡାଲ୍ କେନ୍ଦ୍ର ଶ୍ରୀ ବୃନ୍ଦନାଥ ଉଚ୍ଚ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ଓ ଅନ୍ୟ ୭ଟି ବିଦ୍ୟାଳୟରେ ସମୁଦାୟ ୧୫୪୫ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ତେବେ ଆଜି ସକାଳୁ ରାଜସ ଗୋପବନ୍ଧୁ ହାଇସ୍କୁଲର ୩ ଜଣ ଛାତ୍ର ଘରୁ ପରୀକ୍ଷା ଦେବା ପାଇଁ ଆସିଥିଲେ। ଏପରିକି ପରୀକ୍ଷା କେନ୍ଦ୍ର ନିକଟରେ ସେମାନେ ପହଞ୍ଚିଥିବା ବି ଲୋକେ ଦେଖିଛନ୍ତି। କିନ୍ତୁ ପରୀକ୍ଷା ସରିବା ପରେ ଅନ୍ୟ ପିଲାମାନେ ଫେରିଥିଲେ ମଧ ଏହି ତିନି ଜଣ ଫେରିନାହାନ୍ତି। ଏପରିକି ସେମାନେ ପରୀକ୍ଷା ଦେବା ସକାଶେ କେନ୍ଦ୍ର ଭିତରକୁ ବି ଯାଇନାହାନ୍ତି ବୋଲି କୁହାଯାଇଛି। ତେବେ ନୋଡାଲ୍ କେନ୍ଦ୍ର ଫାଟକ ସାମ୍ନାରୁ ସେମାନେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଯୋଗୁଁ ଚଣାହଟ୍ଟା ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ ଗୋପବନ୍ଧୁ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ।

## ସପ୍ତାହେ ପର୍ଯ୍ୟନ୍ତ ଶୁଖିଲା ପାଗ, ୩ ଦିନରେ ତାପମାତ୍ରା ବଢ଼ିବ ୩ ଡିଗ୍ରୀ



**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବୃଦ୍ଧି ପାଇବ ଦିନ ଓ ରାତି ତାପମାତ୍ରା। ଆସନ୍ତା ୩ ଦିନ ମଧରେ ସର୍ବାଧିକ ବା ଦିନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିପରି ସର୍ବନିମ୍ନ ବା ରାତି ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ବର୍ଷା ହୋଇଛି। ନୟାଗଡ଼ ଜିଲ୍ଲା ବାରମୂଳରେ ୫.୪ ମିମି, କେନ୍ଦ୍ରାପଡ଼ା ମାର୍ଶାଘାଇରେ ୫ ମିମି, ଡେରାବିଶରେ ୨.୫ ମିମି, ଗରଦପୁରରେ ୨ ମିମି, ଗଞ୍ଜାମ ଦିଗପହଣ୍ଡିରେ ୫ ମିମି, ଯାଜପୁର ଜେନାପୁରରେ ୨.୨ ମିମି, ଜଗତ୍‌ସିଂହପୁର ପାରାଦୀପରେ ୧.୫ ମିମି ଓ ଗଜପତି ଜିଲ୍ଲା ମୋହନାଠାରେ ୦.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ରାଜ୍ୟର ୯ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଓ ଏହାଠାରୁ କମ୍ ରହିଥିଲା। ସର୍ବନିମ୍ନ ନିମ୍ନତମ ତାପମାତ୍ରା ସମତଳ ଅଞ୍ଚଳ ଭାବେ ରାଉରକେଲାଠାରେ ୧୨.୨ ଡିଗ୍ରୀ, ଜି.ଉଦୟଗିରିରେ ୯.୭ ଡିଗ୍ରୀ ଏବଂ ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। କିନ୍ତୁ ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ।

## ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ମାମଲା: ସ୍ୱାମୀ ଲିପନଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ଓଡ଼ିଆ ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ସାହୁଙ୍କ ମୃତ୍ୟୁ ମାମଲାରେ ଆଜି ତାଙ୍କ ସ୍ୱାମୀ ଲିପନ ସାହୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଫଳତଃ ଲିପନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍। ତେବେ ନିକିତାଙ୍କ ଶାଶୂ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ପ୍ରକାଶ ଯେ ବିବାହ ପରେ ନିକିତାଙ୍କୁ ଶାଶୁଘର ପକ୍ଷରୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ସେ ଅଭିନୟରୁ କରୁଥିବା ଆୟ ଶାଶୂଘରକୁ ଦେବା ସହ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଶାଶୂଘର ଲୋକେ ତାଙ୍କ ଉପରେ ଚାପ ପକାଇଆସୁଥିଲେ।



ଏପରିକି ସେ ଗର୍ଭବତୀ ଥିବା ସମୟରେ ଶାଶୂଘର ଲୋକେ ତାଙ୍କର କୌଣସି ଯତ୍ନ ମଧ୍ୟ ନେଉନଥିବା ଅଭିଯୋଗ ହୋଇଥିଲା।

୨୦୧୮ରେ ନିକିତା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସେତେବେଳେ ଶାଶୂଘର ଲୋକେ ହସ୍ପିଟାଲରେ ଶିଶୁପୁତ୍ରକୁ ମଧ୍ୟ

### ଶାଶୂ ଓ ଶ୍ୱଶୁର ନିର୍ଦ୍ଦୋଷ

ଦେଖିବାକୁ ଆସିନଥିଲେ। ପରେ ନିକିତାଙ୍କୁ ସେମାନେ ନିର୍ଯାତନା ଦେଇଥିଲେ। ଯାହା ଫଳରେ ସେ ଗତ ୨୦୧୯ ଜାନୁଆରୀ ୪ ତାରିଖରେ ମୃତ୍ୟୁବରଣ କରିଥି ହୋଇଥିଲା। ଉକ୍ତ ଦିନ ସନ୍ଧ୍ୟାରେ ନିକିତାଙ୍କୁ ଲିପନ ଛାତ ଉପରକୁ ଡାକି ନେଇଥିଲେ। ପରେ ରାତି ପ୍ରାୟ ୧୦ଟା ୧୫ଟା ମିନିଟ୍‌ରେ ନିକିତା ଛାତ ଉପରୁ ପଡିଯାଇଥିଲେ। ପରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନିକିତାଙ୍କ ସ୍ୱାମୀ ଲିପନ ଏବଂ ତାଙ୍କ ବାପା-ମା'ଙ୍କ ନାଁରେ ଚାଉଳିଆଗଞ୍ଜ ଥାନାରେ ଏତଲା ଦିଆଯାଇଥିଲା।

## କଟକ ପରେ ଡେଲାଙ୍ଗରେ ଜଣ୍ଡିସ

**କଣାସ, ୨୭।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ଚାଲିଛି ମାଟ୍ରିକ୍ ପରୀକ୍ଷା। ଏହାରି ଭିତରେ ଘାରିଲା ଜଣ୍ଡିସ୍ ରୋଗର ଆତଙ୍କ। ପୁରୀ ଜିଲ୍ଲୀ ଡେଲାଙ୍ଗରେ ଚିହ୍ନଟ ହୋଇଛି ଜଣ୍ଡିସ ରୋଗ। ବିଶେଷକରି ରାଧାକାନ୍ତ ବିଦ୍ୟପୀଠର ଦଶମ ଶ୍ରେଣୀର ୧୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଘଟଣା ପରେ ଏବେ ଅଭିଭାବକ ମହଲରେ ଭୟର ବାତାବରଣ ଖେଳିଯାଇଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏକ ଟିମ୍ ବିଦ୍ୟାଳୟ ପରିସରରେ ଥିବା ପାଣି ଟାଙ୍କିରୁ ପାଣି ପରୀକ୍ଷା କରିବା ସହ ୧୦ ଜଣ ଆକ୍ରାନ୍ତ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଗତ କିଛି ଦିନ ତଳେ କଟକରେ ଜଣ୍ଡିସ୍ ଆତଙ୍କ ଦେଖିବାକୁ ମିଳିଥିଲା। ଦୂଷିତ ପାଣି ପିଇ ଲୋକମାନେ ଜଣ୍ଡିସରେ ଆକ୍ରାନ୍ତ ହେଉଥିବା ଜଣାପଡିଥିଲା। ଦୀର୍ଘ ଦିନ ହେବ ସିଏମ୍‌ସିର ୧୦ ନମ୍ବର ଏବଂ ୧୨ ନମ୍ବର ୱାର୍ଡର ମାନସିଂହପାଟଣା, ମସ୍ତରାମଠ ଗଳି ଓ କାଫଲା ବଜାର ଅଞ୍ଚଳରେ ଜଣ୍ଡିସ ବ୍ୟାପିଥିଲା। ଏହା ପୂର୍ବରୁ ଖୋର୍ଦ୍ଧା ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟରେ ବ୍ୟାପିଥିଲା ଜଣ୍ଡିସ। ଗତବର୍ଷ ମଧ କଣାସ ଅଞ୍ଚଳରେ ଦାୟା ନଦୀର ଦୂଷିତ ପାଣି ବ୍ୟବହାର କରି ୨ ଜଣଙ୍କର ମୃତ୍ୟୁ ହୋଇଥିଲା।

## ପୁଲିସକୁ ନିର୍ଘୃମ ମାଡ଼ ସହ ଛୁରାମାଡ଼; କନଷ୍ଟେବଲଙ୍କୁ ଛୁରୀ ଭୁସିଲେ ଦୁର୍ବୃତ୍ତ




ଫୁଲବାଣୀ, ୨୭।୨: ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଜଣେ କନଷ୍ଟେବଲଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଦୁଇ ଜଣ ଯୁବକ ଛୁରୀରେ ଆକ୍ରମଣ କରିବା ଫଳରେ କନଷ୍ଟେବଲ ଜଣକ ଗୁରୁତର ହୋଇଛନ୍ତି। ଏପଟେ ଦୁଇ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୨ଟା ବେଳେ କନଷ୍ଟେବଲ ମନୋରଞ୍ଜନ ସାବତ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଥିବା ପରିବା ଦୋକାନ ପାଖରେଠିଆ ହୋଇଥିବା ବେଳେ ଦୁଇଜଣ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଶରୀରର ବିଭିନ୍ନ ସ୍ଥାନରେ ଛୁରୀରେ ଆଘାତ କରିବା ସହିତ ତଳେ ପକାଇ ଠେଙ୍ଗାରେ ପିଟିଥିଲେ। ପାଖରେ ଥିବା କିଛି ଲୋକ ଏହା ଦେଖିପାରି ଦୁଇ ଯୁବକଙ୍କୁ ଅଟାକାଇ ଥିଲେ। ସେମାନଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ ଏବଂ ଗୁରୁତର କନଷ୍ଟେବଲଙ୍କୁ ଆଣି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଟାଉନ ପୁଲିସ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଡାକ୍ତରଖାନା ଆଣିଥିଲା। ଆକ୍ରମଣକାରୀ ମାନେ ସାଲୁଙ୍କୀ ସାହିର ୨୮ ବର୍ଷୀୟ ସନ୍ତୋଷ ସ୍ୱାଇଁ ଓ ୨୫ ବର୍ଷୀୟ ଅଞ୍ଜନ ପ୍ରଧାନ ବୋଲି ଜଣାପଡ଼ିଛି। ଆହତ ମନୋରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଟାଉନ ଥାନା ଏସଆଇ ସରୋଜ କୁମାର ସାହୁ କହିଛନ୍ତି। ତେବେ ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦିନ ଦ୍ୱିପ୍ରହରେ ଜଣେ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

● ପୂର୍ବଶତ୍ରୁତାରୁ ଛୁରା ମାଡ଼ ଘଟଣା

## ଛୁରି ଜବତ, ଜେଲ୍ ଗଲେ ଅଭିଯୁକ୍ତ




**ଦିଗପହଣ୍ଡି, ୨୭।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଛୁରାମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଆଜି ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣଙ୍କ କଙ୍କୋରଡ଼ା ଗ୍ରାମର ବୁଲୁ ପରିଡ଼ା ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ନିକଟରୁ ଏକ ଛୁରି ମଧ ଜବତ କରାଯାଇଛି। ଏନେଇ ଥାନାରେ ୫୮/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ବେଳେ କୋର୍ଟରେ ତାଙ୍କୁ ହାଜର କରାଯିବା ପରେ ଜାମିନ୍ ଆବେଦନ ଖାରଜ ହୋଇଯାଇଛି। ତେଣୁ ବୁଲୁଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଇ ଦିଆଯାଇଛି। ଗତକାଲି ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଲୁ ଗ୍ରାମର ଟୁଲୁ ପ୍ରଧାନଙ୍କୁ ଛୁରି ଭୁଷି ହତ୍ୟା ଉଦ୍ୟମ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟୁଲୁଙ୍କୁ ଉଦ୍ଧାର କରି ପରିବାର ଲୋକେ ନିକଟସ୍ଥ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଟୁଲୁଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଟୁଲୁଙ୍କ ସ୍ତ୍ରୀ ମନସା ପ୍ରଧାନ ପାଟପୁର ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ବୁଲୁଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପୁରୁଷ ବନ୍ଧୁଙ୍କ ଆଗରେ ଯୁବତୀଙ୍କୁ ଅସଦାଚରଣ

● ଥାନାରେ ମାମଲା, ବିଭିନ୍ନ ସ୍ଥାନରେ ଚଢ଼ାଉ

**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ଧଉଳି ଘଟଣାଠୁ ବଳିଗଲା ସହିଦ ନଗର ଥାନା ଅନ୍ତର୍ଗତ ୟୁନିଟ୍-୯ ଆଦିବାସୀ ହଷ୍ଟେଲ ସମ୍ମୁଖ ଘଟଣା। ପୁରୁଷ ବନ୍ଧୁଙ୍କ ଆଗରେ ଯୁବତୀଙ୍କୁ ୫ ଜଣ ଅଭିଯୁକ୍ତ ଅସଦାଚରଣ କରିବା ସହ ତାଙ୍କ ପୋଷାକ ଚିରିଦେଇଥିଲେ। ତେବେ ସେତିକିରେ ଅଭିଯୁକ୍ତମାନଙ୍କ ମନ ଭରି ନ ଥିଲା। ପୁରୁଷ ବନ୍ଧୁଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିବା ସହ ସେମାନେ ଲହୁଲୁହାଣ କରିଥିଲେ। ଏନେଇ ଭୋଇ ନଗରରେ ରହୁଥିବା ଉକ୍ତ ଯୁବତୀ ସହିଦ ନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ୧୧୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ଅଭିଯୋଗ ହେବାର ୨୨ ଘଣ୍ଟା ପୂରିଯାଇଥିଲେ ସୁଦ୍ଧା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଅସଦାଚରଣ ସହ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ୟୁନିଟ୍-୯ ଅଞ୍ଚଳର ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ସହିଦ ନଗର ଥାନାଧିକାରୀ ସୁଚିତ୍ରବୀରା ଦାଶ କହିଛନ୍ତି ଯେ ଯୁବତୀଙ୍କ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରାଯାଇଛି। ଘଟଣାକୁ ଗୁରୁତର ସହକାରେ ନେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ଦାଶ କହିଛନ୍ତି।

## ଏଣିକି ହୋର୍ଡିଂ ପାଇଁ ବିଏମସି ଅନୁମତି ଜରୁରୀ



**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ଏଣିକି ମନଇଚ୍ଛା ଲଗାଇପାରିବେନି ହୋର୍ଡିଂ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳ ଭିତରେ ଯିଏ ଯେଉଁଠି ବି ହୋର୍ଡିଂ ଲଗାଇଲେ ବି ଏଥିପାଇଁ ନିଗମଠାରୁ ଅନୁମତି ନେବାକୁ ପଡିବ। ହୋର୍ଡିଂ ଲଗାଇବା ଆଗରୁ ଷ୍ଟ୍ରକଚରାଲ ସାର୍ଟିଫିକେଟ ଓ ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ବାଧତାମୂଳକ ଥିଲା। ଘରୋଇ ଅନୁଷ୍ଠାନ କିମ୍ବା କୌଣସି ବ୍ୟକ୍ତି ନିଜ ଘର ଉପରେ ଲଗାଇପାରିବେନି ହୋର୍ଡିଂ। ଏନେଇ କଡା ଚେତାବନୀ ଦେଇଛି ବିଏମସି। ଏଜେନ୍ସିଠାରୁ ପଇସା ନେଇ ମନଇଚ୍ଛା ଘର ଉପରେ ହୋର୍ଡିଂ ଲଗାଯାଉଛି। ତୁରନ୍ତ ସେସବୁ ହଟାଇବାକୁ ଅଭିଯାନ ମଧ ଆରମ୍ଭ ହୋଇଛି।

ସେହିପରି କୌଣସି ସ୍ଥାନରେ ଯଦି ବେଆଇନ ଭାବେ ହୋର୍ଡିଂ ଲଗାଯାଇଛି, ତା'ହେଲେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ତୁରନ୍ତ ଜଣାଇବାକୁ ନିବେଦନ କରିଛନ୍ତି ମେୟର ସୁଲୋଚନା ଦାସ। ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ନେଇ ବିଏମସିରେ ଏକ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। କୌଣସି ଅଘଟଣ ସମୟରେ ଇନସ୍ୟୁରାନ୍ସ ବାବଦ ପଇସା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯିବ। ଏଥିସହ ପ୍ରତି ହୋର୍ଡିଂରେ ଏଜେନ୍ସିର ଦସ୍ତଖତକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ କେବଳ ୩ଟି ଏଜେନ୍ସିକୁ ସରକାରୀ ଦର ଅନୁସାରେ ହୋର୍ଡିଂ ଲଗାଇବାକୁ ଅନୁମତି ଦିଆଯାଇଛି। ବାକି ଏଜେନ୍ସି ପାଇଁ ଆସନ୍ତା ୬ ତାରିଖ ପରେ ଟେଣ୍ଡର ଖୋଲା ହେବ। କୌଣସି ଅମୂଲ୍ୟ ଜୀବନ ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ବିଏମ୍‌ସି ଗୁରୁତ୍ୱ ଦେଉଛି। ଆଗାମୀ ଦୁଇରୁ ତିନି ସପ୍ତାହ ମଧ୍ୟରେ ସମସ୍ତେ ସୁରକ୍ଷା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଏମସି କମିଶନର ଚଞ୍ଚଳ ରାଣା କହିଛନ୍ତି।

## ରାଜ୍ୟରେ ଖୋଲିବ ଆଉ ୩ ମହାବିଦ୍ୟାଳୟ




**ବ୍ରହ୍ମପୁର, ୨୭।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଖୋଲିବ ଆଉ ୩ଟି ନୂତନ ମହାବିଦ୍ୟାଳୟ। ବ୍ରହ୍ମପୁରର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦ କଲ୍ୟାଣ ମନ୍ତ୍ରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଏଥିରୁ ଗୋଟିଏ ମତ୍ସ୍ୟ ବିଜ୍ଞାନ, ଗୋଟିଏ ପ୍ରାଣୀ ସମ୍ପଦ ଓ ଗୋଟିଏ କୃଷି କଲେଜ। ସୋନପୁରରେ ଖୋଲାଯିବ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ। ଚିପିଲିମାରେ ପ୍ରାଣୀ ସମ୍ପଦ ଓ ବଲାଙ୍ଗିରରେ କୃଷି କଲେଜ ଖୋଲିବ। ବ୍ରହ୍ମପୁର ଉପକଣ୍ଠ ରଙ୍ଗେଇଲୁଣ୍ଡାରେ ଥିବା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ୨୬ତମ ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ଯୋଗଦାନ ଅବସରରେ ଉପରୋକ୍ତ ଘୋଷଣା କରିଛନ୍ତି ଗୋକୁଳାନନ୍ଦ। ଚଳିତ ବଜେଟ୍‌ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିକାଶ ପାଇଁ ଯଥେଷ୍ଟ ଅର୍ଥ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

## ମାର୍ଚ୍ଚ ୨ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବନ୍ଦ



**ଭୁବନେଶ୍ୱର ୨୭।୨ (ସଂଚାର ବ୍ୟୁରୋ):** ଆସନ୍ତା ୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇପାରିବ ନାହିଁ। ଏଥିସହ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ସ୍କୁଲରେ ଶିକ୍ଷକଙ୍କୁ ତାଲା ପକାଇଦେଲେ



**ବାଲେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବିଦ୍ୟାଳୟରେ ଶିକ୍ଷକଙ୍କୁ ଗ୍ରାମବାସୀ ତାଲା ପକାଇଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୁହାଳିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କୃଷ୍ଣଚନ୍ଦ୍ର ମଲ୍ଲିକ ବିଭିନ୍ନ ସମୟରେ ସେଠାରେ ପାଠ ପଢୁଥିବା ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଛାତ୍ରୀମାନେ ଘରେ ଜଣାଇବା ପରେ ଅବିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକ ଶ୍ରୀ ମଲ୍ଲିକଙ୍କୁ ପଚାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବିଦ୍ୟାଳୟର ଏକ କୋଠରୀରେ ଉକ୍ତ ଶିକ୍ଷକଙ୍କୁ ତାଲା ପକାଇ ବନ୍ଦ କରି ରଖିଥିଲେ। ତେବେ ଖବର ଲେଖା ଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚିପାରିନାହିଁ।

## ଅପରେସନ ସାଇବର କବଚ: ୧୮୧୧୯ ବେନାମୀ ଆକାଉଣ୍ଟ ଯାଞ୍ଚ, ୨୬୨ ଗିରଫ

**ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ):** ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ଅଭିଯାନରେ ଅଦ୍ୟାବଧି ରାଜ୍ୟରେ ମୋଟ ୧୮,୧୧୯ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହୋଇଛି। ଏଥିରୁ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୬୨୩ଟି ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୨୮ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୨୩ଟି ଓ ନକଲି ସିମ୍/ପିଓଏସ୍ ସମ୍ପର୍କିତ ୧୩ଟି ମାମଲା ରୁଜୁ କରାଯାଇଛି। ଏଥିସହ ମୋଟ ୨୬୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ନୂଆ ମାମଲା ଓ ୧୪୧ଟି ପୁରୁଣା ଏଫ୍ଆଇଆର୍ ସମ୍ପୃକ୍ତ ୪,୧୫୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନରେ ଜଗତସିଂହପୁର ଜିଲ୍ଲା ପୁଲିସ ୧୦୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରିଥିବା ବେଳେ ୧୭ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ଯାଜପୁର ଜିଲ୍ଲା ପୁଲିସ ୨୮୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ୩୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି।




ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୮୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୧ଟି, ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ଏବଂ ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସଂପୃକ୍ତ ୨ଟି ମାମଲା ରୁଜୁ କରି ୭ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଖୋର୍ଦ୍ଧା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସମ୍ପୃକ୍ତ ୨ଟି, ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୬ଟି ଓ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଆହୁରି ପୁରୀ ଜିଲ୍ଲା ପୁଲିସ ୬୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୬ଟି ମାମଲା ରୁଜୁ କରି ୨ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ବରଗଡ଼ ଜିଲ୍ଲା ପୁଲିସ ୨୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୦ ଜଣଙ୍କୁ ନୋଟିସ୍ ଜାରି କରିଛି। ବଲାଙ୍ଗିର ଜିଲ୍ଲା ପୁଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ଟି ମାମଲା ରୁଜୁ କରିଛି। ଝାରସୁଗୁଡ଼ା ଜିଲ୍ଲା ପୁଲିସ ୧୮୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରି ୧୬ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସମ୍ବଲପୁର ଜିଲ୍ଲା ପୁଲିସ ୪୯୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ଟି ମାମଲା ରୁଜୁ କରି ୮ ଜଣଙ୍କୁ ନୋଟିସ୍ ଜାରି କରିଛି। ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ୨ଟି ମାମଲା ରୁଜୁ କରି ୧୪ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ରାଉରକେଲା ଜିଲ୍ଲା ପୁଲିସ ୫୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୧ଟି ମାମଲା ରୁଜୁ କରି ୧୨ ଜଣଙ୍କୁ ନୋଟିସ୍ ଜାରି କରିଛି। ସୁନ୍ଦରଗଡ଼ ଜିଲ୍ଲା ପୁଲିସ ୬୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୨ଟି ମାମଲା ରୁଜୁ କରି ୧୨ ଜଣଙ୍କୁ ନୋଟିସ୍ ଜାରି କରିଛି। ବାଲେଶ୍ୱର ଜିଲ୍ଲା ପୋଲିସ ୨୧୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରି ୨୫ଜଣଙ୍କୁ ନୋଟିସ୍ ଜାରି କରିଛି। ଭଦ୍ରକ ଜିଲ୍ଲା ପୋଲିସ ୩୨୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨୩ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୨୮ ଫେବୃଆରୀ ୨୦୨୬
BUSINESS

# ସେନ୍‌ସେକ୍ସରେ ୯୬୧ ପଏଣ୍ଟ ହ୍ରାସ



ମୁମ୍ବାଇ, ୨୭।୨: ବମ୍ବେ ଷ୍ଟକ୍ ବଜାରରେ ଆଜିର କାରବାରରେ ସେନସେକ୍ସ ୯୬୧ ପଏଣ୍ଟ ହ୍ରାସ ପାଇଛି। ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ୍ ସୂଚକାଂକ ନିଫ୍‌ଟି ମଧ୍ୟ ୩୧୭ ପଏଣ୍ଟ ହ୍ରାସ ପାଇଛି। ଆନ୍ତର୍ଜାତିକ ସ୍ତରରେ ଜାରି ରହିଥିବା ଭୂ-ରାଜନୈତିକ ସ୍ଥିତିକୁ ନେଇ ନିବେଶକମାନଙ୍କ ମଧ୍ୟରେ ଥିବା ଆଶଙ୍କା ଆଜି ଷ୍ଟକ୍ ବଜାରରେ ପ୍ରତିଫଳିତ ହୋଇଥିଲା। ସଂସ୍ଥାଗତ ନିବେଶକମାନେ ବଜାରରୁ ପୁଞ୍ଜି ଫେରାଇ ଦନବାର କେତେକ କଂପାନିଙ୍କ ସେୟାର ମୂଲ୍ୟରେ ଅବନତି ଘଟିଥିଲା। ଫଳରେ ସେନ୍‌ସେକ୍ସ ଆଜି ଦିନର ମଧ୍ୟବର୍ତ୍ତୀକାଳୀନ କାରବାରରେ ସର୍ବାଧିକ ୧୦୮୯ ପଏଣ୍ଟ ହ୍ରାସ ପାଇଥିଲା। ପରେ ଏଥିରେ ସାମାନ୍ୟ ସୁଧାର ଆସିଥିଲା। ତେବେ ଆଜିର କାରବାର ବନ୍ଦ ବେଳକୁ ସେନ୍‌ସେକ୍ସ ୯୬୧ ପଏଣ୍ଟ ହ୍ରାସ ପାଇ ୮୧,୨୮୭.୧୯ରେ ପହଞ୍ଚିଥିଲା। ସନ୍ ଫାର୍ମା, ଭାରତୀ ଏୟାରଟେଲ୍, ଇଣ୍ଟରଗ୍ଲୋଭ୍ ଆଭିଏସନ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ମାରୁତି ଭଳି କଂପାନିର ସେୟାର ମୂଲ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଅନ୍ୟପକ୍ଷରେ ଆଜିର କାରବାରରେ ଏଚ୍‌ସିଏଲ, ଇନ୍‌ଫୋସିସ୍ ଭଳି କଂପାନିଙ୍କ ସେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଷ୍ଟକ୍ ଏକ୍ସଚେଞ୍ଜ୍ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଆଜି ଗୋଟିଏ ଦିନରେ ବିଦେଶୀ ସଂସ୍ଥାଗତ ନିବେଶକମାନେ ସେୟାର ବଜାରରୁ ୩୪୬୫.୯୯ କୋଟି ଟଙ୍କା ମୂଲ୍ୟର ପୁଞ୍ଜି ଉଠାଇ ନେଇଥିଲେ।



# ୪୨ ଦେଶରେ ଚାଇନିଜ୍ ଗୁପ୍ତଚର ନେଟୱ୍ୱାର୍କର ପର୍ଦ୍ଦାଫାସ

**ଗୁଗଲ୍‌ର ବଡ଼ ଖୁଲାସା**

ନୂଆଦିଲ୍ଲୀ, ୨୭।୨: ଗୁଗଲ୍‌ର ବଡ଼ ଖୁଲାସା। ୪୨ଟି ଦେଶରେ ଚାଇନିଜ୍ ଗୁପ୍ତଚର ନେଟୱ୍ୱାର୍କର ପର୍ଦ୍ଦାଫାଶ। ବିଶ୍ୱର ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ଗୁଗଲ୍ ଏକ ବଡ଼ ଧରଣର ଚାଇନିଜ୍ ସାଇବର ଗୁପ୍ତଚର ଅଭିଯାନର ପର୍ଦ୍ଦାଫାଶ କରିଛି। 'ଟଘଉ୨୮୧୪' ନାମକ ଏହି ହ୍ୟାକିଂ ଗ୍ରୁପ୍, ଯାହାକୁ 'ଗାଲିୟମ୍' ଭାବେ ମଧ୍ୟ ଜଣାଯାଏ, ବିଶ୍ୱର ପ୍ରାୟ ୪୨ଟି ଦେଶକୁ ନିଜର ଶିକାର ବନାଇଥିବା ଜଣାପଡ଼ିଛି। ଗୁଗଲ୍‌ର କ୍ଲାଉଡ୍ ମାଣ୍ଡିଆଣ୍ଟ ୟୁନିଟ୍ ଅନୁଯାୟୀ, ଏହି ଗ୍ରୁପ୍ ମୁଖ୍ୟତଃ ସରକାରୀ ସଂସ୍ଥା, ଟେଲିକମ୍ କମ୍ପାନୀ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ନଜର ରଖୁଥିଲା। ଚାଇନିଜ୍ ହ୍ୟାକରମାନେ ଅତ୍ୟନ୍ତ ଚତୁରତାର ସହ ସଫ୍ଟୱ୍ୱେୟାରରେ ଥିବା ଦୁର୍ବଳତାର ସୁଯୋଗ ନେଇ ତଥ୍ୟ ଚୋରି କରୁଥିଲେ। ବିଶେଷ କରି ଦକ୍ଷିଣ-ପୂର୍ବ ଏସିଆ, ୟୁରୋପ ଏବଂ ଆଫ୍ରିକାର ଅନେକ ଦେଶ ଏହି ସାଇବର ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଗୁଗଲ୍ ଏହି ରିପୋର୍ଟ ଜରିଆରେ ସତର୍କ କରାଇଛି ଯେ, ଏହି ଗୁପ୍ତଚର ନେଟୱ୍ୱାର୍କ କେବଳ ତଥ୍ୟ ଚୋରି କରୁନାହିଁ, ବରଂ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି।

## ସୁନାକୁ ନେଇ ନୂଆ ନିୟମ

# ୧ ଏପ୍ରିଲରୁ ହେବାକୁ ଯାଉଛି ବଡ଼ ପରିବର୍ତ୍ତନ



ନୂଆଦିଲ୍ଲୀ ୨୭।୨: ଭାରତରେ ସୁନା ଉପରେ ଟିକସ ଛାଡ଼ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଚାଲିଛି। ସୋଭରେନ୍ ଗୋଲ୍ଡ ବଣ୍ଡ ସ୍କିମ୍ (ଏସଜିବି) ଅଧୀନରେ ଦ୍ୱିତୀୟ ବଜାରରୁ ସୁନା କ୍ରୟ କରିବାର ନିୟମ ପରିବର୍ତ୍ତନ ହେଉଛି। ଏପର୍ଯ୍ୟନ୍ତ, ଯେଉଁମାନେ ପରିପକ୍ୱତା ପରେ ଦ୍ୱିତୀୟ ବଜାରରେ ଏସଜିବି ଅଧୀନରେ ସୁନା କିଣିଥିଲେ କିମ୍ବା ବିକ୍ରୟ କରୁଥିଲେ ସେମାନଙ୍କୁ ପୁଞ୍ଜି ଲାଭ ଟିକସରୁ ମୁକ୍ତ କରାଯାଇଥିଲା। କିନ୍ତୁ ଏବେ ସେସବୁକୁ ଉଠାଇ ଦିଆଯାଇଛି। ଏହାର ଅର୍ଥ ହେଉଛି ୧ ଏପ୍ରିଲରୁ, ପରିପକ୍ୱତା ପରେ ଦ୍ୱିତୀୟ ବଜାରରେ ଏସଜିବି କାରବାର କରୁଥିବା ଯେକୌଣସି ବ୍ୟକ୍ତି ପୁଞ୍ଜି ଲାଭ ଟିକସ ଅଧୀନରେ ରହିବେ। ଏହି ନିୟମ ଚଳିତ ବର୍ଷର ବଜେଟରେ ପରିବର୍ତ୍ତନ କରାଯାଇଥିଲା। ସିଏମାନେ ମଧ ଏହି ନିୟମ ବ୍ୟାଖ୍ୟା କରିଛନ୍ତି। ସିଏ ନୀତିନ କୌଶିକ କହିଛନ୍ତି ଯେ ଏପ୍ରିଲ ୨୦୨୬ ରୁ, ଟିକସ ଛାଡ଼ କେବଳ ସେହି ନିବେଶକଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ପ୍ରାଥମିକ ଇସୁରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମାଧ୍ୟମରେ ସିଧାସଳଖ ଏସଜିବି ସବସ୍କ୍ରାଇବ କରିଥିଲେ। ପରିପକ୍ୱତା ପର୍ଯ୍ୟନ୍ତ ସେଗୁଡ଼ିକୁ ରଖିଥିଲେ। କୌଶିକ ବ୍ୟାଖ୍ୟା କରିଛନ୍ତି ଯେ ଯଦି ଆପଣ ପ୍ରାରମ୍ଭିକ ଇସୁ ସମୟରେ ଆରବିଆଇ ଠାରୁ ସିଧାସଳଖ ବଣ୍ଡ କିଣି ନାହାଁନ୍ତି, ତେବେ ପରିପକ୍ୱତା ପରେ ସରକାର ଆପଣଙ୍କ ମୂଲ୍ୟ ଲାଭ ଉପରେ କର ଲଗାଇବେ। ସେ ଆହୁରି କହିଛନ୍ତି ଯେ ଏହି ପରିବର୍ତ୍ତନ ପ୍ରଭାବଶାଳୀ ଭାବରେ ଦୁଇ ପ୍ରକାରର ନିବେଶକ ସୃଷ୍ଟି କରେ। ଆରବିଆଇ ରୁ ସିଧାସଳଖ ଏସଜିବି କ୍ରେତାମାନେ ପରିପକ୍ୱତା ସମୟରେ ୨.୫% ବାର୍ଷିକ ସୁଧ ହାର ଏବଂ କରମୁକ୍ତ ପୁଞ୍ଜି ଲାଭ ପାଇବେ। ସେହିଭଳି ୨.୫% ବାର୍ଷିକ ସୁଧ ହାର ପ୍ରଦାନ କରାଯିବ। କିନ୍ତୁ ପରିପକ୍ୱତା ସମୟରେ ଦୀର୍ଘକାଳୀନ ପୁଞ୍ଜି ଲାଭ କର ଦେବାକୁ ପଡିବ। କୌଶିକ ସତର୍କ କରାଇ ଦେଇଛନ୍ତି ଯେ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ କିମ୍ବା ଉପହାର ଭାବରେ ବଣ୍ଡ୍ ବଦଳିବା ପରେ, ସେହି କର ଲାଭ ହଜିଯାଏ। ଏକ୍ସଚେଞ୍ଜରୁ ରିହାତି ହାରରେ ଏସଜିବି କିଣିବା ଏବଂ ସେଗୁଡ଼ିକୁ କରମୁକ୍ତ ପରିପକ୍ୱତା ଲାଭ ପାଇଁ ରଖିବାର ରଣନୀତି ଏବେ ପ୍ରଭାବହୀନ। ପ୍ରଭାବ ବ୍ୟାଖ୍ୟା କରି କୌଶିକ କହିଛନ୍ତି ଯେ ଯଦି ଆପଣ ₹୭,୦୦୦ରେ ଏକ୍ସଚେଞ୍ଜରୁ ଏକ ଏସଜିବି କିଣନ୍ତି ଏବଂ ଏହା ₹୧୧,୦୦୦ ରେ ପରିପକ୍ୱ ହୁଏ। ତେବେ ₹୪,୦୦୦ ଲାଭ କରଯୋଗ୍ୟ ହୋଇଯାଏ। ୧୨.୫% ର ଦୀର୍ଘକାଳୀନ ପୁଞ୍ଜି ଲାଭ ହାର ପ୍ରଯୁଜ୍ୟ ହେବ। ଏହାର ଅର୍ଥ ପ୍ରତି ବଣ୍ଡ୍ ପାଇଁ ୫୦୦ଟଙ୍କା କର ଦେବାକୁ ପଡିବ। ପୂର୍ବରୁ, ଏହି ଲାଭ ଜନସାଧାରଣଙ୍କ ପାଖରେ ରହୁଥିଲା, କିନ୍ତୁ ଏବେ ଏହା କରଯୋଗ୍ୟ ହେବ। ସେ ଲେଖିଛନ୍ତି ଯେ ଏହି ପରିବର୍ତ୍ତନ ଦ୍ୱିତୀୟ ବଜାରରୁ ରିହାତି ଏସଜିବି କ୍ରୟ କରି କରମୁକ୍ତ ପରିପକ୍ୱତା ଲାଭ ଅର୍ଜନ କରିବାର ରଣନୀତିକୁ ସମାପ୍ତ କରୁଛି।

# ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ଆଉ ଏକ ଠକେଇ ମାମଲା ରୁଜୁ କଲା ସିବିଆଇ



**ବ୍ୟାଙ୍କ ଅଫ ବରୋଦାର ସାଂଘାତିକ ଅଭିଯୋଗ**


ନୂଆଦିଲ୍ଲୀ, ୨୭।୨: ଆଉ ଏକ ଠକେଇ ମାମଲାରେ ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ମାମଲା ରୁଜୁ। ଏଥର ବ୍ୟାଙ୍କ ଅଫ ବରୋଦାର ଠକେ ଅଭିଯୋଗରେ ହୋଇଛି ମାମଲା। ୨୨୨୦ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ ମାମଲାରେ ସିବିଆଇ ଆନୀଲ ଅମ୍ବାନୀ ଓ ତାଙ୍କ କମ୍ପାନୀ,ରିଲାଏନ୍ସ କମ୍ୟୁନିକେସନ୍ସ ବିରୋଧରେ ଠକେଇ ମାମଲା ରୁଜୁ କରିଛି।ଅନିଲ ଅମ୍ବାନୀ ଓ ତାଙ୍କ କମ୍ପାନୀ ୨୦୧୩ ରୁ ୨୦୧୭ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦା ସହିତ ୨,୨୨୦ କୋଟି ଟଙ୍କାରୁ ଅଧିକ ଠକେଇ କରିଛନ୍ତି ବୋଲି ସିବିଆଇ ଅଭିଯୋଗ କରିଛି।

ବ୍ୟାଙ୍କର ଅଭିଯୋଗ ପରେ, ଗୁରୁବାର ସିବିଆଇ ଅନିଲ ଅମ୍ବାନୀଙ୍କ ଘର ଏବଂ ରିଲାଏନ୍ସ କମ୍ୟୁନିକେସନ୍ସ କାର୍ଯ୍ୟାଳୟରେ ଚଢାଉ କରି ଋଣ କାରବାର ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଆଜି ସକାଳେ,ଏକ ପୃଥକ ମାମଲା ସହିତ ଜଡିତ ଅନିଲ ଅମ୍ବାନୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମ୍ମୁଖରେ ହାଜର ହୋଇଥିଲେ। ତଦନ୍ତକାରୀ ସଂସ୍ଥା ତାଙ୍କୁ ପ୍ରାୟ ନଅ ଘଣ୍ଟା ଧରି ପଚରାଉଚରା କରିଥିଲା। ସିବିଆଇ ଅନୁଯାୟୀ,ବ୍ୟାଙ୍କ ଅଫ୍ ବରୋଦାର ଅଭିଯୋଗ ଆଧାରରେ ଏଫଆଇଆର ରୁଜୁ କରାଯାଇଥିଲା। ଅଭିଯୋଗ ହେଉଛି ଯେ ରିଲାଏନ୍ସ କମ୍ୟୁନିକେସନ୍ସ ବ୍ୟାଙ୍କରୁ ଋଣ ନେଇଥିଲା,କିନ୍ତୁ ପାଣ୍ଠିକୁ ସେମାନଙ୍କର ଉଦ୍ଦେଶ୍ୟ ପାଇଁ ବ୍ୟବହାର ନ କରି ନିଜର ହିଁ ଅନ୍ୟ ଏକ କମ୍ପାନୀକୁ ଜାଲିଆତି ଟ୍ରାଞ୍ଜାକ୍ସନ ଦେଖାଇ ଟ୍ରାନ୍ସଫର କରାଯାଇଥିଲା। ଏହି ହେରଫେର ଯୋଗୁ ବ୍ୟାଙ୍କ ଅଫ୍ ବରୋଦା ୨,୨୨୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛି ବୋଲି ତଦନ୍ତରୁ ଜଣାପଡିଛି। ଅଧିକାରୀଙ୍କ କହିବା ଅନୁଯାୟୀ,ଅନିଲ ଅମ୍ବାନୀଙ୍କ କମ୍ପାନୀର ଏହି ଆକାଉଣ୍ଟକୁ ୨୦୧୭ ମସିହାରେ ଏନପିଏ ଘୋଷଣା କରାଯାଇଥିଲା। ତଥାପି,ଅନିଲ ଅମ୍ବାନୀ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ,ଯାହା ପରେ କୋର୍ଟ ଏହି ଆକାଉଣ୍ଟକୁ ଫ୍ରଡ ବୋଲି ଘୋଷଣା ଉପରେ ସ୍ଥଗିତ ରଖିଥିଲେ। ଏହାପରେସ୍ଥଗିତାଦେଶ ୨୩ ଫେବୃଆରୀ,୨୦୨୬ରେ ପ୍ରତ୍ୟାହାର କରାଯାଇଥିଲା। ସ୍ଥଗିତାଦେଶ ପ୍ରତ୍ୟାହାର ପରେ,ବ୍ୟାଙ୍କ ଅଫ୍ ବରୋଦା ଏକ ଅଭିଯୋଗ ଦାଖଲ କରିଥିଲା ଏବଂ ସିବିଆଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏକ ମାମଲା ରୁଜୁ କରିଥିଲା।

## ନୂଆ ନିୟମ ଆଣିଲା ଡିଜିସିଏ

# ୪୮ ଘଣ୍ଟା ମଧ୍ୟରେ ବିମାନ ଟିକେଟ୍ ବୁକିଂ ବାତିଲ ହେଲେ ଫେରସ୍ତ ହେବ ସମ୍ପୂର୍ଣ୍ଣ ଟଙ୍କା

ନୂଆଦିଲ୍ଲୀ, ୨୭।୨: ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ବିମାନ ଟିକେଟ୍ ଫେରସ୍ତ ଏବଂ ବାତିଲ ସମ୍ବନ୍ଧୀୟ ନିୟମଗୁଡ଼ିକୁ ସଂଶୋଧନ କରିଛି। ନୂଆ ନିୟମ ଅନୁଯାୟୀ, ବୁକିଂର ୪୮ ଘଣ୍ଟା ମଧ୍ୟରେ ବାତିଲ କଲେ କିମ୍ବା ରୁଟ ପରିବର୍ତ୍ତନ କଲେ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେହିପରି ନିର୍ଦ୍ଦିଷ୍ଟ ମାମଲାରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ ବୋଲି ଡିଜିସିଏ କହିଛି। ଏହି ସମସ୍ୟା ନେଇ ଯାତ୍ରୀଙ୍କର ବାରମ୍ବାର ଅଭିଯୋଗ ଇଣ୍ଡିଗୋ ବିମାନ ଚଳାଚଳରେ ସମସ୍ୟା ପରେ ଡିଜିସିଏ ଏହି ନିଷ୍ପତ୍ତି ନେଇଛି। ତେବେ ବଡ଼ କଥା ହେଲା ଟିକେଟ ବୁକ୍ କରିବାର ୪୮ ଘଣ୍ଟା ଭିତରେ ଯଦି ଆପଣ ରୁଟ୍ ପରିବର୍ତ୍ତନ କରୁଛନ୍ତି ଏଥିରେ ଏୟାରଲାଇନ କୌଣସି ଅତିରିକ୍ତ ଚାର୍ଜ ନେବେ ନାହିଁ। ତେବେ ଏହି ସୁବିଧା ପାଇଁ କିଛି ସର୍ତ୍ତ ରଖାଯାଇଛି। ଏଥିପାଇଁ "ଫ୍ରି ଲୁକ୍-ଇନ୍ ପିରିୟଡ୍" ସର୍ତ୍ତ ରଖାଯାଇଛି। ଏହି ସୁବିଧା କେବଳ ସେତେବେଳେ ଉପଲବ୍ଧ ହେବ ଯଦି ଟିକେଟ୍ ବିମାନ ଉଡ଼ାଣ ତାରିଖର ଅତି କମରେ ସାତ ଦିନ ପୂର୍ବରୁ ବୁକ୍ କରାଯାଇଥାଏ। ଯଦି ଆପଣ ଉଡ଼ାଣର ଦୁଇ କିମ୍ବା ତିନି ଦିନ ପୂର୍ବରୁ ଆପଣଙ୍କ ଟିକେଟ୍ ବୁକ୍ କରନ୍ତି, ତେବେ ଏହି ୪୮ ଘଣ୍ଟାର ରିହାତି ପ୍ରଯୁଜ୍ୟ ହେବ ନାହିଁ। ଡିଜିସିଏ ସ୍ପଷ୍ଟ କରିଛି ଯେ ଟିକେଟ୍ ଟ୍ରାଭେଲ ଏଜେଣ୍ଟ କିମ୍ବା କୌଣସି ପୋର୍ଟାଲ୍ ମାଧ୍ୟମରେ ବୁକ୍ କରାଯାଇଥିଲେ ବି ଟିକେଟ୍ ଫେରସ୍ତ କରିବାର ଦାୟିତ୍ୱ କେବଳ ଏୟାରଲାଇନ୍ସ ଉପରେ ରହିବ। ଏଜେଣ୍ଟମାନଙ୍କୁ ଏୟାରଲାଇନ୍ସର ପ୍ରତିନିଧି ଭାବରେ ବିବେଚନା କରାଯାଏ। ତେଣୁ ଏୟାରଲାଇନ୍ସ ଏଜେଣ୍ଟଙ୍କ ପାଖରେ ଟଙ୍କା ଅଛି ବୋଲି ବାହାନା କରିପାରିବ ନାହିଁ। ବିମାନ କମ୍ପାନୀଗୁଡ଼ିକ ୧୪ ୱ୍ୱାର୍କିଂ ଡେ ମଧ୍ୟରେ ଟଙ୍କା ଫେରସ୍ତ ପ୍ରକ୍ରିୟା ସାରିବେ। ଯଦି ଯାତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟ (ସମାନ ପିଏନଆରରେ) ଯାତ୍ରା ସମୟରେ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କିମ୍ବା କ୍ରେଡିଟ୍ ସେଲ୍ ପ୍ରଦାନ କରିବାକୁ ପଡିବ। ଅନ୍ୟାନ୍ୟ ରୋଗ କ୍ଷେତ୍ରରେ, ବିମାନ କମ୍ପାନୀର ଏରୋସ୍ପେସ୍ ମେଡିସିନ୍ ବିଶେଷଜ୍ଞ କିମ୍ବା ଡିଜିସିଏ-ନିଯୁକ୍ତ ଡାକ୍ତରଙ୍କ ଫିଟନେସ୍ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଅସ୍ତରଙ୍ଗ ଅଞ୍ଚଳରେ ଗୋରୁ ଚାଲାଣ ରାକେଟ ସକ୍ରିୟ

## ପୁଲିସ ଓ ଗୋ ମାଫିଆଙ୍କ ମଧ୍ୟରେ ଭିତିରି ବୁଝାମଣା ଚର୍ଚ୍ଚା

## ଟାଟାଏସି ଅବା କଣ୍ଟେନରରେ ଚାଲିଛି କାରବାର



**କାକଟପୁର/ଅସ୍ତରଙ୍ଗ,୨୭।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଦେବୀ ନଦୀ ବନ୍ଧରେ ପ୍ରତ୍ୟେକ ଦିନ ଅବାଧରେ ଚାଲିଛି ଗୋ ଚାଲାଣ। ଏ ସ୍ଥିତିରେ ବିଭିନ୍ନ ସ୍ଥାନରେ ଗୋ ରକ୍ଷକଙ୍କ ଚଢ଼ାଉ ଓ ଆଇନି ଶୃଙ୍ଖଳା ପରିସ୍ଥିତି ଉପୁଯିବାରୁ ବେଆଇନି ଗୋରୁ ଚାଲାଣ କାରୀଙ୍କ ତରିକା ବଦଳିଛି। ଖୋଲା ଡାଲା ଗାଡି ଏବଂ ଟ୍ରକ ବଦଳରେ ଏବେ ବନ୍ଦ କଣ୍ଟେନର ଅବା ବନ୍ଦ ଟାଟା ଏସି ଯୋଗେ ଅତି ଦୟନୀୟ ଅବସ୍ଥାରେ ଗୋରୁ ଚାଲାଣ କରାଯାଉଛି। ନିବୁଜ କଣ୍ଟେନର ଭିତରେ ବନ୍ଧା ହୋଇ ଗୋରୁ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏଭଳି ଗାଡି ବିଭିନ୍ନ ସମୟରେ ଯାତାୟାତ କରୁଥିବା ବେଳେ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ କିଛି ଅସାଧୁ ପୁଲିସ ଅଫିସର ଙ୍କୁ ହାତ କରି ଖୁଲମ ଖୁଲ୍ଲା ଗୋ ଚାଲାଣ କରୁଥିବା ଚର୍ଚ୍ଚା ଜୋର ଧରିଛି।

ଏବେ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଏକ ନିବୁଜ ଟାଟା ଏସି ଭିତରେ ସ୍ୱଳ୍ପ ସ୍ଥାନରେ ଗୋରୁ ଙ୍କୁ ବାନ୍ଧି ଶ୍ୱାସରୁଦ୍ଧ ସ୍ଥିତିରେ ଦିନ ଦ୍ୱିପ୍ରହର ରେ ଦେବୀ ନଦୀ ବନ୍ଧ ଓ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଚାଲାଣ କରାଯାଉଛି। ଅସ୍ତରଙ୍ଗ ଓ କାକଟପୁର ରୁ ପଶ୍ଚିମବଙ୍ଗ କୁ ଏହି କାରବାର ଚେର ଲମ୍ବିଥିବା ବେଳେ ବିଭିନ୍ନ ସ୍ଥାନରେ ଗୋରୁ ଚାଲାଣ ରାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଏମିତି ଏକ ସଂଗୀନ ଘଟଣା ଗୁରୁବାର ସନ୍ଧ୍ୟା ସମୟରେ ଉକୁଳେଇ ନିକଟସ୍ଥ ଏକ ଗାଁ ରେ ଗୋ ଚାଲାଣ କୁ ନେଇ ତୀବ୍ର ବିରୋଧ ଦେଖିବାକୁ ମିଳିଛି।ଜିଲ୍ଲା ପ୍ରଶାସନ ଏ ଘଟଣା କୁ ଗୁରୁତ୍ୱ ସହ ନେଇ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ବିବାଦୀୟ ଥାନା କର୍ମଚାରୀ ଙ୍କୁ ଅନ୍ୟତ୍ର ବଦଳି କରିବା ସହ ଗୋ ଚାଲାଣ ବନ୍ଦ କରିବାକୁ ଦାବୀ ହୋଇଛି।

# ଭୋଟର ତାଲିକାର ଏସଆଇଆର ମ୍ୟାପିଂ



**ଖୋର୍ଦ୍ଧା,୨୭।୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟର ତାଲିକାର ଏସ ଆଇ ଆର ମ୍ୟାପିଙ୍ଗ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ୨୦୦୨ ଏବଂ ୨୦୨୫ ଭୋଟର ତାଲିକାକୁ ଅନୁଧାନ କରାଯାଇ ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ, ଚୁକ୍ତି ଭିତ୍ତିକ କର୍ମଚାରୀ, ବାହ୍ୟ ଅନୁବନ୍ଧକ କର୍ମଚାରୀ ମାନଙ୍କ ଭୋଟର ତାଲିକାରେ ନାମ, ପିତାଙ୍କ ନାମ, ପ୍ର ପିତାଙ୍କ ନାମ ସ୍ୱତନ୍ତ୍ର ଭାବେ ସ୍ୱଚ୍ଛତା ଦିଗରେ ପୁନଃ ନିରୀକ୍ଷଣ କରାଯାଇଥିଲା।

ଏହି କାର୍ଯ୍ୟରେ ଉପଜିଲ୍ଲାପାଳ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟର ଚାରି ଜଣ ବୁଥ ସ୍ତରୀୟ ଅଧିକାରୀ ପ୍ରତ୍ୟେକ କର୍ମଚାରୀ ମାନଙ୍କ ନିର୍ବାଚନ ମଣ୍ଡଳୀ, ନାମ, ପିତାଙ୍କ ନାମ, ଭାଗ ନମ୍ବର, ବୁଥ ନମ୍ବର ଇତ୍ୟାଦି ଗଭୀର ଭାବେ ନିରୀକ୍ଷଣ କରିବା ପଦ୍ଧତି ଉପରେ ବିସ୍ତୃତ ପାୱାର ପଏଣ୍ଟ ଉପକରଣର ବୁଝାଇଥିଲେ। ଭୋଟର ତାଲିକାକୁ ଶୁଦ୍ଧ, ସ୍ୱଚ୍ଛ ଓ ଏବଂ ନିର୍ଭୁଲ କରିବା ପାଇଁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ବୋଲି ଅଧକ୍ଷ ଶ୍ରୀ ବେଉରା ପ୍ରକାଶ କରିଥିଲେ । ଡେପୁଟୀ କଲେକ୍ଟର, ନିର୍ବାଚନ ଶ୍ରୀ ସଂଗ୍ରାମ ଜେନାଙ୍କ ପରିଚାଳନାରେ ଆଜିର ଏହି ସ୍ୱତନ୍ତ୍ର ଭୋଟର ତାଲିକା ବିଶେଷ ନିବିଡ଼ ପୁନଃ ନିରୀକ୍ଷଣ ମାନଚିତ୍ର (ଏସଆଇଆର ମ୍ୟାପିଂ) କାର୍ଯ୍ୟ କ୍ରମରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, କାର୍ଯ୍ୟ କ୍ରମ ଅଧିକାରୀ ସୌଦାମିନୀ ଦାଶ, ଡେପୁଟୀ କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲ୍ଲା ପରିଷଦ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# ଚାନ୍ଦବାଲି-ରାଉରକେଲା ସରକାରୀ ବସ୍ ବନ୍ଦ, ଯାତ୍ରୀ ହଟହଟା

**ରାଜକନିକା,୨୭।୨ (ସଂଚାର ବ୍ୟୁରୋ):** ଚାନ୍ଦବାଲି - ରାଉରକେଲା ସରକାରୀ ବସ୍ ସେବାକୁ କାରଣ ନ ଦର୍ଶାଇ ହଠାତ୍ ବନ୍ଦ କରି ଦିଆ ଯାଇଛି।ଫଳରେ ଯାତ୍ରୀମାନେ ନାହିଁ ନ ଥିବା ହରକତ ହେଉଛନ୍ତି । ଏନେଇ ମଧ୍ୟ ତୀବ୍ର ହେଲାଣି ଅସନ୍ତୋଷ । ତୁରନ୍ତ ଏଭଳି ଏକ ଘଟଣା ଉପରେ ବିଭାଗୀୟ ଉଚ୍ଚାଧିକାରୀ ପଦକ୍ଷେପ ନେବାକୁ ଦାବି ହେଉଛି ।

ମିଳିଥିବା ସୂଚନାନୁଯାୟୀ ରାଉରକେଲାରୁ ଚାନ୍ଦବାଲିର ଦୂରତା ୪୭୫ କି:ମି। ରାଜ୍ୟ ପରିବହନ ବିଭାଗର ଦୁଇଟି ବସ୍ ଏହି ରୁଟ୍ ରେ ଚାଲୁଥିବା ବେଳେ ଛ ଦିନ ହେବ ବସ୍ ଆଉ ଆସୁ ନହିଁ ତା ଫଳରେ ଯାତ୍ରୀ ବସ୍ କୁ ଚାହିଁ ଚାହିଁ ଆଖିରୁ ପାଣି ନିଗୁଡିଥିବା ସତ୍ତେ ବସ୍‌ର ଦେଖା ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ପରନ୍ତୁ ବସ୍ ଟିକେଟ ନିମନ୍ତେ ଖୋଲା ଯାଇଥିବା ଓଏବ ସାଇଟ୍ ଟି ଖୋଲା ଥିବାରୁ ଯାତ୍ରୀ ଟିକେଟ କରି ନାକେଦମ ହେଉଛନ୍ତି ବୋଲି ବରିପଡା ଗାଁର ଗୋପାଳ

**ପଦକ୍ଷେପ ନେବାକୁ ଦାବି**

ବାରିକ୍ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ଦିନ ବରିପଡାରୁ ରାଉରକେଲା ଯାଏ ପତ୍ନୀଙ୍କ ସହ ଯିବାର ଥିଲା। ନିର୍ଦ୍ଧାରିତ ସମୟରେ ବସ୍‌କୁ ଆପେକ୍ଷା କରିଥିଲେ। ହେଲେ ଶେଷରେ ଜାଣିବାକୁ ପାଇଲେ ଯେ ବସ୍ ସେବାକୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ବନ୍ଦ କରା ଯାଇଛି। କିନ୍ତୁ କୈଣସି କାରଣ ନ ଥିବା ସତ୍ତେ ବସ୍ ସେବା ବନ୍ଦ ହେବା ଯାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।ବିକଳ୍ପ ଭାବେ ଲୋକେ ଘରୋଇ ବସ୍ ଯୋଗେ ସିଂହପୁର କିମ୍ବା ରାଜକନିକା ଚନ୍ଦନପୋଖରୀ ଛକରୁ ଯିବାକୁ ବାଧ୍ୟ ହେଉଛନ୍ତି।ଯାହା ଦ୍ୱରା ଅତିରିକ୍ତ ୩୦୦ଟଙ୍କାରୁ ଅଧିକ ବୋଝ ପଡୁଛି ବୋଲି ଯାତ୍ରୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଚାନ୍ଦବାଲିରୁ ରାଉରକେଲା ଦୀର୍ଘ ଲମ୍ବର ଏହି ରାସ୍ତାରେ ଯାତ୍ରୀ ମାନଙ୍କ ଆତଯାତ ସନ୍ତୋଷଜନକ ଥିବା ସତ୍ତେ କାହିଁକି ଆଉ କଣ ପାଇଁ ବନ୍ଦ କରି ଦିଆଗଲା ତାହାବି ରହସ୍ୟରେ ରହିଛି।

ନାମ ପ୍ରକାଶ ନ କରି ଜଣେ ଅଧିକାରୀ କହିଛନ୍ତି ଯେ ଏହି ରୁଟ୍‌ରେ ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଥିବା ସତ୍ତ୍ୱେ ପରିଚାଳନା ଗତ ତୃଟି ଯୋଗୁଁ ଏଭଳି ହେଲା ବୋଲି ଚର୍ଚ୍ଚା ହେଉଛି। ଏହି ରୁଟ୍‌ରେ ଭଦ୍ରକ, କେନ୍ଦ୍ରାପଡା, ଯାଜପୁର ଜିଲ୍ଲାର ଯାତ୍ରୀ ନିର୍ଭରଶୀଳ ଥାଇ ଭରସା ରଖିଥିବା ସତ୍ତ୍ୱେ ସମ୍ପୂର୍ଣ୍ଣରୂପେ ବସ୍ ସେବା ଠପ୍ ହୋଇଯିବା କେଉଁଠି ନା କେଉଁଠି ବିଭାଗୀୟ ପାରିବାପଣିଆ ଉପରେ ପ୍ରଶ୍ନ ଛିଡା କରାଇଛି ।

ଏ ସମ୍ପର୍କରେ ଆମେ ରାଉରକେଲା ସ୍ଥିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ଗାଡିର ଟାୟାର ଓ ଆନୁସଙ୍ଗିକ ମରାମତ ହେଉ ନ ଥିବାରୁ ବନ୍ଦ ରହିଛି ବୋଲି କହିଥିଲେ। ଏବେ ଏ ବାବଦରେ ବିଭାଗୀୟ ଉଚ୍ଚାଧିକାରୀ ତ୍ୱରିତ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମଣ୍ଡିରେ କାନ୍ଦୁଛି ଚାଷୀ: କଟନୀ-ଛଟନୀ ନାମରେ ଲୁଟ୍

## ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ ଦେଲା ନବନିର୍ମାଣ କୃଷକ ସଙ୍ଗଠନ



**ଯାଜପୁର ଟାଉନ୍,୨୭।୨ (ସଂଚାର ବ୍ୟୁରୋ):** ଜପୁର ଜିଲ୍ଲାରେ ଚାଷୀ ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଧାନ ମଣ୍ଡିରେ ଅବ୍ୟବସ୍ଥା, କଟନୀ- ଛଟନୀ ନାମରେ ଲୁଟ୍ ଓ ଫସଲ କ୍ଷତିକୁ ନେଇ ଚାଷୀମାନେ ଏବେ ସରକାର ବିରୋଧରେ ସିଧାସଳଖ ମୋର୍ଚ୍ଚା ଖୋଲିବାର ସଙ୍କେତ ଦେଇଛନ୍ତି। ଆଜି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଯାଜପୁର ବ୍ଲକ୍ କବିରପୁର ଦଶହରା ପଡ଼ିଆସ୍ଥ କାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଚାଷୀମାନେ ତୀବ୍ର କ୍ଷୋଭ ପ୍ରକାଶ କରିଥିଲେ। ଚାଷୀମାନଙ୍କ ଅଭିଯୋଗ, ମଣ୍ଡିରେ ଧାନ ବିକ୍ରି ପାଇଁ ଦିନ ଦିନ ଅପେକ୍ଷା କରିବାକୁ ପଡୁଛି, ତଥାପି ପ୍ରତି କୁଇଣ୍ଟାଲରେ ୮- ୧୦ କିଲୋ ପର୍ଯ୍ୟନ୍ତ କଟନୀ- ଛଟନୀ କରାଯାଉଛି। ମିଲର ଓ ମଧ୍ୟସ୍ଥମାନେ ରାଜନୈତିକ ଛତାତଳେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ବୈଠକରେ ଉଠିଥିଲା। ଅନ୍ୟପଟେ ବର୍ଷା ଅଭାବ ସହ କାଳିମୁଣ୍ଡି ପୋକ ଆକ୍ରମଣରେ ଚିନାବାଦାମ ଚାଷ ପ୍ରାୟ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଅର୍ଥନୈତିକ ଭାବେ ଧ୍ୱଂସ ପଥରେ ଚାଲିଥିବା କୁହାଯାଇଛି।

ବରିଷ୍ଠ ସଂଗଠକମାନେ ସିଧାସଳଖ ସତର୍କ କରିଦେଇଛନ୍ତି ଯଦି ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନନିଏ, ତେବେ ଆଗାମୀ ଦିନରେ ଜିଲ୍ଲାରେ ଯେକୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ଦାୟୀ ରହିବ। ଗାଁ ଗାଁରେ ଚାଷୀମତକୁ ଏକତ୍ର କରି ବଡ଼ ଆନ୍ଦୋଳନ ଗଢ଼ି ଉଠାଯିବ ବୋଲି ଘୋଷଣା ହୋଇଛି।ଏହି ବୈଠକରେ ଜିଲ୍ଲା ଓ ବ୍ଲକ୍ ସଂଗଠନକୁ ସକ୍ରିୟ କରିବା ପାଇଁ ୨୦ ଜଣିଆ ଷ୍ଟିୟରିଂ କମିଟି ଗଠନ ହୋଇଥିବା ବେଳେ ଶୀଘ୍ର ଜିଲ୍ଲାପ୍ରଶାସନ ସହ ଆଲୋଚନା ପାଇଁ ପ୍ରତିନିଧିମଣ୍ଡଳୀ ଯିବାକୁ ନିଷ୍ପତ୍ତି ହୋଇଛି।ସଭା ଆରମ୍ଭରେ ପରଲୋକଗତ ଚାଷୀନେତାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା।

# ଆଦିବାସୀ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଅଭିନବ ପ୍ରୟାସ



**ଯାଜପୁର ରୋଡ଼, ୨୭।୨(ସଂଚାର ବ୍ୟୁରୋ):** କଳିଙ୍ଗନଗର ଅଂଚଳରେ ଅନୁସୂଚିତ ଜନଜାତିର ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଂଚଳର ଜନଜାତି ଯୁବପିଢ଼ିଙ୍କ ମଧରେ ନିଜସ୍ୱ ଭାଷା ଓ ଲିପିର ପ୍ରସାର ପାଇଁ ସଂଗଠିତ ଶିକ୍ଷା ବ୍ୟବସ୍ଥା ମାଧମରେ 'ୱାରାଙ୍ଗ ଚିଟି' ଏବଂ 'ଓଲ୍ ଚିକି' ଭାଷା ଶିକ୍ଷା ଦିଆଯାଉଛି। ୨୦୧୪ ମସିହାରେ ସୁକିନ୍ଦା ଓ ଦାନଗଦି ବ୍ଲକର ମାତ୍ର ୧୦ଟି ଗ୍ରାମ ପଂଚାୟତରେ ୩୫ଟି କେନ୍ଦ୍ରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ବ୍ୟାପକ ହୋଇଛି।

ବର୍ତ୍ତମାନ ୧୮ଟି ଗ୍ରାମ ପଂଚାୟତ ଓ ବ୍ୟାସନଗର ପୌରାଅଂଚଳ ୫୫ଟି କେନ୍ଦ୍ରରେ ୱାରାଙ୍ଗ ଚିଟି ଏବଂ ୨୦ଟି କେନ୍ଦ୍ରରେ ଓଲ୍ ଚିକି ଭାଷା ଶିକ୍ଷା ଦିଆଯାଉଛି। ଗୋବରଘାଟି, ନଡ଼ିଆଭଙ୍ଗା, ରଣାଗୁଣ୍ଡି ଓ ଶାଳିଜଙ୍ଗା ଭଳି ଅଞ୍ଚଳର ପ୍ରାୟ ୪,୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଶିକ୍ଷା କେନ୍ଦ୍ରଗୁଡ଼ିକରେ ନିଜ ମାତୃଭାଷାରେ ପଢ଼ିବା ଓ ଲେଖିବା ଶିଖୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ 'ହୋ ଆନସିଏଣ୍ଟ କଲଚର ଆଣ୍ଡ ସାଇନ୍ସ ୱେଲଫେୟାର ଫାଉଣ୍ଡେସନ' ଏବଂ 'ଆଦିବାସୀ ସୋସିଓ ଏଜୁକେସନାଲ ଆଣ୍ଡ କଲଚରାଲ ଆସୋସିଏସନ' ସହିତ ହାତ ମିଳାଇଛି। ନିକଟରେ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ୨୨ତମ ସାନ୍ତାଳୀ ପାର୍ସି ମହୋତ୍ସବରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଅଲ ଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ 'ଅଲ ଚିକି ଶତବାର୍ଷିକୀ ପୁରସ୍କାର' ପ୍ରଦାନ କରିଛନ୍ତି ।

# ମଣ୍ଡଳସ୍ତରୀୟ ଶିକ୍ଷକ ଓ ଅଭିଭାବକଙ୍କ ପ୍ରଶିକ୍ଷଣ ଶିବିର



**ମହାକାଳପଡ଼ା,୨୭।୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତର ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ମଣ୍ଡଳ ସ୍ତରୀୟ ଶିକ୍ଷକ, ଅଭିଭାବକ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ପିଲାମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସି ନମିତା ରଥ, ଭିନ୍ନକ୍ଷମ ବିଭାଗର ଜିଲ୍ଲା ସଂଯୋଜକ ରାଜଲକ୍ଷ୍ମୀ ରାଉତ,ସମ୍ବଳ ଶିକ୍ଷକ ଶ୍ରୀଧର କୁମାର ଭୋଳ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ରଞ୍ଜନ ପରିଡ଼ା,ସହାୟକ ଉମାକାନ୍ତ ନାୟକ,ସମ୍ବଳ ଶିକ୍ଷକ ଗିତାଞ୍ଜଳି ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଶିବିରାର୍ଥୀମାନେ ଉକ୍ତ ଶିବିରରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ଲେଙ୍କା,ଅଜୟ କୁମାର ରାଉତ, ଜୟନ୍ତୀ ଖଟୁଆ,ସତୀଶ କୁମାର ରାଉତରାୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ନିତ୍ୟାନନ୍ଦ ଧଳଙ୍କ ସ୍ମୃତିସଭା



**ଆଳି,୨୭।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ପ୍ରାପ୍ତନ ପଞ୍ଚାୟତ ସମିତି ଅଧକ୍ଷ ନିତ୍ୟାନନ୍ଦ ଧଳଙ୍କ ସ୍ମୃତିସଭା କଳସପୁର ପଞ୍ଚାୟତର ଏକାଦଶାହ ଅବସରରେ ଏକ ସ୍ମୃତିସଭା ସ୍ୱର୍ଗତ ଧଳଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜି ତାଙ୍କର ଏକାଦଶାହ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାର ସଭାପତି ପଣ୍ଡିତ ମହେଶ୍ୱର ନନ୍ଦଙ୍କ ପୌରହିତ୍ୟରେ ସଭା ପରିଚାଳନା କରୁଥିବା ବେଳେ ମୁଖ୍ୟ ଅତିଥି ଆଳିର ପ୍ରାପ୍ତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ସମ୍ମାନୀୟ ଅତିଥି ଦଶରଥ ମଲ୍ଲିକ,ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଧନେଶ୍ୱର ରାଉତ,ଦଶରଥ ମଲ୍ଲିକ,ଜଗନ୍ନାଥ ସେଠୀ ,ଭାବଗ୍ରାହୀ ନନ୍ଦ, ସନ୍ତୋଷ ବେହୁରିଆ, କଳସପୁର ସରପଞ୍ଚ ସୁଧୀର ଚନ୍ଦ୍ର ମଲିକ, ପ୍ରମୁଖ ଙ୍କ ସମେତ ବନ୍ଧୁ ପରିବାର ବର୍ଗ,ବିଭିନ୍ନ ରାଜନୈତିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ସ୍ୱର୍ଗତ ନିତ୍ୟାନନ୍ଦ ଧଳ ଙ୍କ ଜୀବନ ଦର୍ଶନୀ ଉପରେ ଆଲୋକପାତ କରିବା ସହିତ ସେ ଆଳି ର ସାମଗ୍ରିକ ବିକାଶ ପାଇଁ ଅନେକ ଜନହିତକର କାର୍ଯ୍ୟ କରିଯାଇଥିଲେ ସେସବୁର ଗୁଣଗାଣ କରିବା ସହିତ ସ୍ୱର୍ଗତ ଧଳ ଙ୍କ ବିୟୋଗରେ ଆଳି ର ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ବହୁ ଶୁଭେଚ୍ଛୁ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ । ଶ୍ରୀ ଧଳ ରାଜନୀତିରେ ଦୁଇ ଥର ସରପଞ୍ଚ ରହିବା ସହିତ ଦୁଇ ଥର ପଞ୍ଚାୟତ ସମିତି ଅଧକ୍ଷ ଭାବେ ଲୋକଙ୍କ ସେବା କରିପାରିଥିଲେ। ମୃତ୍ୟୁ ବେଳକୁ ୯୫ ବୟସ ହୋଇଥିଲା।

# ବେଲତଳ ଠାକୁରପାଟଣା ଗ୍ରାମରେ ଭାଗବତ ପାରାୟଣ

**ପଟ୍ଟାମୁଣ୍ଡାଇ,୨୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଠାକୁରପାଟଣା ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ମଦ ଭାଗବତ ପାରାୟଣ ସପ୍ତା ଗତ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଶୁଭାଧିବାସ,ଭାଗବତ ପାରାୟଣ,ବଳିଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଇ ଅବସରରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ପୁରୀର, ପ୍ରବଚକ ଛନ୍ଦା ଚରଣ ଦାଶ, ଯାଜପୁରର ବାବାଜୀ ବିଜୟ ରାଘବେନ୍ଦ୍ର ଦାଶ, ବେଲତଳର ପଣ୍ଡିତ ତ୍ରିଜୀବ ଦାଶ ଓ କୃପାସିନ୍ଧୁ ଦାଶ ଯୋଗ ଦେଇ ଦିବ୍ୟ ପ୍ରବଚନ ଦେଇଥିଲେ । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳ ର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ଭଗବତ କୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ । ଏଥିରେ ବାସୁଦେବ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ନୃସିଂହ ଚରଣ ପାଢ଼ୀ, ଅଧ୍ୟାପକ ମନୋଜ ପରିଡା,ମିଟୁ ମନୋଜ ନାୟକ ସୁଧାଂଶୁ ଶେଖର ଦାସ, ସରୋଜ ପାଢ଼ୀ ବିଭୁତି ଭୂଷଣ ଦାଶ, ପୂର୍ବତନ କାଉନସିଲର ଲକ୍ଷ୍ମୀପ୍ରିୟା ପାଢ଼ୀ, କାଳନ୍ଦୀ ବେହେରା ପ୍ରମୁଖ ବହୁ ଗୋସେବକ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ପାଢ଼ୀ,ଅଜୟ ବେହେରା, ତପନ ଦାସ, ସୁବାଷ ବେହେରା, ଶ୍ରୀବତ୍ସ ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

## ଗ୍ରାମବାସୀଙ୍କ ତରଫରୁ ଅଭିନବ ପ୍ରତିବାଦ

# ଉଚ୍ଛେଦ କରିନପାରି ଫେରିଲା ପ୍ରଶାସନ



**ମହାକାଳପଡା,୨୭।୨ (ସଂଚାର ବ୍ୟୁରୋ):** ଆଜି ମହାକାଳପଡ଼ା ବ୍ଲକ୍ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମରେ ସରକାରୀ ଜାଗାରେ ନିର୍ମିତ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଜେସିବି ଆଣି ଉଚ୍ଛେଦ କରିବାକୁ ଆସିଥିବା ମହାକାଳପଡା ତହସିଲ ପ୍ରଶାସନ ଗ୍ରାମବାସୀମାନଙ୍କ ଅଭିନବ ପ୍ରତିବାଦ ଯୋଗୁଁ ବିଫଳ ହୋଇ ଫେରିଆସିଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଗ୍ରାମର ହନୁମାନ ଜୀଉଙ୍କ ମନ୍ଦିର ନିକଟରେ ସର୍ବସାଧାରଣ ରାସ୍ତାଠାରୁ ଢେର ଦୂରରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ମଣ୍ଡପର ସ୍ଥାୟୀ ପକ୍କା ଗୃହକୁ ସେହି ଗ୍ରାମର ଜନୈକ ବ୍ୟକ୍ତି ଅରୁଣ ରାଉତ ବ୍ୟକ୍ତିଗତ ଆକ୍ରୋଶ ରଖି ଉଦ୍ଦେଶ୍ୟ ମୂଳକ ଭାବେ ଉଚ୍ଛେଦ କରିବାକୁ ଅଦାଲତଙ୍କ ଦ୍ୱାରସ୍ଥ ହେବା ଘଟଣାକୁ ଗ୍ରାମବାସୀମାନେ ନିନ୍ଦା କରିବା ସହିତ ଉଛେଦ କରିବାକୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କୁ ଏପରି ନ କରିବା ପାଇଁ ଲିଖିତ ଭାବେ ନିବେଦନ କରିଛନ୍ତି। ପ୍ଲଟ ନଂ ୬୬୬,ଖାତା ନଂ ୨୫୨ ଏ ୦.୩୧ ଡିସିମିଲ ଜାଗାଟି ଅତୀତରେ ଏକ ପାଟନାଳୀ ଥିଲାବେଳେ ସମୟାନୁକ୍ରମେ ଏହା ଆଂଶିକ ପୋତି ହୋଇପଡ଼ିଥିଲା। ଏଠାରେ ପ୍ରତିବର୍ଷ ଗ୍ରାମର ଲୋକମାନେ ଅଗ୍ନି ଉତ୍ସବ ନୀତି ପାଳନ କରୁଥିବା ବେଳେ ପିଲାମାନେ ଖେଳିଥାନ୍ତି।

ନିର୍ମିତ ଗୃହଟି ଲକ୍ଷ୍ମୀ ପୂଜା ସମୟରେ ପୂଜା ପାଇଁ ବ୍ୟବହାର ହେଉଥିବା ବେଳେ ଅନ୍ୟ ସମୟରେ ବର୍ଷ ତମାମ ପିଲାମାନେ ଖେଳ ସାମଗ୍ରୀ ରଖନ୍ତି ଓ ନିକଟସ୍ଥ ମନ୍ଦିରର କାର୍ଯ୍ୟରେ ମଧ ବ୍ୟବହୃତ ହୋଇଥାଏ। ଗ୍ରାମର ଅରୁଣ ରାଉତ ସର୍ବସାଧାରଣ ଜାଗାରେ ନିର୍ମିତ ଏହି ଲକ୍ଷ୍ମୀ ମଣ୍ଡପ ଉଛେଦ କରିବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ଓ କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ତିଖିରି ରାଜସ୍ୱ ନୀରିକ୍ଷକ ଗିତୁରଞ୍ଜନ ବେହେରା ମାର୍ଶାଘାଇ ପୋଲିସ ସହିତ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ସେଠାରେ ଗ୍ରାମର ଶତାଧିକ ମହିଳାଙ୍କ ସହ ଗ୍ରାମବାସୀମାନେ ପୂଜାପାଠ, ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ କରି ଅଭିନବ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ପୂଜା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ମଧ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଜାରି ରହିଥିବାରୁ ପ୍ରଶାସନ ପକ୍ଷରୁ ବାଧ ହୋଇ ଫେରିଆସିଥିଲେ।

# ଯୁବପିଢ଼ିଙ୍କ ପାଇଁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ୧୧୦୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀଙ୍କ ଅଂଶଗ୍ରହଣ




**ଯାଜପୁର,୨୭।୨(ସଂଚାର ବ୍ୟୁରୋ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଏନସି କଲେଜ ପଡ଼ିଆଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଯୁବ ପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଏହି ମେଳା ଆୟୋଜିତ କରାଯାଇଛି। ଜିଲ୍ଲା ତଥା ଜିଲ୍ଲା ବାହାର ପ୍ରତିଷ୍ଠିତ ପ୍ରାୟ ୪୩ ଗୋଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ୨୪ ଟି ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜନ କରାଯାଏ, ଯାହା ଆମ ଯୁବ ପିଢ଼ିଙ୍କ ଦକ୍ଷତାର ସଦୁପଯୋଗ କରିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ। ଯୁବ ପିଢ଼ି ଏବଂ ବୈଷୟିକ ଶିକ୍ଷା ସମାପ୍ତ କରିଥିବା ଛାତ୍ର ଛାତ୍ରୀମାନେ ଏଠାରେ ନିମନ୍ତ୍ରିତ ହୋଇ ଆସିଥିବା ଅନେକ କମ୍ପାନୀର ସୁଯୋଗ ନେଇ କ୍ୟାରିୟରକୁ ଆଗକୁ ନେଇପାରିବେ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ବେକାରୀ ସମସ୍ୟା ଦୂର କରିବାରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କହିବା ସହ ଯେଉଁ ବିଷୟରେ ରୁଚି ରହିଛି, ସେ ଦିଗରେ ଦକ୍ଷତା ବିକାଶ ସହ ଇଣ୍ଟରନେଟର ସଦୁପଯୋଗ କରିବା ପାଇଁ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ଯାଜପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଶୋକ କୁମାର ଓଝା, ଏନସି କଲେଜର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମ ଚରଣ ସେଠି, ଅତିରିକ୍ତ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ଶ୍ରୀ ନିରଂଜନ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ।

ଏହି ନିଯୁକ୍ତି ମେଳାରେ ମୋଟ ୧୧୭୮ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ପଞ୍ଜୀକୃତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୯୭୭ ଜଣ ଯୁବକ ଯୁବତୀ ବିଭିନ୍ନ ବେସରକାରୀ ସଂସ୍ଥାର ପଦ ପଦବୀ ପାଇଁ ନିଯୁକ୍ତିଦାତା ମାନଙ୍କ ଦ୍ୱାରା ପ୍ରାଥମିକ ଭାବେ ଚୟନ ହୋଇଥିଲେ। ସେଥି ମଧ୍ୟରୁ ସ୍ଥାନୀୟ ଶିଳ୍ପ ସଂସ୍ଥା ଯଥା ଟାଟା, ଜିନ୍ଦଲ, ନୁ ଭିଷ୍ଟା, ବ୍ରାହ୍ମଣୀ ରିଭର୍ ପିଲେଟ ଲିମିଟେଡ, ସାଇଜର ଭଳି ୮ ଗୋଟି ମାନବ ସମ୍ବଳ ଯୋଗାଉଥିବା ସଂସ୍ଥା ମୋଟ ୧୮୫ ଜଣଙ୍କୁ ଚୟନ କରିଥିଲେ। ୨୦୧ ଜଣ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ବିବେଚିତ ହୋଇଛନ୍ତି।

# ତ୍ରିପୁରେଶ୍ୱର ବଜାରରେ ମା' ମନସା ଏବଂ ମା କାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ବାଲିଆପାଳ,୨୭।୨(ସଂଚାର ବ୍ୟୁରୋ):** ବଳରାମପୁର ପଞ୍ଚାୟତ ତ୍ରିପୁରେଶ୍ୱର ବଜାର ରେ ମା ମନସା ଦେବୀ ଏବଂ ମା କାଳୀ ଠାକୁରାଣୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଏହି ଅବସର ରେ ସକାଳେ ପାଞ୍ଚଶହ ରୁ ଉର୍ଦ୍ଧ୍ୱ ମହିଳା ଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା, ମହିଳା ମାନେ ଲଙ୍ଗଳେଶ୍ୱର ସ୍ଥିତ ପାର୍ବତୀ ନଦୀ ରୁ ପାଣି ଉଠାଇ ଶୋଭାଯାତ୍ରା କରି ତ୍ରିପୁରେଶ୍ୱର ବଜାର ପର୍ଯ୍ୟନ୍ତ ଆସି ଥିଲେ, କଳସ ଶୋଭାଯାତ୍ରା ପରେ ଜଜ୍ଞ ଏବଂ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେବା ସହ ଦୁଇ ମନ୍ଦିର ର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି ପାଞ୍ଚ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନଙ୍କ ପାଂଇ ପ୍ରସାଦ ସେବନ ର ବ୍ୟବସ୍ଥା କରା ଯାଇ ଥିବା ବେଳେ କାର୍ଯ୍ୟକ୍ରମ କୁ ପରିଚାଳନାରେ ମା' ମନସା ମନ୍ଦିରର ଦାତା ରାଧାକୃଷ୍ଣ ଜେନା, ତ୍ରିପୁରେଶ୍ୱର ବଜାର କମିଟି ସଭାପତି ତଥା ବଳରାମପୁର ପଞ୍ଚାୟତ ର ସରପଞ୍ଚ ଅରୁଣ ପାଣିଗ୍ରାହୀ, ବଜାର କମିଟି ସମ୍ପାଦକ ଦେବେନ୍ଦ୍ର ରାଉତ, ସନ୍ତୋଷ ଗିରି, କୀର୍ତ୍ତନ ଧଳ, ଶମ୍ଭୁନାଥ ସାହୁ, ଗିରିଜା ଶଙ୍କର ସାହୁ, ମନୋଜ କୁମାର ପାତ୍ର ଙ୍କ ସମେତ ତ୍ରିପୁରେଶ୍ୱର ବଜାର କମିଟି ର ସମସ୍ତ ଦୋକାନୀ ପ୍ରମୁଖ ସହଯୋଗ କରିଥିଲେ।

# ବାରିପଦାରେ ଲୋକ ଅଧିକାର ଯାତ୍ରା

## ଜଳ-ଜଙ୍ଗଲ-ଜମି ଓ ଜୀବିକାର ସୁରକ୍ଷା ସହ ବିକଳ୍ପ ବିକାଶଧାରା ପାଇଁ ଆହ୍ୱାନ




**ବାରିପଦା,୨୭।୨(ସଂଚାର ବ୍ୟୁରୋ):** ଜଳ-ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ପ୍ରତିଟି ସାଧାରଣ ମଣିଷର ଜୀବିକା ରକ୍ଷା ଲାଗି ଜାତିର ଗୌରବ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ବାରିପଦାରେ ପହଂଚିବା ପରେ ବାରିପଦା ସତ୍ୟଶାୟୀ ଛକଠାରେ ଅଭିଯାତ୍ରୀ ଦଳଙ୍କୁ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ସଂଗଠକ ସ୍ୱାଗତ ଜଣାଇ ଏକ ଶୋଭାଯାତ୍ରାରେ ଅବସରପ୍ରାପ୍ତ କର୍ମଚାରୀ ଭବନ ନିକଟକୁ ପାଛୋଟି ନେଇଥିଲେ।

ବିଶିଷ୍ଟ ସମାଜସେବୀ ଆର୍ଯ୍ୟଭଟ ମହାନ୍ତିଙ୍କ ସଭାପତିତ୍ୱରେ କର୍ମଚାରୀ ଭବନ ଠାରେ ଆୟୋଜିତ ବୈଠକରେ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱଜିତ, ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ମହମ୍ମଦ ଇସଲାମ, ଅଧାପକ ସେକ ନାସିର ବକ୍ସ, ଅରୁଣ ଜେନା, ସୁଶାନ୍ତ ମହାନ୍ତି, ରାଜୀବ କୁମାର, କ୍ଷେତ୍ରମୋହନ ମହାନ୍ତ, ସର୍ବେଶ୍ୱର ସାହୁ, ସୁକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଜଳ-ଜଙ୍ଗଲ-ଜମି ଓ ଜୀବିକାର ସୁରକ୍ଷା ତଥା ଲୋକଙ୍କ ବଞ୍ଚିବାର ଅଧିକାର ପାଇଁ ଏକ ବିକଳ୍ପ ବିକାଶ ଧାରା ପାଇଁ ଆହ୍ୱାନ ଦେଇଥିଲେ। କେବଳ ଖଣି ଖନନ ଏବଂ ଶିଳ୍ପ ମାଧମରେ ରାଷ୍ଟ୍ରର ସର୍ବ କାଳୀନ ବିକାଶ ଅସମ୍ଭବ କାରଣ ଯଦି ମାଟିତଳେ ଥିବା ଖଣିଜ ସମ୍ପଦ ବ୍ୟବହାର କରାଯାଏ ତେବେ ଆଗାମୀ ୫୦ ବର୍ଷ ପରେ ଖଣିଜ ସମ୍ପଦ ସରିଗଲେ ଆଗାମୀ ପିଢ଼ି କଣ କରିବେ? ବିକାଶ କିଭଳି ହେବ ବୋଲି କହିଥିଲେ। ଏଣୁ ପ୍ରାକୃତିକ ସମ୍ପଦ ଜଳ, ଜଙ୍ଗଲ ଜମି ର ସଦୁପଯୋଗ କରାଯାଇ ବିକଳ୍ପ ବିକାଶ ଦିଗରେ ସରକାରଙ୍କ ସହିତ ଆମେ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

# କଳା ପ୍ଲାଷ୍ଟିକ ଡବାରେ ଖାଦ୍ୟ ଖାଉଛନ୍ତି କି ?



ଆଜିର ଧାଁ ଦୌଡ ଜୀବନରେ ଆମେ ବହୁତ ବ୍ୟସ୍ତ। କାହା ପାଖରେ ଟିକେ ସମୟ ନାହିଁ। ସଟ୍ କଟ୍ ବାଟରେ ଯିବା ଚକ୍କରରେ ଆମେ ଅନେକ ଜିନିଷ ବ୍ୟବହାର କରୁଛୁ ଯାହା ଆମ କାମକୁ ସହଜ କରିଦେଉଛି।ସମୟ ବଞ୍ଚାଇବା ପାଇଁ ଆମେ ଏପରି ଅନେକ ଜିନିଷକୁ ଆମର ଜୀବନର ଅଂଶ କରିସାରିଲୁଣି। ସର୍ଟ କଟ୍ ବାଟ ସିନା ଦେଖିବାକୁ ଭଲ ଲାଗେ କିନ୍ତୁ ଆମ ଜୀବନ ପାଇଁ ସତର୍କ ଘଣ୍ଟି। ପରେ ଆମ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ। ଏ ଖବର ସିଧା ଆପଣଙ୍କ ପାଇଁ, ଆପଣଙ୍କ ଶରୀର ପାଇଁ ଓ ଆପଣଙ୍କ ଛୋଟ ହେଉଥିବା ଜୀବନ ବିଷୟରେ।

ଆପଣ କଳା ପ୍ଲାଷ୍ଟିକ ଡବାରେ ଖାଦ୍ୟ ଖାଉଛନ୍ତି କି ଯଦି ହଁ ତେବେ ଜାଣିରଖନ୍ତୁ ଖାଦ୍ୟ ନୁହେଁ ବିଷ ଖାଉଛନ୍ତି। ଧିରେ ଧିରେ ଜୀବନ ନେଇଯିବ କଳା ଡବାର ଖାଦ୍ୟ। ଆଜି ରାନ୍ଧିବାକୁ ଇଚ୍ଛା ହେଉନି ଆମେ ତୁରନ୍ତ ଖାଦ୍ୟ ଅର୍ଡର କରିଦେଉ। ଡେଲିଭରି ବୟ ଆସି ଆମ ହାତକୁ ଖାଇବା ବଢ଼ାଇ ଦିଏ। ଆମେ କଳା ଡବା ଭିତରୁ ସୁଆଦିଆ ଖାଦ୍ୟ ବାହାର କରି ବେଶ ମଜାରେ ଖାଇଥାଉ। ଅନେକ ଖାଇଲା ପରେ ଡବାକୁ ସଫା କରି ରଖିଦେଇଥାନ୍ତି। ପରେ କାମରେ ଆସିବ। କିନ୍ତୁ ଏସବୁ କାମ ଆମ ପାଇଁ ଦିନେ ସଜା ହୋଇଯିବ କେବେ ଚିନ୍ତା କରିନଥାଉ। କଳା ପ୍ଲାଷ୍ଟିକ ଡବାକୁ ନେଇ ଆହୁରି ଚକିତ କଲା ପରି କଥା ଅଛି। ଯାହା ଆପଣଙ୍କୁ ଜାଣିବା ନିହାତି ଦରକାର। ହୋଟେଲରେ ଖାଦ୍ୟ ପ୍ୟାକ ହେଉଥିବା ବ୍ଲାକ ପ୍ଲାଷ୍ଟିକ ଡବା ।ପ୍ରାୟ ହୋଟେଲରେ ଖାଦ୍ୟ ପ୍ୟାକ ପାଇଁ କଳା ରଂଗର ପ୍ଲାଷ୍ଟିକ ବକ୍ସ ବ୍ୟବହାର କରାଯାଇଥାଏ।ଯେତେବେଳେ ଆମେ ଏହି କଣ୍ଟେନରରେ ଖାଦ୍ୟ ପ୍ୟାକ କରୁଛୁ ସେଠି ମହଜୁଦ ଥିବା କିଛି ବିଷାକ୍ତ କଣିକା ଆମ ଖାଦ୍ୟରେ ମିଶିଯାଇଥାଏ। ଆଉ ଖାଇବା ସହ ଆମ ଶରୀରର ଭିତରକୁ ଯାଇଥାଏ। ଯାହା ପରେ ଆମ ଶରୀରର କ୍ଷତି କରିଥାଏ। ଏହି ପ୍ଲାଷ୍ଟିକ ବକ୍ସରେ ଯଦି ଅଧିକ ଗରମ ଖାଦ୍ୟ ରଖାଯାଏ ନଚେତ ମାଇକ୍ରୋୱେଭରେ ରଖି ଖାଦ୍ୟ ଗରମ କରାଯାଏ ତେବେ କ୍ୟାନସର ହେବାର ଆଶଙ୍କା ବଢିଥାଏ। ସେହିପରି ରେସ୍ପିରେଟରୀ ସମସ୍ୟା ବଢିଥାଏ।ହରମନ ସନ୍ତୁଳନକୁ ବିଗାଡି ଥାଏ। ଯଦି ଆପଣବି ସେହି ଲୋକଙ୍କ ମଧ୍ୟରେ ସାମିଲ ଅଛନ୍ତି ତେବେ ଆଜି ହିଁ ଏହି ଅଭ୍ୟାସକୁ ବଦଳାନ୍ତୁ। ଆପଣଙ୍କୁ ଜଣାଇ ଦେଉଛୁ କି ବ୍ଲାକ ପ୍ଲାଷ୍ଟିକରେ ଅନେକ କ୍ଷତିକାରକ କ୍ୟାମିକାଲ ରହିଛି। ଚକିତ କଲା ପରି କଥା ହେଉଛି ପ୍ରଥମରୁ ପ୍ଲାଷ୍ଟିକ ବକ୍ସରେ କୌଣସି ହାନିକାରକ କେମିକାଲ ନଥାଏ। ବରଂ ଗରମ ଖାଇବା ରଖିଲେ ବା ଖାଇବା ଗରମ କଲେ ଏସବୁ ଉତ୍ପନ୍ନ ହୋଇଥାଏ। ଅନେକ ଖାଇବା ପରେ ଏହି ଡବାକୁ ସଫା କରି ସାଇତି ରଖନ୍ତି କାହିଁକି ନା ଆଗକୁ କାମରେ ଆସିବ। ପ୍ଲାଷ୍ଟିକର ଲଗାତାର ବ୍ୟବହାର କେବଳ ଆମ ଶରୀରକୁ କ୍ଷତି ପହଞ୍ଚାଏନି ବରଂ ପରିବେଶକୁ ବି ପ୍ରଦୂଷିତ କରୁଛି। ଏହାର ସୁରକ୍ଷିତ ବିକଳ୍ପ ହେଉଛି ଗରମ ଖାଦ୍ୟ କାଚ କିମ୍ବା ଷ୍ଟେନଲେସ୍ ଷ୍ଟିଲ ପାତ୍ରରେ ରଖିବା ଉଚିତ। ମାଇକ୍ରୋୱେଭ ପ୍ଲାଷ୍ଟିକ ବକ୍ସ ଏଡାଇବା ଦରକାର।ସେଗୁଡିକ ଶୁଖିଲା ଜିନିଷ ରଖିବାରେ ବ୍ୟବହାର କରିହେବ। ଯଦି ସୁସ୍ଥ ରହିବାକୁ ଚାହୁଁଛନ୍ତି ବେଳ ଥାଉ ଥାଉ ସୁଧୁରିଯାଆନ୍ତୁ।

# କେଉଁ ଭିଟାମିନ ଅଭାବରୁ କେଶ ଧଳା ହୁଏ

କେଶ ଧଳା ହେବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ଯାହା କେବଳ ବୟସ୍କ ଲୋକଙ୍କ ମଧ୍ୟରେ ନୁହେଁ ବରଂ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି। କେଶ ଆମ ମୁଣ୍ଡର ମୁକୁଟ ଏବଂ ଆମର ବ୍ୟକ୍ତିତ୍ୱକୁ ପରିଭାଷିତ କରେ। ତଥାପି, କେଶ ଝଡ଼ିବା ଏବଂ ଧଳା ହେବା ବହୁତ ସାଧାରଣ। କିନ୍ତୁ କେଶ ଧଳା ହେବାର ମୁଖ୍ୟ କାରଣ ଭିଟାମିନ୍ ଅଭାବ ହୋଇପାରେ। ଉପଯୁକ୍ତ ପୁଷ୍ଟିସାର ଅଭାବ ଶରୀରର ଅନେକ ଅଂଶକୁ ପ୍ରଭାବିତ କରେ, ଏବଂ କେଶ ରଙ୍ଗ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ତେବେ ଆସନ୍ତୁ ଜାଣିବା କେଉଁ ଭିଟାମିନ୍ ଅଭାବରୁ କେଶ ଧଳା ହୋଇଥାଏ ଏବଂ ସେଗୁଡ଼ିକୁ ସମାଧାନ କିପରି କରିବା।

**ଭିଟାମିନ୍ ବି୧୨ ଅଭାବ:** ଭିଟାମିନ୍ ବି୧୨ କେଶ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା କେଶ ମୂଳକୁ ପୋଷଣ କରିବାରେ ସାହାଯ୍ୟ କରେ ଏବଂ ହେୟାର ଫଲିକ୍ସରେ ମେଲାନିନ୍ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ। ମେଲାନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ଧଳା ହୋଇଥାଏ। ଭିଟାମିନ୍ ବି୧୨ ଅଭାବରେ ମଧ୍ୟ ଥକାପଣ, ଦୁର୍ବଳତା ଏବଂ ରକ୍ତହୀନତା ଭଳି ସମସ୍ୟା ସୃଷ୍ଟି କରିପାରେ। ଭିଟାମିନ୍ ବି୧୨ ଅଭାବ ଦୂର କରିବା ପାଇଁ, ମାଂସ, ଅଣ୍ଡା, କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ ସେବନ କରନ୍ତୁ। ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି୧୨ ପରିପୂରକ ଏକ ଭଲ ବିକଳ୍ପ ହୋଇପାରେ।

**ଭିଟାମିନ୍ ଡି ଅଭାବ:** ଭିଟାମିନ୍ ଡି କେବଳ ହାଡ଼ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ କେଶ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଜରୁରୀ। ଏହା କେଶ ମୂଳକୁ ମଜବୁତ କରେ ଏବଂ ନୂତନ କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଭିଟାମିନ୍ ଡି ଅଭାବ କେଶକୁ ପତଳା ଏବଂ ଦୁର୍ବଳ କରିପାରେ। ଯାହା ଧଳା ହେବାର ଆଶଙ୍କା ବୃଦ୍ଧି କରେ। ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ ଡିର ସର୍ବୋତ୍ତମ ଉତ୍ସ। ପ୍ରତିଦିନ ସୂର୍ଯ୍ୟକିରଣରେ କିଛି ସମୟ ବିତାଇବା ଦ୍ୱାରା ଭିଟାମିନ୍ ଡି ଅଭାବ ଦୂର ହୋଇପାରିବ। ଏହା ସହିତ, ମାଛ, ଅଣ୍ଡା କେଶର ଏବଂ ଛତୁ ପରି ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ଲାଭଦାୟକ ହୋଇପାରେ।

**ଭିଟାମିନ୍ ଇ ଅଭାବ:** ଭିଟାମିନ୍ ଇ ଏକ ଆଣ୍ଟିଅକ୍ସିଡାଣ୍ଟ । ଯାହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ମୁଣ୍ଡରେ ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ। ଭିଟାମିନ୍ ଇ ଅଭାବ କେଶକୁ ଦୁର୍ବଳ କରିପାରେ ଏବଂ ଧଳା ହେବାକୁ ତ୍ୱରାନ୍ୱିତ କରିପାରେ। ଆପଣଙ୍କର ଭିଟାମିନ୍ ଇ ଆବଶ୍ୟକତା ପୂରଣ କରିବା ପାଇଁ ବାଦାମ, ରାଶି ଏବଂ ସବୁଜ ପତ୍ରଯୁକ୍ତ



ପନିପରିବା ଖାଆନ୍ତୁ। ଆପଣ ଭିଟାମିନ୍ ଇ ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ। କିନ୍ତୁ କେବଳ ଡାକ୍ତରଙ୍କ ପରାମର୍ଶ ପରେ।

**ଭିଟାମିନ୍ 'ଏ' ଅଭାବ:** ଭିଟାମିନ୍ 'ଏ' କେଶ ମୂଳକୁ ଆବଶ୍ୟକୀୟ ତେଲ ଉତ୍ପାଦନକୁ ନିୟନ୍ତ୍ରଣ କରେ। ଏହି ଅଭାବ ଶୁଷ୍କ ମୁଣ୍ଡର କାରଣ ହୋଇପାରେ ଏବଂ ଧଳା ହେବାର ସମ୍ଭାବନାକୁ ବୃଦ୍ଧି କରିପାରେ। ଗାଜର, ଶାକରକନ୍ଦ, ପାଳଙ୍ଗ ଏବଂ ଅନ୍ୟାନ୍ୟ ହଳଦିଆ ଏବଂ କମଳା ରଙ୍ଗର ଫଳ ଏବଂ ପନିପରିବା ଖାଇବା ଏହି ଭିଟାମିନ୍ 'ଏ' ଅଭାବକୁ ଦୂର କରିବାରେ ସାହାଯ୍ୟ କରିପାରିବ।

**କେଶ ଧଳା ହେବାରେ ଅନ୍ୟାନ୍ୟ କାରଣ**


ଦୀର୍ଘକାଳୀନ ଚାପ କେଶ ମୂଳକୁ ଦୁର୍ବଳ କରିଥାଏ ଏବଂ ଧଳା କେଶ ସଂଖ୍ୟା ବୃଦ୍ଧି କରେ। ଯଦି ପରିବାରରେ କେଶ ଶୀଘ୍ର ଧଳା ହେବାର ଇତିହାସ ଅଛି, ତେବେ ଆପଣଙ୍କ କେଶ ମଧ୍ୟ ଶୀଘ୍ର ଧଳା ହୋଇପାରେ। ଧୂମପାନ କେଶରେ ଅକ୍ସିଡେଟିଭ୍ ଚାପ ବୃଦ୍ଧି କରେ, ଯାହା ଖୁବଶୀଘ୍ର ଧଳା ହୋଇପାରେ। କେଶ ଧଳା ହେବା ଏକ ସାଧାରଣ ପ୍ରକ୍ରିୟା। କିନ୍ତୁ ଯଦି ଏହା କମ୍ ବୟସରେ ହୁଏ, ତେବେ ଏହା ପୁଷ୍ଟିକର ଅଭାବର ଏକ ଲକ୍ଷଣ ହୋଇପାରେ। ଭିଟାମିନ୍ ବି୧୨, 'ଡି', 'ଇ', ଏବଂ ଏ ର ଅଭାବ କେଶ ଧଳା ହେବାର ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ। ଏହି ସମସ୍ୟାକୁ ଉପଯୁକ୍ତ ଖାଦ୍ୟ, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ଏକ ସୁସ୍ଥ ଜୀବନଶୈଳୀ ଦ୍ୱାରା ପରିଚାଳନା କରାଯାଇପାରିବ।

# ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇବା ଅନୁଚିତ



ଖାଦ୍ୟ ଖାଇବାର ତୁରନ୍ତ ପରେ ପାଣି ପିଇବା ସାଧାରଣତଃ ଲୋକଙ୍କର ଏକ ଅଭ୍ୟାସ। କିନ୍ତୁ ଜାଣନ୍ତି କି ଏହା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ? ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପ୍ରଥମେ ପାଚନ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ, ଯାହାଦ୍ୱାରା ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ ତାହା ବୁଝିବା ସହଜ ହେବ। ବୈଜ୍ଞାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଖାଇବା ପରେ ତୁରନ୍ତ ପାଣି ପିଇବା ଶରୀର ପାଇଁ କ୍ଷତିକାରକ। ତାହା ଆମେ ସମସ୍ତେ ଜାଣୁ। ଘରର ବୟସ୍କ ଲୋକମାନେ ଖାଇବା ପରେ ପାଣି ପିଇବା ମଝିରେ କିଛି ସମୟର ଗ୍ୟାପ୍ ଦେବା ପାଇଁ କହିଥାନ୍ତି। ନିଶ୍ୱାସ ପ୍ରଶ୍ୱାସ ନେବା ଶରୀର ପାଇଁ ଯେତିକି ଜରୁରି, ପାଣି ପିଇବା ମଧ୍ୟ ଠିକ୍ ସେତିକି। ଏହା ଆମ ଶରୀରକୁ କେବଳ ସତେଜ ରଖି ନଥାଏ, ବରଂ ଶରୀର ଭିତରେ ହେଉଥିବା ପ୍ରକ୍ରିୟାରେ ମଧ୍ୟ ସହଯୋଗ କରିଥାଏ। କୁହାଯାଏ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ମଧ୍ୟ ତ୍ୱଚାରେ ଚମକ ଆସିଥାଏ। କିନ୍ତୁ ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ। ଚାଲନ୍ତୁ ସେ ବିଷୟରେ ଜାଣିବା। ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ଖାଇବାର ତୁରନ୍ତ ପରେ ଆଦୌ ପାଣି ପିଇବା ଅନୁଚିତ୍। ବିଶେଷଜ୍ଞଙ୍କ ମତରେ ଖାଇବାର ଅଧା ଘଣ୍ଟା ପୂର୍ବରୁ ଓ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। କାରଣ ତରଳ ଖାଦ୍ୟ ପେଟରୁ ପ୍ରାୟ ୨୦ରୁ ୩୦ ମିନିଟ୍ରେ ବାହାରି ଯାଇଥାଏ। ଯେତେବେଳେ ଖାଦ୍ୟ ହଜମ ହେବା ପାଇଁ ୩ରୁ ୪ ଘଣ୍ଟା ସମୟ ଲାଗିଥାଏ। ଯଦି ଖାଇବା ପରେ ତୁରନ୍ତ ପାଣି ପିଉଛନ୍ତି, ତେବେ ହଜମ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଥିବା ଏନ୍ଜାଇମ୍ଗୁଡିକ ଖାଦ୍ୟକୁ ହଜମ କରିବାରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ବ୍ଲୋଟିଂ ପରି ସମସ୍ୟା ସୃଷ୍ଟି ହୋଇଥାଏ। ଅବଶ୍ୟ ଯେଉଁମାନେ କମ୍ ଖାଦ୍ୟ ଖାଇଥାନ୍ତି, ସେମାନେ ଖାଇବା ସମୟରେ ସାମାନ୍ୟ ପାଣି ପିଇପାରିବେ। କାରଣ ଏମାନଙ୍କ କ୍ଷେତ୍ରରେ ଓଭର୍ଇଟିଂ ଆଶଙ୍କା କମ୍ ରହିଥାଏ। ଯେତେବେଳେ ଆମେ ଖାଦ୍ୟ ଖାଉଛେ, ଆମ ଶରୀରରେ ହଜମ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଖାଦ୍ୟକୁ ହଜମ କରାଇବା ପାଇଁ ଲାଳ ଓ ହଜମ କରାଉଥିବା ଏନ୍ଜାଇମ୍ କ୍ଷରଣ ହୋଇଥାଏ। ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ପାଣି ପିଇବା ଦ୍ୱାରା ଏନ୍ଜାଇମ୍ଗୁଡିକ ଠିକ୍ ଭାବେ କାମ କରିପାରି ନଥାନ୍ତି। ଫଳରେ ଭୋଜନକୁ ହଜମ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାବ୍ୟତୀତ ଖାଇବା ପୂର୍ବରୁ ପାଣି ପିଇବା ଦ୍ୱାରା ପେଟ ଭରିଯାଏ, ତେଣୁ ଆବଶ୍ୟକ ଖାଦ୍ୟ ଖାଇବା ସମ୍ଭବ ହୁଏନା। ତେଣୁ କିଛି ସମୟ ପରେ ପୁଣି ଭୋକ ଲାଗିବା ସ୍ୱାଭାବିକ। ଏପରି କରିବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ବଢିଥାଏ। ତେଣି ବିଶେଷଜ୍ଞଙ୍କ ମତରେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରିବା ପାଇଁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପୂର୍ବରୁ ଏକ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି ଓ ପେଟ ଯନ୍ତ୍ରଣା ପରି ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ପାଣି ଖାଦ୍ୟକୁ ହଜମ କରୁଥିବା ଏନ୍ଜାଇମ୍କୁ ପତଳା କରିଦେଇଥାଏ। ତେଣୁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପରେ ପାଣି ପିଇବା ଉଚିତ୍

# ମୁହଁରେ ଦେଖାଯାଉଥିବା ସଂକେତରୁ ବଢ଼ିପାରେ ଫ୍ୟାଟି ଲିଭର



ଫ୍ୟାଟି ଲିଭର ସମସ୍ୟା ଏବେ ବିଶ୍ୱରେ ଖୁବ୍ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭିତରୁ ଗୋଟିଏ। ଯାହା ଚୁପ୍ ଚାପ୍ ଶରୀରରକୁ ଆକ୍ରାନ୍ତ କରିଥାଏ। କାହାକୁ ଜଣା ବି ପଡ଼ି ନଥାଏ ଯେ ତାଙ୍କ ଲିଭର ଡ୍ୟାମେଜ୍ ହେଉଛି। ଯେବେ କି ସ୍ଥିତି ଗମ୍ଭୀର ହୋଇଯାଇଥାଏ। ଅଧିକାଂଶ ଲୋକ ଜାଣନ୍ତି ଅଧିକ ମଦ୍ୟପାନ କରିବା ଦ୍ୱାରା ଲିଭର ଖରାପ ହୋଇଯାଇଥାଏ। କିନ୍ତୁ ଫ୍ୟାଟି ଲିଭର କେବଳ ମଦ୍ୟପାନ ପାଇଁ ନୁହେଁ, ବରଂ ମୋଟାପଣ, ଟାଇପ୍-2 ଡାଇବେଟିସ୍ , ହାଇ ବ୍ଲଡ୍ ପ୍ରେସର ଓ ହାଇକୋଲେଷ୍ଟ୍ରୋଲ ଲିଭରରେ ଫ୍ୟାଟ୍ ଜମା କରି ଦେଇଥାଏ। ଏହାକୁ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ କୁହାଯାଇଥାଏ। ସଠିକ୍ ସମୟରେ ଏହାର ଚିକିତ୍ସା ନହେଲେ ପରବର୍ତ୍ତୀ ସମୟରେ ଏହା ଏକ ବଡ଼ ରୂପ ନେଇପାରେ। ଆଶ୍ଚର୍ଯ୍ୟକର କଥା ହେଉଛି, ଫ୍ୟାଟି ଲିଭରର ଝଲକ ତ୍ୱଚରେ ଦେଖାଯାଇଥାଏ। ହଁ, ଠିକ୍ ଶୁଣିଲେ। ଆପଣଙ୍କ ତ୍ୱଚାରେ କିଛି ଖାସ୍ ସଂକେତ ସୂଚାଇଥାଏ ଆପଣଙ୍କ ଲିଭର ଠିକ୍ ରେ କାମ କରୁଛି ନା ନାହିଁ। ହେଲ୍ଥ ଏକ୍ସପର୍ଟଙ୍କ କହିବା ଅନୁସାରେ ଏହାକୁ ଆଦୌ ଅଣଦେଖା କରନ୍ତୁନି।

**ମୁହଁ ଫୁଲିଯିବା:** ଯେତେବେଳେ ଲିଭର ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ଶରୀରରେ ପ୍ରୋଟିନ୍ ଏବଂ ତରଳ ପଦାର୍ଥର ସନ୍ତୁଳନ ବିଗିଡ଼ି ଯାଇଥାଏ। ଏହାର ପ୍ରଭାବ ମୁହଁ ଉପରେ ପଡ଼ିଥାଏ। ଅନେକ ସମୟରେ ଆଖି ଏବଂ ଗାଲ ଚାରିପାଖ ଫୁଲି ଯାଇଥାଏ। ଯଦି ତ୍ୱଚାରେ ଏମିତି ବାରମ୍ବାର ଦେଖା ଯାଉଛି, ଆଉ ଏହାର କୌଣସି ସ୍ପଷ୍ଟ କାରଣ ନାହିଁ, ତାହେଲେ ଏହା ଆଲର୍ଜି , କମ୍ ନିଦ, ଲିଭରରେ ଅସୁବିଧା ଯୋଗୁ ଏହି ବିପଦ ଦେଖା ଦେଇଥାଏ।

**ବେକରେ କଳାଦାଗ:** ଅନେକ ଲୋକଙ୍କୁ ଜଣା ପଡ଼େନି କେତେବେଳେ ତାଙ୍କ ବେକରେ କଳା ଦାଗ ଦେଖା ଯିବା ଆରମ୍ଭ ହୋଇଯାଇଥାଏ। ମେଡିକାଲ୍ ଭାଷାରେ ଏହାକୁ ଏକେଥୋସିସ୍ ନାଇଗ୍ରିକନ୍ସ କୁହାଯାଇଥାଏ। ଏହି ସମସ୍ୟା ସେ ସମୟରେ ହୋଇଥାଏ ଯେତେବେଳେ ଶରୀରର ଇନସୁଲିନ୍ ବଢ଼ିଯାଇଥାଏ। ଇନସୁଲିନ୍ ପ୍ରତିରୋଧ, ଶରୀରର ଇନସୁଲିନ୍ ସଠିକ୍ ଭାବରେ ବ୍ୟବହାର କରିବାରେ ଅସମର୍ଥତା, ଫ୍ୟାଟି ଲିଭର ସହିତ ଜଡିତ। ତେଣୁ, ବେକର ପଛ କିମ୍ବା ପାର୍ଶ୍ୱରେ କଳା ପଡ଼ିବା ଯକୃତ ଏବଂ ମେଟାବୋଲିକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

**ମୁହଁ ଲାଲ୍ ଦେଖାଯିବା:** କିଛି ଲୋକଙ୍କ ମୁହଁରେ ଲାଲ୍ ଦେଖା ଯାଇଥାଏ। କେତେକ ସମୟରେ,ମୁହଁର ଶିରା ଅଧିକ ସ୍ପଷ୍ଟ ହୋଇଯାଏ କିମ୍ବା ଛୋଟ ଛୋଟ ବ୍ରଣ ଦେଖାଯାଏ। ଏହି ଲକ୍ଷଣଗୁଡ଼ିକ ସାଧାରଣ ଲାଗିପାରେ ,କିନ୍ତୁ ଯେତେବେଳେ ମୁହଁ ଫୁଲିବା ଏବଂ ବେକ କଳା ହେବା ଭଳି ଅନ୍ୟାନ୍ୟ ଲକ୍ଷଣ ଏକା ସହ ଦେଖା ଦେଇଥାଏ। ତେବେ ଏହା ଫ୍ୟାଟି ଲିଭର ସମସ୍ୟାକୁ ଦର୍ଶାଇଥାଏ। ଲିଭର ଡ୍ୟାମେଜ୍ ହେବା ଶରୀରର ଆହୁରି ଅନେକ ଲକ୍ଷଣ ଦେଖା ଦେଇଥାଏ। ଯେମିତି କି ଜିଙ୍କ୍ ଅଭାବ ମୁହଁ ଚାରିପାଖରେ ଫୋଟକା କିମ୍ବା ଜ୍ୱଳନ ହୋଇପାରେ।

ଏମିତି କିଛି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ତେବେ ମନେ ରଖନ୍ତୁ କେବଳ ମୁହଁର ଲକ୍ଷଣ ଗୁଡ଼ିକୁ ସମାଧାନ କରିବା ଯଥେଷ୍ଟ ନୁହେଁ। ଏହା ସହ ଲିଭର ସଠିକ୍ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଓଜନ ଠିକ୍ ରଖନ୍ତୁ , ନିୟମିତ ବ୍ୟାୟାମ କରିନ୍ତୁ, ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁନି।

